


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୪ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 14 APRIL 2025

Vol.No. 36 ■ No.98 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ୟୁକ୍ରେନ-ରୁଷ ଯୁଦ୍ଧ ସମାପ୍ତି ପାଇଁ ଆଲୋଚନା ସଠିକ୍ ଦିଗରେ ଚାଲିଛି : ଟ୍ରମ୍ପ



ୱାଶିଂଟନ ୧୩ ଅପ୍ରେଲ (ହି.ସ)- ଆମେରିକାର ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ୟୁକ୍ରେନ ଏବଂ ରୁଷ ମଧ୍ୟରେ ଯୁଦ୍ଧ ସମାପ୍ତି ପାଇଁ ଆଲୋଚନା ସମ୍ଭବତଃ ସଠିକ ଦିଗରେ ଅଗ୍ରସର ହେଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏୟାର ଫୋର୍ସ ୱାନରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଥିଲେ ଯେ ଯୁଦ୍ଧ ସମାପ୍ତି କରିବା ପାଇଁ ଆଲୋଚନା ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଯାହା ସଠିକ ଦିଗରେ ଅଗ୍ରସର ହେଉଛି।କିନ୍ତୁ ଏପରି ଏକ ସମୟ ଆସେ ଯେତେବେଳେ ତୁମକୁ କିଛି କରିବାକୁ ପଡିଥାଏ।ନଚେତ ଚୁପ ରହିବାକୁ ପଡିବ।ଡ୍ରୋନାଲ୍ଡ ଟ୍ରମ୍ପଙ୍କ ବିବୃତ୍ତି ଏପରି ସମୟରେ ଆସିଛି, ଯେତେବେଳେ ଅତୀତରେ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିୱ ୱିଟକାଫ ପରାମର୍ଶ ଦେଇଥିଲେ ଯେ ଯଦି ଆମେରିକା ୟୁକ୍ରେନକୁ ବିଭାଜିତ କରିବା ପାଇଁ ରୁଷର ସର୍ତ୍ତକୁ ଗ୍ରହଣ କରେ ,ତେବେ ଯୁଦ୍ଧ ବିରତି ସମ୍ଭବ।ଏହି ବିବୃତ୍ତିକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା।

▶▶ପୃଷ୍ଠା ୭

## ହିଂସା ପ୍ରଭାବିତ ମୁର୍ଶିଦାବାଦରେ ଅର୍ଦ୍ଧସାମରିକ ବଳ : ରାତିସାରା ସର୍ଚ୍ଚ ଅପରେସନ

### ହିଂସାରେ ତିନିଜଣଙ୍କ ମୃତ୍ୟୁ :୧୩୮ ଗିରଫ



କୋଲକାତା ୧୩ ଅପ୍ରେଲ (ହି.ସ)-ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ୱକ୍ଫ ଆଇନରେ ସଂଶୋଧନ ବିରୋଧରେ ଶୁକ୍ରବାର ଏବଂ ଶନିବାର ଲଗାତାର ହୋଇଥିବା ଦୁଇଦିନ ଧରି ହିଂସାରେ ତିନିଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏପର୍ଯ୍ୟନ୍ତ ୧୩୮ ଜଣଙ୍କୁ ଗିରଫ କରାଯାଇଛି। ମୃତକଙ୍କ ମଧ୍ୟରେ ଜଣେ ବାପା-ପୁଅଙ୍କୁ ଭିଡ ଦ୍ୱାରା ନିର୍ମମ ଭାବରେ ହତ୍ୟା କରାଯାଇଛି ଏବଂ ଜଣେ ଯୁବକ ସୁରକ୍ଷା ବାହିନୀର ଫାୟାରିଙ୍ଗରେ ମୃତ୍ୟୁ ହୋଇଥିବା କୁହାଯାଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଶନିବାର ରାତିସାରା ଅର୍ଦ୍ଧସୈନିକ ବଳ ସୁତୀ ଏବଂ ଶମଶେରଗଞ୍ଜ

▶▶ପୃଷ୍ଠା ୭

## ରାଜନୈତିକ ହିଂସାକୁ ନେଇ ସରଗରମ ଯାଜପୁର: ପୂର୍ବତନ ବିଧାୟକଙ୍କ ଗାଡ଼ି ଉପରେ ଆକ୍ରମଣ



ଯାଜପୁର, ୧୩/୦୪ : ନି.ପ୍ର) ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡ଼ି ଉପରେ ହମଲାକୁ ନେଇ ତୀବ୍ର ହୋଇଛି ଆରୋପ ପ୍ରତ୍ୟାରୋପ। ଆଜି ଆରୁହା ଗାଁକୁ ହିଙ୍ଗୁଳା ଯଜ୍ଞରେ ଯୋଗ ଦେବାକୁ ଯାଉଥିବା ବେଳେ ପ୍ରଣବଙ୍କ ଗାଡ଼ି ଉପରେ ହୋଇଛି ଆକ୍ରମଣ। ପୁଣି ଚର୍ଚ୍ଚାକୁ ଫେରିଛି ଯାଜପୁର ରାଜନୀତି। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡ଼ି ଉପରେ ହମଲାକୁ ନେଇ ତୀବ୍ର ହୋଇଛି ଆରୋପ ପ୍ରତ୍ୟାରୋପ। ଆଜି ଆରୁହା ଗାଁକୁ ହିଙ୍ଗୁଳା ଯଜ୍ଞରେ ଯୋଗ ଦେବାକୁ ଯାଉଥିବା ବେଳେ ପ୍ରଣବଙ୍କ ଗାଡ଼ି ଉପରେ ହୋଇଛି ଆକ୍ରମଣ। ଘଟଣା ପଛରେ ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକଙ୍କ ସଂପୃକ୍ତି ଥିବା ପ୍ରଣବ ବଳବନ୍ତରାୟ ଅଭିଯୋଗ କରିଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି ହିମାଂଶୁ। କହିଛନ୍ତି ଏହା ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ।

▶▶ପୃଷ୍ଠା ୭

## ତିନି ଦିନିଆ ପ୍ରଶିକ୍ଷଣ ଶିବିର ଶେଷ



ପୁରୀ, ୧୩/୦୪ : (ନି.ପ୍ର) ଶେଷ ହୋଇଛି ବିଜେପିର ତିନି ଦିନିଆ ପ୍ରଶିକ୍ଷଣ ଶିବିର। ନୀତି, ନୈତିକତା ଏବଂ ଆଚରଣ ଉଚ୍ଚାରଣର ପାଠ ପଢିଲେ ବିଧାୟକ ଏବଂ ସାଂସଦ। ପୁରୀରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଶେଷ ଦିନରେ ବହୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଦେଇଛନ୍ତି ବିଜେପି ସଂଗଠନର ଟପ୍ ଥ୍ରୀ ନେତୃତ୍ୱ। ଶେଷ ହୋଇଛି ବିଜେପିର ତିନି ଦିନିଆ ପ୍ରଶିକ୍ଷଣ ଶିବିର। ନୀତି, ନୈତିକତା ଏବଂ ଆଚରଣ ଉଚ୍ଚାରଣର ପାଠ ପଢିଲେ ବିଧାୟକ ଏବଂ ସାଂସଦ। ପୁରୀରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ଶେଷ ଦିନରେ ବହୁ ଗୁରୁତ୍ୱପୂର୍ଣ୍ଣ

▶▶ପୃଷ୍ଠା ୭


DADLS-12



ବାର୍ତ୍ତା



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

OIPR : 15001/13/0509/2425



DADLS-12

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଏହି ଦିବସରେ ଆସନ୍ତୁ, ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0509/2425

# ବନଦୁର୍ଗା ମହୋତ୍ସବ ହେଲା ଉଦ୍‌ଯାପିତ : ଶାନ୍ତି, ମୁକ୍ତି, ପ୍ରଗତି ନହେଲେ ହେବ କ୍ରାନ୍ତି : ନରସିଂହ

ବଲାଙ୍ଗୀର,୧୩/୪(ନି।ପ୍ର): – ଅଂଚଳର ଲୋକେ ସରଳ, ଏକ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆମ ଲୋକେ ନିଜର ଘର ଦ୍ୱାର, ଜମି, ଜଙ୍ଗଲ, ବିଦ୍ୟାଳୟ, ମନ୍ଦିର, ଆତ୍ମୀୟ ସ୍ୱଜନ ଛାଡି କିଏ ଥଇଥାନ କଲୋନି ଗଲେ କିଏ ପୁଣି ନିଜସ୍ୱ ଉଦ୍ୟମରେ ଥଇଥାନ ହେଲେ। ଏହି ଜିଲ୍ଲା ଶସ୍ୟ ଶ୍ୟାମଳ ହେବ ବୋଲି, ପ୍ରଗତିର ରାସ୍ତା ରେ ଆଗକୁ ବଢିବ ବୋଲି ନିଜର ସବୁ କିଛି ତ୍ୟାଗ କଲେ କିନ୍ତୁ ଏପରି ଏକ ଘଡିସନ୍ଧି ସମୟରେ ପ୍ରଶାସନ ଓ ସରକାର ସମ୍ବେଦନଶୀଳ ହେବା ବଦଳରେ ତାଙ୍କୁ ସର୍ବନିମ୍ନ ମୌଳିକ ଅଧିକାର ପ୍ରଦାନକୁ ମଧ୍ୟ ନିଶ୍ଚିତ କରି ପାରିପାରିଲେ ନାହିଁ। ତେଣୁ ଏହି ଶାନ୍ତିପୂର୍ଣ୍ଣ ଲୋକେ ଅଂଚଳର ପ୍ରଗତି ପାଇଁ ନିଜେ ସେମାନେ ସମସ୍ୟାରେ ଜର୍ଜରିତ। ତେଣୁ ଲୋକମାନଙ୍କୁ ସମସ୍ୟାରୁ ମୁକ୍ତି ନିହାତି ଦରକାର ନ ହେଲେ ପ୍ରଶାସନ ଓ ସରକାର ଜାଣି ରଖନ୍ତୁ ଏହି ଅଂଚଳର ଲୋକଙ୍କ ମନରେ କ୍ରାନ୍ତୀର ନିଆଁ ଲାଗିବ ବୋଲି ଆଜି ଲୋୟର ସୁକତେଲ ଡେମ୍ ପାଦ ଦେଶରେ ଆୟୋଜିତ ବନଦୁର୍ଗା ମହୋତ୍ସବର ଉଦ୍ ?ଯାପନି ସନ୍ଧ୍ୟାରେ ଉତ୍ସବ କମିଟିର ଅଧକ୍ଷ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ ଶାନ୍ତି, ମୁକ୍ତି, ପ୍ରଗତି ନହେଲେ କ୍ରାନ୍ତୀ ହେବ ବୋଲି ବାର୍ତା ଦେଇଛନ୍ତି । ଗତ ୫ ଦିନ ଧରି ଚାଲିଥିବା ଏହି ଉତ୍ସବର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ମିଶ୍ର ଏହି ଅଂଚଳର ବିସ୍ଥାପିତମାନେ ଭୋଗୁଥିବା ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ସାମୁହିକ ଉଦ୍ୟମ ଲୋଡା ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ଅର୍ଥ ମନ୍ତ୍ରୀ ପଂଚାନନ କାନୁନଗୋ ବିସ୍ଥାପିତଙ୍କ ମୌଳିକ ଅଧିକାରର ସୁରକ୍ଷାକୁ ଯେପରି ନିଶ୍ଚିତ କରାଯିବ ସେ ଦିଗରେ ପ୍ରସ୍ତାବ ଓ ଦାବିପତ୍ର ମାଧମରେ ସରକାରଙ୍କୁ ଅବଗତ କରିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଓ କଥାକାର ରବି ଦାସ କହିଥିଲେ ଏ ମହୋତ୍ସବ ସାରା ଦେଶରେ ବିରଳ, ଜଳସେଚନ ପାଇଁ ନିଜର ବହୁମୁଲ୍ୟ ଚାଷ ଜମି ହରାଇଥିବା ଲୋକଙ୍କୁ ସରକାର ଜମି ବଦଳରେ ଜମି ଦେଇପାରିଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଯେହେତୁ ସରକାରଙ୍କ ନିୟମ ଅଛି ଭୂମିହୀନ ବିସ୍ଥାପିତଙ୍କୁ ଜମି ଓ ଡିହ ସରକାର ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗୋପାଳଜୀ ପାଣିଗ୍ରାହୀ ସୁକତେଲ ପାଇଁ କରାଯାଇଥିବା ଆନ୍ଦୋଳନ ଓ ସଂଘର୍ଷର କଥା ଲୋକଙ୍କୁ ମନେ ପକାଇଥିଲେ। ସାମ୍ବାଦିକ ଅଖିଳ ହୋତା ଏହି ଉତ୍ସବକୁ ଏକ ଐତିହାସିକ ମହୋତ୍ସବ କରିବା ସହ ଏଠାରେ ଆୟୋଜିତ ହେଉଥିବା ନୃତ୍ୟ ସଂଗୀତ ଆଗାମୀ ଦିନରେ ଲୋକଙ୍କର ସମସ୍ୟା ସମାଧାନ ନହେଲେ ପ୍ରଳୟ ହୋଇପାରେ ବୋଲି କହିବା ସହ ଏହି ନୃତ୍ୟ ଗୀତ ଦାବି ହାସଲ ପାଇଁ ଶିବଙ୍କ ତାଣ୍ଡବ ନୃତ୍ୟର ପରିବର୍ତନ ହୋଇପାରେ ବୋଲି ମନେ ପକାଇଥିଲେ। ଉତ୍ସବ ସ୍ଥଳରେ ବିସ୍ଥାପିତମାନେ ନିଜର ବିଭିନ୍ନ ଦାବିପତ୍ର କୁ ଅତିଥି ଓ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ମାଗୁରବେଡା ସରପଂଚ ସଂଜୟ ଗଡତ୍ୟାଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନି ସଭାକୁ ସହ-ସଂପାଦକ ବିକାଶ ରଂଜନ ରଥ ସଂଯୋଜନା କରିଥିଲେ। ସଂପାଦକ ଜୟକୃଷ୍ଣ ମିଶ୍ର ସାଂସ୍କୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, କୋଷାଧକ୍ଷ ନରେନ୍ଦ୍ର ବିଶି, ସହ କୋଷାଧକ୍ଷ ଭରତ ସାହୁ, କୁସମେଲ ସରପଂଚ କୌସ୍ତୁଭ ସାହୁ, ରେଙ୍ଗାଲି ସରପଂଚ ହିମାଂଚଳ ମେହେର, ଗ.ଶ.ଡୁଙ୍ଗୁରିପାଲି ସରପଂଚ, ଖୁଂଟପାଲି ସରପଂଚ ତଥା ଉପଦେଷ୍ଟା ଲୋକନାଥ କୁମୁରା, ବେଲାରସିଂ ଭୋଇ, ସୁରୁ ମଟାରୀ, ଟଙ୍କଧର ଗଡତ୍ୟା, ଅଜୟ ଗଡତ୍ୟା, ବ୍ୟାସଦେବ ବନଛୋର, ପ୍ରମୋଦ ପଟେଲ, ଗିରିଧାରୀ ପୁଟା ପ୍ରମୁଖ ସହଯୋଗ କରିଥିଲେ। ଗୋପାଳ ପଣ୍ଡାଙ୍କ କଂସ ବଧ ବେଶ ଆକର୍ଷଣୀୟ ହୋଇଥିଲା।

## ମାଲବାହୀ ଟ୍ରେନର ଗୋଟିଏ ବଗିରେ ଲାଗିଲା ନିଆଁ

ଖୋର୍ଦ୍ଧା,୧୩/୪(ନି.ପ୍ର): ବାଲୁଗାଁ ଷ୍ଟେସନରେ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନର ଗୋଟିଏ ବଗିରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି। ତେବେ ଖବର ପାଇ ବାଲୁଗାଁ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଛି। ଫଳରେ ଏକ ବଡ ଦୁର୍ଘଟଣାରୁ ଟ୍ରେନଟି ଅଳ୍ପକେ ରକ୍ଷା ପାଇଛି। ସୂଚନା ଅନୁଯାୟୀ, ବିଶାଖାପାଟନମରୁ ଖଡ଼ଗପୁର ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନର ଗୋଟିଏ ବଗିରେ ନିଆଁ ଲାଗି ଧୂଆଁ ବାହାରୁଥିଲା। ଚିଲିକା ଷ୍ଟେସନରେ ଏହା ଜଣାପଡିବା ପରେ ଖୋର୍ଦ୍ଧା ରୋଡ ରେଳ ଡିଭିଜନ ପକ୍ଷରୁ ଟ୍ରେନଟିକୁ ବାଲୁଗାଁ ଷ୍ଟେସନର ୪ ନଂ ପ୍ଲାଟଫର୍ମରେ ଅଟକା ଯାଇ ନିଆଁକୁ ଲିଭାଯାଇଥିଲା। ତେବେ ଅତ୍ୟଧିକ ଖରା ଯୋଗୁଁ କୋଇଲାକୁ କୋଇଲା ଘଷି ହେବା ଫଳରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ସଂଘର ବରିଷ୍ଠ ପ୍ରଚାରକ ହରିଶଭାଇ ନାୟକଙ୍କ ବିୟୋଗରେ ପିଏମ ମୋଦିଙ୍କ ଶୋକ

ନୂଆଦିଲ୍ଲୀ, ୧୩/୦୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ହରିଶଭାଇ ନାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ମୋଦି କହିଛନ୍ତି ଯେ, ସେବା ଗତିବିଧି ଓ ସଙ୍ଗଠନାତ୍ମକ କାର୍ଯ୍ୟରେ ତାଙ୍କ ଯୋଗଦାନକୁ ସର୍ବଦା ସ୍ମରଣ କରାଯିବ । ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ, ସଂଘର ବରିଷ୍ଠ ପ୍ରଚାରକ ହରିଶଭାଇ ନାୟକଙ୍କ ବିୟୋଗରେ ଦୁଃଖ ହୋଇଛି । ସେବା ଗତିବିଧି ଓ ସଙ୍ଗଠନାତ୍ମକ କାର୍ଯ୍ୟରେ ତାଙ୍କ ଯୋଗଦାନ ସର୍ବଦା ସ୍ମରଣ କରାଯିବ । ସେ ତାଙ୍କ ପୂରା ଜୀବନ ଦେଶକୁ ସମର୍ପିତ କରିଦେଇଥିଲେ ତଥା ତାଙ୍କ ମୃତ୍ୟୁ ପରେ ତାଙ୍କ ଇଚ୍ଛାନୁସାରେ ତାଙ୍କ ଶରୀରକୁ ଆଗାମୀ ପିଢିକୁ ଶିକ୍ଷା ପାଇଁ ଦାନ କରାଯାଇଛି । ଈଶ୍ୱର ଦିବଂଗତ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ।

# କଥକ ଗୁରୁ କୁମୁଦିନୀ ଲାଖିଆଙ୍କ ବିୟୋଗ : ଦୁଃଖ ପ୍ରକାଶ କଲେ ପିଏମ ମୋଦି

ନୂଆଦିଲ୍ଲୀ୧୩/୪ : ପ୍ରସିଦ୍ଧ ଭାରତୀୟ କଥକ ନୃତ୍ୟାଙ୍ଗନା ଓ କୋରିଓଗ୍ରାଫର କୁମୁଦିନୀ ଲାଖିଆଙ୍କର ଶନିବାର ଗୁଜରାଟରେ ତାଙ୍କ ବାସଭବନରେ ବିୟୋଗ ହୋଇଛି । ସେ ୯୫ ବର୍ଷ ବୟସର ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁମୁଦିନୀ ଲାଖିଆଙ୍କ ବିୟୋଗରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, କଥକ ଓ ଭାରତୀୟ ଶାସ୍ତ୍ରୀୟ ନୃତ୍ୟରେ ତାଙ୍କ ଯୋଗଦାନ ସର୍ବଦା ସ୍ମରଣ କରାଯିବ । ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଯେ, ଜଣେ ଉତ୍କୃଷ୍ଟ ସାଂସ୍କୃତିକ ପ୍ରତୀକ ଭାବେ ନିଜ ପରିଚୟ ସୃଷ୍ଟି କରିଥିବା କୁମୁଦିନୀ ଲାଖିଆଙ୍କ ବିୟୋଗରେ ଅତ୍ୟନ୍ତ ଦୁଃଖ ହୋଇଛି । କଥକ ଓ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରତି ତାଙ୍କ ଉତ୍ସାହ ଗତ କିଛି ବର୍ଷରେ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟରେ ପରିଲକ୍ଷିତ ହୋଇଥାଏ । ଜଣେ ପ୍ରକୃତ ଅଗ୍ରଣୀ ଭାବେ, ସେ ନର୍ତ୍ତକୀର ଅନେକ ପିଢିକୁ ପୋଷିତ କରିଛି । ତାଙ୍କ ଯୋଗଦାନକୁ ସର୍ବଦା ସ୍ମରଣ କରାଯିବ । ତାଙ୍କ ପରିବାର ଛାତ୍ର ଓ ପ୍ରଶଂସକଙ୍କ ପ୍ରତି ସମବେଦନା ।

# ୱାକଫ୍ ଆଇନକୁ ବିରୋଧ ନାମରେ ହିଂସାକୁ ଅନୁମତି ଦେଉଛନ୍ତି ମମତା ସରକାର: ଅମିତ ମାଲଭୀୟ

କୋଲକାତା,୧୩/୪ ବିଜେପି ଆଇଟି ସେଲ ପ୍ରମୁଖ ତଥା ପଶ୍ଚିମବଙ୍ଗର ପ୍ରଭାରୀ ଅମିତ ମାଲଭୀୟ ୱାକଫ ଆଇନ ବିରୋଧ ଆଳରେ ରାଜ୍ୟରେ ହେଉଥିବା ହିଂସାକୁ ନେଇ ମମତା ବାନାର୍ଜୀ ସରକାର ଉପରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ସରକାର ଜାଣିଶୁଣି ରାଜ୍ୟର ବିଭିନ୍ନ ଅଂଚଳରେ ହେଉଥିବା ହିଂସାକୁ ଅଣଦେଖା କରୁଛନ୍ତି ଏବଂ ଭୋଟବ୍ୟାଙ୍କ ରାଜନୀତି ପାଇଁ ରାଜ୍ୟକୁ ଜଳିବାକୁ ଦେଉଛନ୍ତି । ଅମିତ ମାଲଭୀୟ ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ମୁର୍ସିଦାବାଦ ଜିଲ୍ଲାରେ ସଂଖ୍ୟାଲଘୁ ବହୁଳ ଶମଶେରଗଂଜ ଅଂଚଳର ଫଟୋ ସେୟାର କରିଛନ୍ତି, ଯେଉଁଥିରେ ହିନ୍ଦୁ ମହିଳା ତାଙ୍କର ଜଳୁଥିବା ଦୋକାନ ସାମ୍ନାରେ କାନ୍ଦୁଥିବାର ଦୃଶ୍ୟମାନ ହୋଇଛି । ୱାକଫ ଆଇନ ବିରୁଦ୍ଧ ବିକ୍ଷୋଭ ସମୟରେ ଉପଦ୍ରବକାରୀମାନେ ମହିଳାଙ୍କ ଦୋକାନ ଜାଳିଦେଇଥିଲେ । ମାଲଭୀୟ ଲେଖିଛନ୍ତି ଯେ, ଏହି ହିନ୍ଦୁ ମହିଳାଙ୍କର କଣ ଦୋଷ ଥିଲା ? ତାଙ୍କର ୱାକଫ ସହିତ କଣ ସଂପର୍କ ଥିଲା । ତାର ତ୍ରୁଟିକୁ କାହିଁକି ଜାଳିଦେଲେ ମମତା ବାନାର୍ଜୀ ? ରାଜ୍ୟ ପୋଲିସ କେଉଁଠି ଥିଲା ? ଏବେ ବି ଆପଣଙ୍କୁ ଯଦି ଲାଗୁଥାଏ ଯେ, ଏହି ହିଂସା କେବଳ ଏକ ବିଧେୟକକୁ ନେଇ, ତେବେ ଆପଣ ନିଜକୁ ଭ୍ରମିତ କରୁଛନ୍ତି ।

## ଧୁଷୁରୀ ପୋଲିସ ଦ୍ୱାରା କୋଇଲା ବୋଝେଇ ପିକଅପ ଜବତ, ଜଣେ ଗିରଫ

ଭଦ୍ରକ,୧୩/୪(ନି. ପ୍ର): ଏହି ଜିଲାର ଧାମନଗର ବ୍ଲକ ଅନ୍ତର୍ଗତ ପଙ୍ଗଟା ଛକ ଠାରେ ଶୁକ୍ରବାର ଧୁସୁରୀ ପୋଲିସ ଦ୍ୱାରା ରାତ୍ରି ପେଟ୍ରୋଲିଂ ସମୟରେ ୨ ଟି କୋଇଲା ବୋଝେଇ ପିକ୍‌ଅପ୍ ଜବତ କରିଛନ୍ତି । ୨ ଚାଳକ ମଧ୍ୟରୁ ଜଣେ ଫେରାର, ଅନ୍ୟ ଜଣେ କୋର୍ଟ ଚାଲାଣ କରାଯାଇଛି । ଧୁଷୁରି ଥାନା ରେ କେସ ନମ୍ବର ୧୬୧/୨୫ ଓ କେସ ନମ୍ବର ୧୬୨/୨୫ ରୁଜ୍ଜୁ କରି ଘଟଣାର ତଦନ୍ତ ଜାରି ରହିଛି । ଉକ୍ତ କୋଇଲା ଗାଡ଼ି ଜବତ ଧୁଷୁରି ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ୨ ଟି କୋଇଲା ବୋଝେଇ ଗାଡ଼ି ଧରା ପଡ଼ିଛି । ଆଗାମୀ ସମୟରେ ପେଟ୍ରୋଲିଂ କୁ କଡାକଡି କରାଯିବା ସହ ଚୋରା କୋଇଲା ଚାଲାଣ ଉପରେ ଅଧିକ ଦୃଷ୍ଟି ଦିଆଯିବ ବୋଲି ଆଇ ଆଇ ସି ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ସମର କ୍ରିକେଟ୍ କୋଚିଙ୍ଗ କ୍ୟାମ୍ପ ଉଦ୍ଘାଟିତ : ଭି ଭେଙ୍କଟରାମ ଦେଲେ ଗୁରୁମନ୍ତ୍ର

ଖୋର୍ଦ୍ଧା,୧୩/୪(ନି. ପ୍ର): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଏବଂ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଖୋର୍ଦ୍ଧା ମିଳିତ ଉଦ୍ୟମରେ ଖୋର୍ଦ୍ଧା ବି.ଜେ.ବି. ହାଇସ୍କୁଲ ମିନି ଷ୍ଟାଡିୟମ୍ ରେ ଦୁଇ ଦିନ ଧରି ସମର କ୍ରିକେଟ୍ କୋଚିଙ୍ଗ କ୍ୟାମ୍ପ ଆଜି ଉଦ୍ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରୁ ବିଭିନ୍ନ ବୟସ ବର୍ଗର ଶତାଧିକ କ୍ରିକେଟ୍ ଖେଳାଳି ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଓଡ଼ିଶା କ୍ରିକେଟ୍ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ଭି ଭେଙ୍କଟରାମ, କୋଚ୍ ଏମ ଭି ପ୍ରସାଦ ଏବଂ ପ୍ରଭାତ ନାୟକ ଉପସ୍ଥିତ ରହି ଖେଳାଳି ମାନଙ୍କର ତ୍ରୁଟି ସୁଧାରିବା ଏବଂ ଭବିଷ୍ୟତର ଖେଳକୁ ଆହୁରି ଶାଣିତ କରିବା ପାଇଁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ।ପ୍ରାରମ୍ଭରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭେଙ୍କଟ ରାମଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ସଂଘର କର୍ମକର୍ତା ପ୍ରମୁଖ। ଭେଙ୍କଟରାମ ତାଙ୍କ ଅଭିଭାଷଣରେ ଖେଳାଳି ମାନଙ୍କୁ ସମୟାନୁବର୍ତିତା, ଧର୍ଯ୍ୟ, ଉତମ ବ୍ୟବହାର ଏବଂ ଅଭ୍ୟାସ ଜଣେ ଖେଳାଳିଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବା ସହିତ ବଡ଼ ଖେଳାଳିରେ ପରିଣତ କରିପାରିବ ବୋଲି ପରାମର୍ଶ ଦେଇଥିଲେ। ଓ ସି ଏ କୋଷାଧକ୍ଷ ତଥା ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ବିକାଶ ପ୍ରଧାନ ଖେଳାଳି ମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଜିଲ୍ଲା କ୍ରିକେଟ ସଂଘ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରକାଶ କରିଥିଲେ। ବିଭାବସୁ ମହାନ୍ତି ମାନପତ୍ର ପ୍ରଦାନ କରିଥିବା ବେଳେ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ କାଜଲ ବଳିଆର୍ଶିଂ, କିରଣ ଶତପଥୀ, ବ୍ରିଜେଶ ପ୍ରଧାନ, ସୁଧୀର ସାହୁ, ଜିଲ୍ଲା କୋଚ ସୌମେନ୍ଦ୍ର ମହାନ୍ତି, ରୋହିତ ରାୟ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଉପସ୍ଥିତ ଥିଲେ। ଦୁଇ ଦିନ ଅର୍ଥାତ୍ ୧୨ ଓ ୧୩ ତାରିଖରେ କ୍ରିକେଟ ଖେଳାଳି ମାନେ ବହୁ ସଂଖ୍ୟାରେ ଯୋଗଦେଇ ଭେଙ୍କଟରାମଙ୍କ ପରି କ୍ରିକେଟ୍ ପ୍ରଶିକ୍ଷକଙ୍କ ଠାରୁ ପରାମର୍ଶ ନେବାପାଇଁ ସଭାପତି ଶ୍ରୀ ସାହୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

# ବଲାଙ୍ଗୀର ଜିଲ୍ଲା ଫ୍ଲାଇ ଆସ ବ୍ରିକ୍ସ ଇଣ୍ଡଷ୍ଟ୍ରିସ ଆସୋସିଏସନର ବୈଠକ

ବଲାଙ୍ଗୀର,୧୩/୪(ନି.ପ୍ର): – ଆଜି ସଂଧ୍ୟା ୬ ଘଂଟା ସମୟରେ ସ୍ଥାନୀୟ ସୁଦପଡା ଉମିଆ ଇଣ୍ଡଷ୍ଟ୍ରିସରେ ବଲାଙ୍ଗୀର ଜିଲ୍ଲା ଫ୍ଲାଇ ଆସ ବ୍ରିକ୍ସ ଇଣ୍ଡଷ୍ଟ୍ରିସ ଆସୋସିଏସନର ବୈଠକ ଆସୋସିଏସନର ସଭାପତି ପ୍ରକାଶ କୁମାର ନେପାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦିବ୍ୟଜ୍ୟୋତି ପୁରୋହିତ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକ ଆୟୋଜନର ଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ କ୍ଷ ସମ୍ପ୍ରତି ଫ୍ଲାଇଆସ ଇଟା ପାଇଁ ଆବଶ୍ୟକ କଂଚାମାଲର ଅହେତୁକ ଦାମ ବୃଦ୍ଧି, ବାଲି ର ଅଭାବ, ଲାଲ ମାଟି ଇଟା ର ବହୁଳ ଉତ୍ପାଦନ ଓ ବଜାରରେ କମ ମୂଲ୍ୟରେ ବିକ୍ରି ତଥା ସରକାରଙ୍କ ଉଦାସୀନତା ବିଷୟରେ ଆଲୋଚନା ହୋଇଥିଲା। ବାଲି ଯୋଗାଣରେ ଅନିମିୟତା ଓ କଟକଣା ତଥା ଲାଲ ଇଟା ଉତ୍ପାଦନ ରେ କୌଣସି ପ୍ରକାର କଟକଣା କରାନଯାଇ ମୃତିକା କ୍ଷୟ, ଜଙ୍ଗଲ ଅବକ୍ଷୟ ଓ ପରିବେଶ ଦୂଷିତକୁ ପ୍ରୋତ୍ସାହନ ଦିଆଯାଉଥିବାର ପରିଲକ୍ଷିତ ହେଉଥିବାରୁ ସଭାପତି ପ୍ରକାଶ ନେପାକ ଉଦବେଗ ପ୍ରକାଶ କରିଥିଲେ। ପେଭର ବ୍ଲକ ଇଣ୍ଡଷ୍ଟ୍ରି କରି ବେରୋଜଗାର ଯୁବକମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ତଥା ମାଟି ତଳେ ଜଳ ସଂରକ୍ଷଣକୁ ବଜାୟ ରଖାଯିବା ପାଇଁ ପେଭାର ବ୍ଲକ ରାସ୍ତା ନିର୍ମାଣ କରିବାକୁ ସରକାରୀ ସ୍ତରରେ ନିଷ୍ପତି ନିଆଯିବା ସତ୍ୱେ ବର୍ତମାନ ପୁଣି କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ସାମ୍ପ୍ରତିକ ପରିସ୍ଥିତିରେ କେତୋଟି ଇଣ୍ଡଷ୍ଟ୍ରି ବନ୍ଦ ହୋଇଯାଇଛି ଏବଂ ଭବିଷ୍ୟତ ରେ ଆହୁରି ଅସୁବିଧା ହେବାକୁ ଥିବାରୁ ସମସ୍ତ ସଭ୍ୟ ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ, ବଲାଙ୍ଗୀର ପୌର ପରିଷଦ,ପରିବେଶ ବିଭାଗ କୁ ଅବଗତ କରାଇବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଗଲା କ୍ଷ ଉପସଭାପତି ଅକ୍ଷୟ ତ୍ରିପାଠୀ ସମସ୍ତ ୨୮ଟି ଫ୍ଲାଇ ଆସ ଇଣ୍ଡଷ୍ଟ୍ରି ଓ ପେବର ବ୍ଲକ ଇଣ୍ଡଷ୍ଟ୍ରିମାନଙ୍କୁ ଆଜିର ବୈଠକ ରେ ଯୋଗଦାନ କରି ଆଗାମୀ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ସମ୍ମତି ପ୍ରଦାନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହଜ୍ ୨୦୨୫ ର ପ୍ରସ୍ତୁତିର ସମୀକ୍ଷା ନିମନ୍ତେ ସଂଖ୍ୟାଲଘୁ ମନ୍ତ୍ରାଳୟର ସଚିବ ସାଉଦି ଅରବ ଗସ୍ତରେ

ନୂଆଦିଲ୍ଲୀ, ୧୩/୦୪ :- କେନ୍ଦ୍ର ସଂଖ୍ୟାଲଘୁ ମାମଲାର ମନ୍ତ୍ରାଳୟର ସଚିବ ଡଃ. ଚନ୍ଦ୍ରଶେଖର କୁମାର ହଜ୍ ୨୦୨୫ ନିମନ୍ତେ କରାଯାଉଥିବା ପ୍ରସ୍ତୁତିର ସମୀକ୍ଷା କରିବା ନିମନ୍ତେ ବର୍ତମାନ ସାଉଦି ଅରବ ଗସ୍ତରେ ଅଛନ୍ତି । ଡଃ. ଚନ୍ଦ୍ରଶେଖର କୁମାର ସେଠାରେ ଭାରତୀୟ ତୀର୍ଥଯାତ୍ରୀଙ୍କ ସୁଗମ ତୀର୍ଥଯାତ୍ରା ଅନୁଭବ ନିମନ୍ତେ ସୁନିଶ୍ଚିତ କରାଯାଉଥିବା ସ୍ୱଚ୍ଛତା, ରହିବାର ସୁବିଧା ଉପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । କେନ୍ଦ୍ର ସଂଖ୍ୟାଲଘୁ ମାମଲାର ମନ୍ତ୍ରାଳୟ ନିଜର ଅଫିସିଆଲ ସୋସିଆଲ ମିଡ଼ିଆ ଏକ୍ସ ହେଣ୍ଡଲରେ ଏହି ସୂଚନା ସେୟାର କରିଛନ୍ତି । ମନ୍ତ୍ରାଳୟ ଲେଖିଛନ୍ତି ଯେ, ୨୦୨୫ ନିମନ୍ତେ ସମସ୍ତ ପ୍ରଚେଷ୍ଟା କରାଯିବ । ସଂଖ୍ୟାଲଘୁ ମାମଲାର ମନ୍ତ୍ରାଳୟର ସଚିବ ଡଃ. ଚନ୍ଦ୍ରଶେଖର କୁମାର ଭାରତୀୟ ହଜ୍ ଯାତ୍ରୀଙ୍କ ନିମନ୍ତେ ବ୍ୟବସ୍ଥା ଗୁଡିକର ସମୀକ୍ଷା କରିବା ନିମନ୍ତେ ବର୍ତମାନ ସାଉଦି ଅରବ ଗସ୍ତରେ ଅଛନ୍ତି । ସେ ସୁଗମ ତୀର୍ଥଯାତ୍ରା ଅନୁଭବ ନିମନ୍ତେ ସୁନିଶ୍ଚିତ କରାଯାଉଥିବା ସ୍ୱଚ୍ଛତା, ରହିବାର ସୁବିଧା ଉପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

# ବନଜିବୀ ଦରିପଲ୍ଲୀ ରମୈୟାଙ୍କ ପରଲୋକରେ ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୩/୪: ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ବନଜୀବୀ ଦରିପଲ୍ଲୀ ରମୈୟାଙ୍କ ଶନିବାର ତେଲେଙ୍ଗାନାର ଖମ୍ମମ ଜିଲ୍ଲାରେ ପରଲୋକ ଘଟିଛି । ରେଡ୍ଡୀପଲ୍ଲୀ ଗ୍ରାମ ସ୍ଥିତ ତାଙ୍କ ବାସଭବନରେ ତାଙ୍କର ହୃଦଘାତରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ସେ ନିଜ ଜୀବନ କାଳରେ ୧ କୋଟିରୁ ଅଧିକ ଚାରା ରୋପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦରିପଲ୍ଲୀ ରମୈୟାଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି । ସେ ତାଙ୍କୁ ସ୍ଥିରତାର ପୃଷ୍ଠପୋଷକ ରୂପେ ମନେ ପକାଇଛନ୍ତି । ଯିଏକି ଲକ୍ଷ ଲକ୍ଷ ଗଛ ଲଗାଇବା ଏବଂ ତାର ରକ୍ଷା କରିବା ଦିଗରେ ନିଜ ଜୀବନକୁ ସମର୍ପିତ କରିଥିଲେ ।ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସ ରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ, ଦରିପଲ୍ଲୀ ରମୈୟା ଗାରୁଙ୍କୁ ସ୍ଥିରତାର ଚାମ୍ପିୟନ୍ ରୂପେ ସ୍ମରଣ କରାଯିବ । ଯିଏକି ଲକ୍ଷ ଲକ୍ଷ ଗଛ ଲଗାଇବା ଏବଂ ତାର ରକ୍ଷା କରିବା ଦିଗରେ ନିଜ ଜୀବନକୁ ସମର୍ପିତ କରିଥିଲେ । ତାଙ୍କର ଏହି ଅଦମ୍ୟ ପ୍ରୟାସରେ ପ୍ରକୃତି ପ୍ରତି ତାଙ୍କର ଗଭୀର ଭଲ ପାଇବା ଏବଂ ଆଗାମୀ ପିଢ଼ି ପାଇଁ ଦେଖାରେଖା ଝଲସି ଉଠୁଛି । ତାଙ୍କର ଏହି କାର୍ଯ୍ୟ ଯୁବକ ମାନଙ୍କୁ ସବୁଜ ଗ୍ରହ ବନାଇବାରେ ତାଙ୍କର ପ୍ରୟାସକୁ ପ୍ରେରିତ କରିବ । ଏଭଳି ଦୁଃଖଦ କ୍ଷଣରେ ମୋର ସମ୍ବେଦନା ତାଙ୍କ ପରିବାର ଓ ପ୍ରଶଂସକ ମାନଙ୍କ ସହିତ ରହିଛି ।

# ଚାରିଧାମ ଯାତ୍ରା ନିମନ୍ତେ ପଶୁପାଳନ ବିଭାଗ ପ୍ରସ୍ତୁତ : ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଘୋଡା : ଖଚର ମାନଙ୍କର ହେଉଛି ଯାଂଚ୍

ଡେହରାଡୁନ, ୧୩/୦୪ : ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ନିର୍ଦ୍ଦେଶରେ ଚାରିଧାମ ଯାତ୍ରାକୁ ସୁରକ୍ଷିତ, ସୁଗମ ଓ ସୁବ୍ୟବସ୍ଥିତ କରିବା ପାଇଁ ପଶୁପାଳନ ବିଭାଗ ସକ୍ରିୟ ହୋଇଉଠିଛି । ବିଭାଗ ଦ୍ୱାରା ଯାତ୍ରା ମାର୍ଗରେ ଚାଲୁଥିବା ଘୋଡ଼ା -ଖଚରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କାର୍ଯ୍ୟକୁ ଜୋରଦାର୍ କରାଯାଇଛି । ଏହି କ୍ରମରେ ପଶୁପାଳନ ବିଭାଗର ରୋଗ ଅନୁସନ୍ଧାନ ପ୍ରୟୋଗଶାଳା ଦ୍ୱାରା ଶ୍ରୀନଗର ଯାତ୍ରାରେ ଆସୁଥିବା ଘୋଡ଼ା - ଖଚରା ମାନଙ୍କ ରକ୍ତ ସିରମ ର ଯାଂଚ୍ କରାଯାଉଛି । ଏପର୍ଯ୍ୟନ୍ତ ଏଠାରେ ୫ ହଜାରରୁ ଅଧିକ ନମୂନା ଯାଂଚ୍ ନିମନ୍ତେ ପହଂଚି ସାରିଛି । ପ୍ରୟୋଗଶାଳାରେ ଗ୍ଲେଂଡର୍ସ ଏବଂ ଇକ୍ୱାଇନ ଇନଫ୍ଲୁଏଞ୍ଜା (ଇଆଇ) କିମ୍ବା ହର୍ସ ଫ୍ଲୁ ସଂକ୍ରମଣର ଯାଂଚ୍ କରାଯାଉଛି । ଲ୍ୟାବ୍ ରେ ବାଗେଶ୍ୱର, ଚମୋଲି, ରୁଦ୍ରପ୍ରୟାଗ, ପୌଡ଼ି, ଟିହରି, ଉତରକାଶୀ ଏବଂ ଡେହରାଡୁନ ସମେତ ଅନ୍ୟ ଜିଲ୍ଲା ଗୁଡିକରୁ ନମୂନା ପହଂଚିବାରେ ଲାଗିଛି । ଲ୍ୟାବ୍ ରେ ଯାଂଚ୍ ନିମନ୍ତେ ୫୬୬୨ ନମୂନା ଆସିଛି । ତନ୍ମଧରେ ୩୩୯୨ ନମୂନାର ଯାଂଚ୍ କରାଯାଇ ସାରିଛି । ଯଦି କୌଣସି ନମୂନା ସନ୍ଦିଗ୍ଧ କିମ୍ବା ସଂକ୍ରମଣ ଜଣାପଡେ, ତେବେ ଏହାର ସୂଚନା ନିମନ୍ତେ ରିପିଟ୍ ସାମ୍ପୁଲ ରାଷ୍ଟ୍ରିୟ ଅଶ୍ୱ ଅନୁସନ୍ଧାନ କେନ୍ଦ୍ର (ଏନଆରସିଇ)କୁ ପଠାଯିବ । ଯଦି କୌଣସି ବି ଗ୍ଲେଂଡର୍ସ ର ଦ୍ୱିତୀୟ ଥର ରିପୋର୍ଟରୁ ଜଣାପଡେ, ତେବେ ତାହାକୁ ଇଚ୍ଛାମୃତ୍ୟୁ ଦିଆଯାଇପାରେ । ଅନ୍ୟପକ୍ଷରେ ଇଆଇ ସଂକ୍ରମଣ ଜଣାପଡିବା ପରେ ରୋଗାକ୍ରାନ୍ତ ପଶୁକୁ ଅନ୍ୟମାନଙ୍କ ଠାରୁ ଅଲଗା (କ୍ୱାରେଂଟାଇନ)ରେ ରଖାଯିବ । ୧୪ ପରେ ପୁଣି ଥରେ ଏହାର ଯାଂଚ୍ କରାଯିବ । ସୁସ୍ଥ ହେବା ପରେ ଯାତ୍ରା ନିମନ୍ତେ ତା'ର ରେଜିଷ୍ଟ୍ରେସନ ହେବ ।

# ଅଷ୍ଟପ୍ରହରି ସଂକୀର୍ତ୍ତନରେ ଭୋଜି ଖାଇ ୨୦ରୁ ଉର୍ଦ୍ଧ୍ୱ ଲୋକେ ମେଡିକାଲରେ ଭର୍ତ୍ତି

ଭଦ୍ରକ,୧୩/୪(ନି.ପ୍ର): – ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଅଙ୍ଗେଇପାଳ ଗ୍ରାମର ଗତ କାଲି ଅଷ୍ଟପହରି ନାମ ସଂକୀର୍ତ୍ତନରେ ଭୋଜି ଖାଇ ୨୦ରୁ ଉର୍ଦ୍ଧ୍ୱ ଗ୍ରାମ ଲୋକେ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ପରେ ଚିକିତ୍ସିତ ହୋଇ ନିଜ ନିଜର ଘରକୁ ଫେରି ଯାଇଛନ୍ତି। ଖବରରୁ ନେବାରୁ ଜଣାଯାଏ ଗୁରୁବାର ଅଙ୍ଗେଇପାଳ ଗ୍ରାମର ନାମ ସଙ୍କୀର୍ତନ ଓ ଶୁକ୍ରବାର ନଗର ଭ୍ରମଣ ହୋଇଥିଲା। ଏଥିରେ ପୁରା ଗ୍ରାମ ଉତ୍ସବ ମୁଖର ହୋଇଥିଲା। ଏହି ୨ ଦୀନ ଗ୍ରାମ ଲୋକଙ୍କ ପାଇଁ ଭୋଜି ଭାତର ଆୟୋଜନ ହୋଇଥିଲା। ମଧାହ୍ନ ଓ ରାତ୍ରରେ ଗ୍ରାମ ଲୋକେ ସେହି ଭୋଜିରେ ସାମିଲ୍ ହୋଇ ଭୋଜନ କରିଥିଲେ। ଭୋଜିରେ ଭାତ, ଡାଲି, ତରକାରୀ ଓ ଖଟା ଭଳି ଖାଦ୍ୟ ଖାଇ ଘରକୁ ଯାଇ ଝାଡା, ବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତାହା ସହ ପେଟ କାଟିବା ଭଳି ଲକ୍ଷଣ ଦେଖାଦେଇଥିଲା। ଏଥିରେ ଜଣଙ୍କ ପରେ ଜଣେ ଧାମନଗର ମେଡିକାଲରେ ପହଂଚି ନିଜର ଚିକିତ୍ସା କରାଇ କିଛି ଲୋକେ ଔଷଧ ନେଇ ଥିଲେ। ଛୋଟ ଶିଶୁ ମାନେ ଅଧିକ ଆକ୍ରାନ୍ତ ହେବାରୁ ତାଙ୍କୁ ସାଲାଇନ ଓ ଔଷଧ ପ୍ରଦାନ କରାଯାଇ ସୁସ୍ଥ ହେବା ପରେ ଘରକୁ ବିଦା କରାଯାଇଛି। ତେବେ ଖାଦ୍ୟ ଖାଇସାରିବା ପରେ ଏଭଳି ଲକ୍ଷଣ ଦେଖାଦେଇଥିଲା। ଯାହାକୁ ନେଇ ଗ୍ରାମରେ ଭୟ ସୃଷ୍ଟି ହୋଇଥିଲା। ଏନେଇ ଧାମନଗର ସ୍ୱାସ୍ଥ୍ୟ ଅଧିକାରୀ ମନ୍ମୟ ସାମନ୍ତ ସିଂହାର କୁହନ୍ତି କି ଖାଦ୍ୟ ଖାଇ ଫୋଡ ପୟଜନ୍‌ର ସିକ୍ୱାର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପରେ ଠିକ୍ ହେଲାପରେ ସେମାନଙ୍କୁ ବିଦା କରି ଦିଆଯାଇଅଛି। ଏଥିରେ ଅଧିକ ଶିଶୁମାନେ ଆକ୍ରାନ୍ତ ହୋଇଥିଲେ।

# ରାଷ୍ଟ୍ରପତିଙ୍କୁ ଭେଟିଲେ ଇଟାଲୀର ଉପପ୍ରଧାନମନ୍ତ୍ରୀ : ଭାରତ-ଇଟାଲୀ ରଣନୈତିକ ସହଭାଗିତାକୁ ଉପରକୁ ପହଂଚାଇବାକୁ ସହମତି ପ୍ରକାଶ

ନୂଆଦିଲ୍ଲୀ, ୧୩/୦୪ : - ଇଟାଲୀର ଉପ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଆଂଟୋନିଓ ତଜାନି ଶନିବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି । ଆଗାମୀ ସମୟରେ ଭାରତ-ଇଟାଲୀ ରଣନୈତିକ ସହଭାଗିତା ନୂତନ ଶିଖରରେ ପହଂଚିବ ବୋଲି ଉଭୟ ନେତା ସହମତ ହୋଇଥିଲେ । ରାଷ୍ଟ୍ରପତି ଭବନରେ ଉପ ପ୍ରଧାନମନ୍ତ୍ରୀ ତଜାନି ଏବଂ ତାଙ୍କ ପ୍ରତିନିଧିମଣ୍ଡଳକୁ ସ୍ୱାଗତ କରି ରାଷ୍ଟ୍ରପତି କହିଥିଲେ ଯେ, ଭାରତ ଏବଂ ଇଟାଲୀ ଉଭୟ ପ୍ରାଚୀନ ସଭ୍ୟତା ଐତିହ୍ୟରେ ମୂଳ । ଆମର ଦର୍ଶନ, ସାହିତ୍ୟ ଏବଂ କଳା ମାଧ୍ୟମରେ ବିଶ୍ୱକୁ ଅବଦାନ ଦେବାର ଏକ ଗୌରବମୟ ଇତିହାସ ରହିଛି । ଆମେ ଶତାବ୍ଦୀ ଧରି ବାଣିଜ୍ୟ, ଲୋକ ଏବଂ ଚିନ୍ତାଧାରାର ଆଦାନପ୍ରଦାନ ମାଧ୍ୟମରେ ପରସ୍ପର ସହିତ ଯୋଡ଼ି ହୋଇଛୁ । ସମସାମୟିକ ଯୁଗରେ ଦୁଇ ଦେଶ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଘନିଷ୍ଠ ସହଯୋଗ କରୁଛନ୍ତି ଏବଂ ଜି-୨୦ ଭଳି ବହୁପାକ୍ଷିକ ମଂଚରେ ମଧ୍ୟ ଏକାଠି କାମ କରୁଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ବୃଦ୍ଧି ପାଇଁ ଅପାର ସମ୍ଭାବନା ରହିଛି । ଭାରତର ଦୃତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ପାଇଁ ରୋଡ଼ମ୍ୟାପ ଶିଳ୍ପ ସହଭାଗିତା ଏବଂ ସହଯୋଗ ପାଇଁ ଅନେକ ସୁଯୋଗ ପ୍ରଦାନ କରେ । ସେ ଇଟାଲୀୟ କମ୍ପାନୀ ଏବଂ ସାର୍ବଜନୀନ କ୍ଷେତ୍ରର ଉପକ୍ରମ ଗୁଡ଼ିକୁ ଭାରତରେ ସେମାନଙ୍କର କାର୍ଯ୍ୟ ବିସ୍ତାର କରିବାକୁ ଆମନ୍ତ୍ରଣ କରିଥିଲେ, ବିଶେଷ କରି ଉତ୍ପାଦନ ଏବଂ ସହ-ଉତ୍ପାଦନ ପାଇଁ । ସେ ଇଟାଲୀୟ ସବୁଜ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଗୁଡ଼ିକୁ ଭାରତୀୟ ଶିଳ୍ପ ସହିତ ସହଯୋଗ ଏବଂ ସହଭାଗୀର ସମ୍ଭାବନା ଅନୁସନ୍ଧାନ କରିବାକୁ ମଧ୍ୟ ଅନୁରୋଧ କରିଥିଲେ ।

# ନଳିନୀଦେବୀ ଶିକ୍ଷକ ଶିକ୍ଷା ମହିଳା କଲେଜର ବାର୍ଷିକୋତ୍ସବ

ଭୁବନେଶ୍ୱର,୧୩/୦୪ : ଭବିଷ୍ୟତରେ ଶିକ୍ଷାଦାନକୁ ଜୀବନର ବ୍ରତ ରୂପେ ଗ୍ରହଣ କରିବାକୁ ଆଗେଇ ଆସିଥିବା ଛାତ୍ରୀମାନେ ଅନୁସନ୍ଧିତ୍ସୁ ହେବା ସହିତ ଛାତ୍ରଛାତ୍ରୀଙ୍କ ମନସ୍ତତ୍ତ୍ୱକୁ ଭଲ ଭାବରେ ବୁଝି କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ବାଚସ୍ପତି ସୁରମା ପାଢୀ ପରାମର୍ଶ ଦେଇଛନ୍ତି। ନଳିନୀଦେବୀ ଶିକ୍ଷକ ଶିକ୍ଷା କଲେଜର ୪୪ତମ ବାର୍ଷିକ ଉତ୍ସବ 'ସ୍ୱପ୍ନିକା-୨୦୨୪-୨୫"ରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢୀ ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଲେଜର ଅଧକ୍ଷା ପ୍ରଫେସର ଗାୟତ୍ରୀ ମହାନ୍ତି ସ୍ୱାଗତ ଭାଷଣ ଦେବା ଅବସରରେ ନିଜ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଛାତ୍ରୀମାନେ କଠିନ ପରିଶ୍ରମ କରିବା ଲାଗି ଆହ୍ୱାନ ଦେଇଥିଲେ। ଛାତ୍ରୀ ପରିଷଦର ଉପଦେଷ୍ଟା ଅଧ୍ୟାପିକା ସବିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ହିରଣ୍ମୟୀ କର ଅନୁଷ୍ଠାନର ବିଭିନ୍ନ ଦାବି ଓ ସମସ୍ୟା ଉପସ୍ଥାପନ କରିଥିଲେ। ସମ୍ପାଦିକା ଋତୁପର୍ଣ୍ଣା ପାଣି ବାର୍ଷିକ ବବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ମହାବିଦ୍ୟାଳୟର ପ୍ରାଚୀର ପତ୍ରିକା 'ସୃଜନିକା'କୁ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ଫଟୋ ଗ୍ୟାଲେରୀ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ 'ସାଧାରଣ କକ୍ଷ'କୁ ମଧ୍ୟ ଶ୍ରୀମତୀ ପାଢୀ ଉଦ୍‌ଘାଟନ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଫିଲ୍ମ ଓ ଫଟୋ ବିଭାଗର କଫି ଟେବୁଲ ବୁକ୍ ଏବଂ ସଂସ୍କୃତି ଓ ଗବେଷଣା ବିଭାଗର ବୁଲେଟିନ ମଧ ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀ ଓ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବା ପରେ ଛାତ୍ରୀ ପରିଷଦର ଉପସଭାପତି ଅନସୂୟା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣା.... ଟଙ୍କ ତୋରାଣିରୁ ରୁହ୍ ଅଫ୍‌ଜା


ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ




ଆଜି ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ପରମ୍ପରା ସଂସ୍କୃତି ଓ ଭାଇଚାରାର ପାର୍ବଣକୁ ସୂଚାଇଥାଏ। ଓଡ଼ିଶାର ପ୍ରଥା ପରମ୍ପରାକୁ ଦେଖିଲେ ଘରେ ଘରେ ବର୍ଷ ତମାମ କିଛି ନା କିଛି ପଣା ଆମେ ପିଇଥାଉ। ପ୍ରଚଣ୍ଡ ନିଦାଘରେ ଦେହ ଓ ମନକୁ ଶୀତଳ କରିବା ସହ ଏହା ପୃଷ୍ଟି ଯୋଗାଇଥାଏ। ପଣାଟି ଆମ ସଂସ୍କୃତିର ଅମୃତଧାରା କହିଲେ ଅତ୍ୟୁକ୍ତି ହେବନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଦେବ ଦେବ ମହାଦେବ, ମାଣବସା ଗୁରୁବାର ହେଉ ବା ଖୁଦୁରୁକୁଣୀ ଓଷା ଏପରିକି ସାବିତ୍ରୀ ବ୍ରତରେ ମଧ କାଷା ନିଷା କ୍ଷେତ୍ରରେ ପଣା ଲୋଡ଼ା ହୋଇଥାଏ। ତେବେ ବିଷୁବ ସଂକ୍ରାନ୍ତିର ପଣା ବାସ୍ତବରେ ସ୍ୱତନ୍ତ୍ର। ବୃନ୍ଦାବତୀଙ୍କ ନିକଟରେ ମଧ ଠେକି ବନ୍ଧା ଯାଇ ପଣା ଅର୍ପଣ କରାଯାଏ। ସେହିପରି ଆଷାମ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥ ଉପରେ ଶ୍ରୀମନ୍ଦିର ବାହୁଡ଼ା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ ଅର୍ପଣ କରାଯାଇଥାଏ ମହାପ୍ରଭୁଙ୍କ ଅଧର ପଣା। ସେହିପରି ଚୈତ୍ର ମାସରେ ପ୍ରତି ଘର ଅଗଣା ସାମ୍ନାରେ ନାଲି ମାଟିରେ ଲିପା ଯାଇ ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରାଯାଏ। ପଣା ଆଲେଖ୍ୟ ସମୟରେ ମହାନ ଭକ୍ତ ସାଲବେଗଙ୍କ କାଳଜୟୀ ଧାଡ଼ିଟି ମନେ ପଡ଼େ - 'ଖିରି ଖେଚୁଡ଼ିରେ ମନ ନପୁରେଇ ଟଙ୍କ ତୋରାଣିରେ ମନ ତୋର ତୋଷ।' ଲୋକକଥା ଅନୁଯାୟୀ ଶ୍ରୀ ଚୈତନ୍ୟଙ୍କ ସହିତ ଏହି ଟଙ୍କ ତୋରାଣିର ସମ୍ପର୍କ ରହିଛି। ଯେ କେହି ଶ୍ରୀମନ୍ଦିର ଯାଉଥିବେ ଆନନ୍ଦ ବଜାରରେ ଏହି ଟଙ୍କ ତୋରାଣିର ଦିବ୍ୟ ସ୍ୱାଦ ନିଶ୍ଚିନ୍ତ ପାଇଥିବେ।

ଆଧୁନିକତାର ସମୟରେ ପାରମ୍ପରିକ ପାନୀୟ ଆଦୌ ହଜି ନାହିଁ। ଗ୍ରୀଷ୍ମ ଦିନରେ ଓଡ଼ିଆଣୀମାନେ ଆମ୍ବପଣା, ସାଗୁ ପଣା, ବେଲପଣା, ନବାତ ଛେନା ପଣା, ଆଖୁରସ ଓ ଲେମ୍ବୁପାଣି ଆଦି ଭରପୁର ପଣାର ମହକକୁ ସମସ୍ତଙ୍କ ଭିତରେ ବାଣ୍ଟିଥାନ୍ତି। ଦକ୍ଷିଣ ଭାରତରେ ମଧ ପଣାର ପାରମ୍ପରିକ ପ୍ରଚଳନ ରହିଛି। ଯାହାର ନାମ ହେଉଛି 'ପାନକମ୍'। ତେବେ ଏହି ପଣାର ବର୍ତ୍ତମାନ ସମୟରେ ବଡ଼ ସ୍ଥାନ ନେଇଛି 'ରୁହ୍ ଅଫ୍‌ଜା'। ତଥ୍ୟ ମୁତାବକ ଆଜିକୁ ୧୧୮ ବର୍ଷ ତଳେ ଦିଲ୍ଲୀର ଏକ ଛୋଟ ଔଷଧ ଦୋକାନରେ ଏହାର ସୃଷ୍ଟି। ୟୁନାନି ଚିକିତ୍ସା କରୁଥିବା ହଫିଜ ଅବଦୁଲ ମଜିଜ ନାମକ ଜଣେ ଦେଶୀ ଚିକିତ୍ସକ ଗରମ ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଭିନ୍ନ ସୁସ୍ୱାଦୁ ଫଳ, ଜଡ଼ିବୁଟି, ସୁଗନ୍ଧି ଫୁଲର ନିର୍ଯାସ ଆଉ କିଛି ସ୍ୱତନ୍ତ୍ର ମସଲାକୁ ସମ୍ମିଶ୍ରିତ କରି ଯେଉଁ ସିରପଟି ତିଆରି କରିଥିଲେ ତାହା ହିଁ ଅନେକଙ୍କ ଭିତରେ ଉଭୟ ସୁସ୍ୱାଦ ଓ ଖ୍ୟାତିକୁ ନେଇ ସଞ୍ଚରିଗଲା। ବାସ୍ତବରେ ରୁହ୍ ଅଫଜାର ଅର୍ଥ ହେଉଛି ଆତ୍ମାକୁ ସତେଜ କରୁଥିବା। ୧୯୨୨ରେ ହଫିଜଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ବର୍ଗ ଏହି ପାନୀୟ ସତ୍ୱାଧିକାରୀ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ଏହା ଆଫଗାନିସ୍ଥାନରେ ବଡ଼ ବ୍ୟବସାୟ କରିଥିଲା।

ବାସ୍ତବରେ ଆଜିର ସମୟକୁ ଦେଖିଲେ ପାରମ୍ପରିକ ପାନୀୟ ଭିତରେ କିଛି ତଥାକଥିତ ବର୍ତ୍ତମାନ ସମୟର ପାନୀୟରେ ରାସାୟନିକ ଏସେନ୍ସ ମିଶା ପାନୀୟ ସବୁ ରହୁଛି। ନୂତନ ପିଢ଼ି ଏହି ପାରମ୍ପରିକ ପାନୀୟ ସ୍ୱାଦ ଅପେକ୍ଷା ସୁଗାର ସିରପ, ସୋଡ଼ା ଓ ବିଭିନ୍ନ କୃତ୍ରିମ ଫ୍ଲେବର ମିଶା ପାନୀୟକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଯାହାହେଉନା କାହିଁକି ପାଟିକୁ ସୁଆଦିଆ ଓ ପେଟକୁ ଥଣ୍ଡା ଲାଗୁଥିବା ଏହି ମୃଦୁ ପାନୀୟ କେବେହେଲେ ପଣାର ବିକଳ୍ପ ହୋଇପାରିବ ନାହିଁ। ଗ୍ରୀଷ୍ମଋତୁରେ ଶରୀର ପାଇଁ ପଣା ଶୀତଳତା ଓ ସତେଜତା ପ୍ରଦାନ କରିଥାଏ। କାରଣ ପଣାରେ ପଡୁଥିବା ସମସ୍ତ ଉପାଦାନରେ ଶରୀରକୁ ଥଣ୍ଡା ରଖିବାର ଗୁଣ ରଖିଥାଏ। ପଣା ଆମ ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ଏବଂ ଏଥିରେ ଏପରି ପୋଷକ ତତ୍ତ୍ୱ ଥାଏ ଯେ ଗ୍ରୀଷ୍ମ କାଳୀନ ଉପାସରେ ମଧ ଏହା ଗୃହୀଣିମାନଙ୍କର ଅତ୍ୟନ୍ତ ପ୍ରିୟ ପାନୀୟ। ପଣାରେ କ୍ୟାଲସିୟମ, ଫସଫରସ ଓ ଆଇରନ ସହ ଭିଟାମିନ ସି ପ୍ରଚୁର ମାତ୍ରାରେ ରହିଥାଏ। ଆସନ୍ତୁ ପଣା ସଂକ୍ରାନ୍ତିରୁ ଆରମ୍ଭ ହେଉଥିବା ପଣାର ଆନନ୍ଦ ଉଲ୍ଲାସ ମହୋତ୍ସବରେ ଦେଶୀୟ ପାନୀୟ ଘରେ ପ୍ରସ୍ତୁତ କରି ଆନନ୍ଦ ଓ ଶାନ୍ତି ଉପଭୋଗ କରିବା।


ସେକ୍ଟର-୬, ସିଡିଏ, କଟକ


## ଆମ ସସ୍କୃତି ଓ ପରମ୍ପରା ଆମର ଗର୍ବ ଓ ଗୌରବ


ମୀରା ବେଉରା


ସଂସ୍କୃତି ଗୋଟିଏ ଜାତିର ଜାତୀୟତାକୁ ପରିପ୍ରକାଶ କରିବାର ମାଧ୍ୟମ ଅଟେ। ଆମ ଶିଳ୍ପ, ପରମ୍ପରା , କଳା, ସାହିତ୍ୟ, ଧର୍ମ ଭାଷା ସବୁକୁ ନେଇ ସଂସ୍କୃତିର ସୃଷ୍ଟି। ଆମ ଜଗନ୍ନାଥ ଚେତନା, ମଠ, ମନ୍ଦିର, ବେଦପଷଠ, ସଙ୍ଗୀତର ମୂର୍ଚ୍ଛନା, ପଟ୍ଟଚିତ୍ର, ଓଡ଼ିଶୀ ନୃତ୍ୟ, ଐତିହ ଆମ ପାରମ୍ପରିକ ଖାଦ୍ୟ ଏ ସବୁ ଆମ ସଭ୍ୟତା ଓ ସଂସ୍କୃତିର ମାପକକ୍ଷଠି । ଯେଉଁ ରାଷ୍ଟ୍ରର ପର୍ବ ପର୍ବାଣୀ, କଳା ସଂସ୍କୃତି ଯେତେ ପ୍ରାଚୀନ ଓ ସମୃଦ୍ଧ ସେ ରାଷ୍ଟ୍ରର ଜାତି ଓ ସଭ୍ୟତା ସେତେ ଗୌରବମୟ। ଏପରିକି ଜାତି ଧ୍ୱଂସ ପାଇଗଲେ ମଧ ତାର ସାଂସ୍କୃତିକ ଭଗ୍ନାବଶେଷ ସେ ଜାତିକୁ ଆଲୋକିତ କରିରଖିଥାଏ। ଆମ ଓଡ଼ିଶାର ସଂସ୍କୃତି ବିଶ୍ୱ ବନ୍ଦନୀୟ ଓ ସର୍ବପୁରାତନ ଅଟେ। ଜଦିବା ଶିକ୍ଷା କ୍ଷେତ୍ରରେ ଆଜି ଓଡ଼ିଶା ପଛରେ ପଡ଼ିଛି ତଥାପି ଅତୀତର ମହନୀୟ ସଂସ୍କୃତି ତାକୁ ଆଜିବି ବିଶ୍ୱ ଦରବାରରେ ବେଶ୍ ପରିଚିତ କରିପାରିଛି। ପୁରୀ, କୋଣାର୍କ, ଓ ଭୁବନେଶ୍ୱର ର କାରୁକାର୍ଯ୍ୟ ପାଇଁ ସମଗ୍ର ବିଶ୍ୱରେ ଏକ ଅଦ୍ୱିତିୟ ସ୍ଥାନ ଗ୍ରହଣ କରିଛି।

ଆମ ସସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତି ଯେଉଁଠି ମହାପ୍ରଭୁ ଜଗନ୍ନାଥ ମାନବୀୟ ଲୀଳା କରନ୍ତି। ଅକ୍ଷମଧର୍ମ ମାନବୀୟ ଧର୍ମ। ସେତ ସର୍ବ ଧର୍ମର ପ୍ରତୀକ। ଆମ ଖାଦ୍ୟ, ପରମ୍ପରା ବେଶପୋଷକ, ପୂଜାର୍ଚ୍ଚନା ସବୁ ସମଗ୍ର ବିଶ୍ୱରେ ମଧ ଆଦୃତ। ଆମ ଠାକୁର ସମଗ୍ର ବିଶ୍ୱର ଠାକୁର। ସର୍ବ ଧର୍ମ ସମନ୍ୱୟର ଠାକୁର। ସେ ପୁଣି ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ପୋଷାକ ପରିଧାନ କରନ୍ତି। ସବୁ ପର୍ବ ପର୍ବାଣୀ ରେ ଅନେକ ପ୍ରକାର ପାରମ୍ପରିକ ଖାଦ୍ୟ ତାଙ୍କ ପଖରେ ଭୋଗ ଅର୍ପଣ କରାଯାଏ। ଆମ ପ୍ରଭୁଙ୍କର ୧୨ ମାସରେ ୧୩ ପର୍ବ। ଜାତି, ଧର୍ମ, ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ସମସ୍ତେ ପ୍ରଭୁ ଜଗନ୍ନାଥଙ୍କ ଭକ୍ତ। ଆମ କଳା, ସ୍ଥାପତ୍ୟ, କୌଶଳ ବିଶ୍ୱବିଖ୍ୟାତ। ଅଜିବି ଓଡ଼ିଶାର ସଂସ୍କୃତିର ଉତ୍କର୍ଷ ସମଗ୍ର ବିଶ୍ୱରେ ବିକଶିତ ହେଉଛି। ଆମ ସସ୍କୃତି ଜୀବନ୍ତ। ଅତ୍ୟାଧୁନିକ ସାମାଜିକ ଚଳନୀ ଓ ଆର୍ଥିକ ଅଭିବୃଦ୍ଧି ଆମ ସାଂସ୍କୃତିକ ଗତିଧକ୍ଷରକ୍ଷକୁ କିଛି ମାତ୍ରାରେ ଅବରୋଧ କଲେ ମଧ ଏହା ନିଜର ସୌନ୍ଦର୍ଯ୍ୟ ବଜାୟ ରଖିଛି। ପ୍ରକୃତରେ ଗୋଟିଏ ଜାତିର ସଂସ୍କୃତି ହିଁ ଗୋଟିଏ ଜାତିର ପରିଚୟ ଦିଏ। ବିଭିନ୍ନ ପର୍ବପ ର୍ବାଣୀ ପାଳନ କରାଯାଇ ପଲ୍ଲୀ ଜୀବନ ବେଶ୍ ଉତ୍ସବ ମୁଖର ହୋଇଉଠେ।

ଓଡ଼ିଆ ନବବର୍ଷ ଉତ୍କଳିୟ ପରମ୍ପରାର ଏକ ଅଭିନବ ପର୍ବ। ଏହି ନବବର୍ଷ ପର୍ବ ଆଧୁନିକ ମଣିଷ ମନରେ ବିଷାଦ ଭାବକୁ ହଟାଇ ଦେଇ ମନରେ ସାତ୍ତ୍ୱିକ ଭାବନାକୁ ଜାଗ୍ରତ କରି ତା ଭିତରେ ଅଧାତ୍ମିକ ଚେତନାକୁ ଉଦ୍‌ଜିବିତ କରିଥାଏ। ଏହି ନବବର୍ଷ କେବଳ ଓଡ଼ିଶା ରେ ନୁହେଁ ସମଗ୍ର ଭାରତ ବର୍ଷରେ ବିଦେଶରେ ରହୁଥିବା ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ନବ ଉନ୍ମାଦନା ଭରିଦେଇ ଆତ୍ମ ବିଶ୍ୱାସକୁ ପ୍ରଗାଢ଼ କରେ। ସାଂସ୍କୃତିକ ବିଚାରଧାରାକୁ ମଜବୁତ୍ କରେ। ଏହି ଓଡିଆ ନବବର୍ଷକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ସୂର୍ଯ୍ୟ ମେଷ ରାଶିକୁ ଚଳନ କରୁଥିବାରୁ ଏହାକୁ ମେଷ ସଂକ୍ରାନ୍ତି ମଧ କୁହାଯାଏ ଯାହା ପ୍ରତ୍ୟେକ ଉତ୍କଳୀୟଙ୍କ ଭିତରେ ନବଚେତନକ୍ଷ ନୂଆ ଉଦ୍ଧିପାନକ୍ଷ ନୂଆ ଶକ୍ତି ସଞ୍ଚରିତ କରିଥାଏ। ସୂର୍ଯ୍ୟଙ୍କ ରଶ୍ମି ଏତେ ଉତ୍ତପ୍ତ ହୋଇଥାଏ ଯେ ଏଥିରୁ ବଞ୍ଚିବା ପାଇଁ ବିଭିନ୍ନ ପ୍ରକାର ପଣା ପ୍ରସ୍ତୁତ କରି ପାନ କରାଯାଏ ।

ହୋମ ଯଜ୍ଞ ମଧ ଆୟୋଜିତ ହୋଇଥାଏ। ବୃକ୍ଷ ଲତା, ପଶୁପକ୍ଷୀ, ଜୀବଜନ୍ତୁ ସମସ୍ତଙ୍କୁ ଜଳପାନ କରାଯାଇ ଅନେକ ଆନନ୍ଦ ଅନୁଭବ କରନ୍ତି।

ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ଥିବା ପ୍ରାଣର ଦେବୀ ମା ତୁଳସୀ ଦେବୀଙ୍କୁ ଚଉରା ମୂଳେ ନଡ଼ିଆ ବାହୁଙ୍ଗା ବାନ୍ଧି ଶିକା କରାଯାଇ ବସୁନ୍ଧରା ଘଡି ରଖି ତାର ସରୁକଣା ଥିବା ଗାତରେ କୁଶ ଲଗାଯାଇ ଜଳ ଅର୍ପଣ କରାଯାଏ। ଏହିଦିନ ପ୍ରଭୁ ରାମଚନ୍ଦ୍ରଙ୍କ ଭକ୍ତ ମହାବୀରଙ୍କ ଜୟନ୍ତୀ ହୋଇଥିବାରୁ ହନୁମାନ ଚାଳିଶା ପାଠ ଓ ମଙ୍ଗଳାଙ୍କ ପାଖରେ ଉପବାସ ରଖାଯାଇ ଝାମୁ ଯାତ୍ରା ମଧ କରାଯାଏ। ଏହି ପର୍ବକୁ ପଞ୍ଜାବରେ ବୈଶାଖୀ ଓ ଆସାମରେ ରୋଙ୍ଗାଲି ବିହୁ ନାମରେ ଓ କେରଳରେ ବିହୁ ପର୍ବ ନାମରେ ପାଳନ କରାଯାଇଥାଏ।

କିନ୍ତୁ ବଡ଼ ଦୁଃଖର କଥା ଆଜିର ଯୁବପିଢି ଧିରେ ଧିରେ ନିଜ ସଂସ୍କୃତି ଓ ପରମ୍ପରା ଐତିହ୍ୟକୁ ଭୁଲି ବିଦେଶୀ ଖାଦ୍ୟ ପ୍ରତି ଆକର୍ଷିତ ହୋଇ ଅନେକ ବ୍ୟାଧିର ଶିକାର ହେଉଛି। ଓଡ଼ିଆ ପର୍ବ ପର୍ବାଣୀ ଭୁଲି ଇଂରାଜୀ ନବବର୍ଷକୁ ଆଡ଼ମ୍ବରରେ ପାଳୁଛି । ଏହି ଅବକ୍ଷୟକୁ ରୋକିବାକୁ ହେଲେ କେବଳ ସରକାରୀ ସ୍ତରରେ ଉଦ୍ୟମ କଲେ ହେବନାହିଁ। ନିଜ ଭାଷା, ପର୍ବପର୍ବାଣୀ ଓ ସଂସ୍କୃତି ପ୍ରତି ପ୍ରେମ ସୃଷ୍ଟି କରିବା ଦାୟିତ୍ୱ ଆମ ସମସ୍ତଙ୍କର କେବଳ ସରକାରଙ୍କର ନୁହେଁ। ଏହି ପର୍ବପର୍ବାଣୀ ପାଳନ କରିବା ପାଇଁ ଯଦି ଆଜିର ଯୁବପିଢିଙ୍କ ଭିତରେ ଆଗ୍ରହ ସୃଷ୍ଟି କରିପାରିବା ତେବେ ଓଡିଆ ନବବର୍ଷ ପାଳନ କରିବାର ପ୍ରକୃତ ସାର୍ଥକତା ଆସିବ। ଚାଲ ଏବେ ଆମେ ସବୁ ଓଡିଆ ଏକ ସ୍ୱରରେ କହିବା 'ଆମେ ଓଡିଆ ଭାରି ବଢିଆ ।'

ଆମ ପର୍ବ କେତେ ମହାନ୍ !




ରଘୁନାଥ ଜୀଉ ମହାବିଦ୍ୟାଳୟ,
ଦେଉଳ ସାହି, ତୁଳସୀ ପୁର, କଟକ
(ମୋ) ୭୮୪୬୯୨୧୪୦୦


## ପଣା ସଂକ୍ରାନ୍ତି


ରବିନାରାୟଣ ପଟ୍ଟନାୟକ




ଆମେ ଓଡ଼ିଆ ଭାରି ବଢିଆ। ଏଠି ପାଳନ କରାଯାଏ ବାର ଓଷା ତେର ପର୍ବ। ହିନ୍ଦୁ ଧର୍ମାବଲମ୍ବୀମାନେ ପର୍ବ ପର୍ବାଣୀକୁ ବହୁତ ଖାସ ଢଙ୍ଗରେ ପାଳନ କରନ୍ତି।ଆଜି ହେଉଛି ପବିତ୍ର ପଣା ସଂକ୍ରାନ୍ତି। ଓଡ଼ିଆ ପରମ୍ପରାନୁଯାୟୀ ଏହି ଦିନଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଏହାଛଡ଼ା ଏହି ଦିନକୁ ମହାବିଷୁବ ସଂକ୍ରାନ୍ତି ଭାବେ ମଧ ପାଳନ କରାଯାଇଥାଏ। ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ।ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି। ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟ ମଧ୍ୟଭାଗକୁ ଚାଲି ଆସିଥାନ୍ତି। ଏହିଦିନ ସୂର୍ଯ୍ୟ ବିଶୁବରେଖାରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ବୈଶାଖ ମାସ ଆରମ୍ଭ ହେଉଥିବାରୁ ଗାଁ ମୁଣ୍ଡ ଏବଂ ଛକ ବଜାରରେ ଜଳଛତ୍ର ମଧ ଖୋଲାଯାଇଥାଏ ।

ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଚି ପଣାସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ।ଏହି ଦିନ ଏକ ଛୋଟ ମାଠିଆରେ ପଣା ରଖି ଚଉଁରା ମୂଳରେ ବାନ୍ଧିଦିଆଯାଏ।ମାଠିଆରେ ଥିବା ଛୋଟ କଣାରୁ ଧିରେ ଧିରେ ପାଣି ଝରେ ଯାହା ବର୍ଷାକୁ ସୂଚାଇଥାଏ ଏହି ଠେକିକୁ ବସୁନ୍ଧରା ଠେକି କୁହାଯାଏ। ଠାକୁରାଣୀ ମନ୍ଦିରମାନଙ୍କରେ ଏହି ଦିନ ଝାମୁ ଯାତ୍ରା ପାଳନ କରାଯାଏ। ଏହି ଅବସରରେ କଟକର ଚଣ୍ଡୀ ମନ୍ଦିର, ଯାଜପୁରର ବିରଜା ମନ୍ଦିର, ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର, ଗଞ୍ଜାମର ତାରାତାରିଣୀ ମନ୍ଦିରରେ ଅଧିକ ଭକ୍ତଙ୍କ ଭିଡ଼ ହୋଇଥାଏ।ଏହି ଦିନ ପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ । ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ବୋଲି ମଧ କହାଯାଏ।

ଏହି ସମୟରେ ସୂର୍ଯ୍ୟକିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ ବୃଦ୍ଧି ପାଇଥାଏ। ଦେହର ତାପକୁ ସାଧାରଣ କରିବା ପାଇଁ ଏହି ଦିନରେ ପଣା ପାନ କରାଯାଏ। ଏହି ମହାବିଷୁବ ସଂକ୍ରାନ୍ତିରେ ବିଭିନ୍ନ ଦେବଦେବୀ ମନ୍ଦିରରେ ବେଲ ପଣା ଭୋଗ ଦିଆଯାଏ। ତେଣୁ ଏହି ଦିନକୁ ପଣା ସଂକ୍ରାନ୍ତି କୁହାଯାଏ।ଲୋକେ ପଣାକୁ ଅଧିକ ସ୍ୱାଦଯୁକ୍ତ କରିବା ପାଇଁ ଏଥିରେ ବେଲ ସହିତ ଦହି, ଛେନା, ଗୁଡ଼, ଚିନି, କାଜୁ, କିସମିଶ, କଦଳୀ, ନଡ଼ିଆ ଏବଂ ଥଣ୍ଡା ବା ବରଫ ପାଣି ମିସାଇଥାନ୍ତି।ସେହିପରି ଓଡ଼ିଆ ପରମ୍ପରା ଅନୁସାରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗଣନା କରାଯାଏ ।ଓଡ଼ିଆ ପରିବାରରେ ଦେବଦେବୀଙ୍କଠାରେ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି କରାଯାଇଥାଏ । ଆଜିର ପବିତ୍ର ଦିନକୁ ନେଇ ପ୍ରତି ଓଡ଼ିଆ ଘର ଚଳଚଞ୍ଚଳ ହୋଇପଡ଼ିଛି।


+ ପଟିଆ, ଭୁବନେଶ୍ୱର
(ମୋ) ୯୯୩୮୧୧୩୨୨୬




## ଓଡିଆ ନୂଆ ବରଷ......


ରାମଚନ୍ଦ୍ର ବେହେରା




ଚଇତର ଅନ୍ତେ ବୈଶାଖ ଆସିଲା
ଋତୁରାଜ ଗଲା ଫେରି
ପ୍ରଚଣ୍ଡ ରୌଦ୍ରରେ କମ୍ପିଲା ବସୁଧା
ଶୁଖିଲା ସବୁଜ ଶିରୀ
ନୂଆ ବର୍ଷ ଉପନୀତ
ବିଷୁବ ସଂକ୍ରାନ୍ତି ବିରାଜିଲା ମର୍ତ୍ତ୍ୟେ
ଜୀବଜନ୍ତୁ ହନ୍ତସନ୍ତ।

ନୂଆ ବର୍ଷ ବୋଲି ସାରା ରାଇଜରେ
ରହିଛି ଏହାର ମାନ
ସାରା ଦେବାଳୟେ ପଣା ଲାଗିହେବ
ପୁଣି ନାମ ସଂକୀର୍ତ୍ତନ
ହେବ ପୂଣ୍ୟ ଝାମୁଯାତ
ଜଳନ୍ତା ନିଆଁରେ ପାଟୁଆ ଚାଲିବେ
ହେବ ତାଂକ ବ୍ରତ ଅନ୍ତ।

ପବନ ସୁତଂକ ଜନ୍ମଦିନ ଆସେ
ଏହି ପବିତ୍ର ଦିନରେ
ଶ୍ରଦ୍ଧାଳୁ ପୂଜନ୍ତି ସତ୍ୟନିଷ୍ଠ ଚିତ୍ତେ
ଧୂପ ଦୀପ ନୈବେଦ୍ୟରେ
ଶୁଭେ ଶଂଖ ହୁଳହୁଳି
ତାପ ମୁକ୍ତି ପାଇଁ ପ୍ରଭୁଂକୁ ଡାକନ୍ତି
ବିନମ୍ର ପ୍ରଣତି ଢାଳି।

ସଭିଏଁ ସଜାନ୍ତି ଛୋଟ ଛାମୁଡିଆ
ପବିତ୍ର ଚଉଁରା ଶିରେ
ଚନ୍ଦନ ଚର୍ଚ୍ଚିତ ବସନ୍ତରା ଠେକି
ଝୁଲେ ତୁଳସୀ ଉପରେ
ଝରେ ବୁନ୍ଦା ବୁନ୍ଦା ପାଣି
ଶୀତଳ ପରଶେ ହୋଇ ଅଭିଭୂତା
ହସଇ ତୁଳସୀ ରାଣୀ।

ଓଡିଆ ସଂସ୍କୃତି ଓଷା ବ୍ରତ ନୀତି
ଖୁସି ଭରିଦିଏ ମନେ
ବାର ମାସେ ଆସେ ତେର ନୂଆ ପର୍ବ
ପାଳନ୍ତି ରାଇଜେ ଜନେ
ଓଡିଆ ନୂଆ ବରଷ
ସୁଖ ସୌଭାଗର ନୂତନ ଆଲୋକ
ପରାଣେ ଦିଏ ଅଶେଷ।


+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୬୩୫୫୬୩୪୩୪୬


## ଓଡିଆ ନବବର୍ଷ


ନିରଂଜନ ସାହୁ


ପଣା ସଙ୍କରାନ୍ତି ଓଡ଼ିଆ ଜାତିର
ନୂତନ ବରଷେ ଗଣା
ବିଷୁବ ରେଖାରେ ସୂର୍ଯ୍ୟ ଅବସ୍ଥାନ
ଏକଥା ସଭିଙ୍କୁ ଜଣା ।

ନିଦାଘ ସମୟ ଏହି ଦିନ ଠାରୁ
ଆରମ୍ଭ ହୁଅଇ ପରା
ମେଷ ସଂକ୍ରାନ୍ତି ଏ ସୂର୍ଯ୍ୟଙ୍କ କିରଣେ
ଉତ୍ତପ୍ତ ହୋଇବ ଧରା
ଏହିଦିନ ଆମେ ଖାଇବା ଛତୁଆ
ପିଉଥିବା ବେଲ ପଣା ।

ଚଉଁରା ଉପରେ ଜାମୁଡାଳ ଥୋଇ
ଛାମୁଣ୍ଡିଆଟିଏ କର
ବସୁନ୍ଧରା ଘଡି ତହିଁରେ ଟାଙ୍ଗିକି
ତା ମଥାରେ ଜଳ ଭର
ଜଳ ଝରିବାକୁ ନିହାତି କରିବ
ଘଡି ପଛପଟେ କଣା ।

ଦିଅଁଦେବତାଙ୍କ ପାଶେ ଭୋଗ ବାଢି
ମଙ୍ଗଳ ମନାସୁ ଥାଅ
ଝାମୁଯାତ୍ରା ହେବ ଠାକୁରାଣୀ ପୀଠେ
ଦେବୀଙ୍କ ମହିମା ଗାଅ
ନିଆଁରେ କାଳିସୀ ଚାଲିବ ଏଦିନ
ମନ ନ କରିକି ଊଣା ।

ହନୁମାନଙ୍କର ଜୟନ୍ତୀ ପାଳନ
ଏହି ଦିବସରେ ହୁଏ
ପୂଜାପାଠ ପାଇଁ ଷୋଳ ଉପଚାର
ଭକତ ଆଣିକି ଥୁଏ
ଆଜିଠାରୁ ନୂଆ ପଞ୍ଜିକା ଚଳିବ
ହେବ ନାହିଁ ତିଥି ବଣା ।

ଈଈଈଈଈଈ


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
(ମୋ) ୯୯୩୮୭୪୧୫୮୩


## ପଣାସଂକ୍ରାନ୍ତି


ହେମନ୍ତ କୁମାର ଗନ୍ତାୟତ




ଆଦିତ୍ୟ ଚନ୍ଦ୍ରମା ଚଳନ ଦେଖିଣ
ଆମର ବିଜ୍ଞ ଜ୍ୟୋତିଷ
କାଳର କଳନା କରନ୍ତି ଗଣନା
ପଞ୍ଚାଙ୍ଗ କରନ୍ତି ଶେଷ ।

ପୁଣ୍ୟ ପର୍ବ ରୀତି ପୂଜା ନୀତି କାନ୍ତି
ଦୁଇ ବିଧେ ହୁଏ ସ୍ଥିର
ବାରରାଶି ମଧେ ବେନି ରବି ଶଶି
କରନ୍ତି କ୍ରମେ ଗୋଚର ।

ରାଶି ଗୃହେ ଯେବେ ରବି ସଂକ୍ରମିଲେ
ସଂକ୍ରାନ୍ତି ଆଦ୍ୟ ଦିବସ
ଅପର ରାଶିକୁ ଗମନ ପୂର୍ବରୁ
ମାସାନ୍ତ ବା ମାସ ଶେଷ ।

ବାର ବାର ଗୋଟି ସଂକ୍ରାନ୍ତି ମାସାନ୍ତ
ବାରମାସେ ଆସେ କ୍ରମେ
ମହାବିଷୁବକୁ ରବି ଯେ ଗମନ୍ତି
ଆଦ୍ୟ ମେଷ ରାଶି ଧାମେ ।

ନବୀନ ପଞ୍ଜିକା ପ୍ରଚଳନ ଲଭେ
ପାଳନ୍ତି କପିଙ୍କ ଜନ୍ମ
ପକ୍ୱ ଆମ୍ର ଫଳ ପ୍ରପାନକ ଆଦି
ପୂଜିଥାନ୍ତି ସର୍ବ ଜନ ।

ଓଡ଼ିଆଙ୍କ ପର୍ବ ଓଡ଼ିଆଙ୍କ ଗର୍ବ
ମହାବିଷୁବ ସଂକ୍ରାନ୍ତି
ଓଡ଼ିଶାର ସର୍ବେ ପୁର ପଲ୍ଲୀବାସୀ
ନୂତନ ବର୍ଷ ପାଳନ୍ତି ।

ନୂତନ ବରଷ କର ହେ ହରଷ
ମଧୁମୟ ବିଶ୍ୱ ହେଉ
ସବୁରି ଅନ୍ତରେ ପ୍ରୀତି ଭରିଦିଅ
ଘୃଣା ଦ୍ୱେଷ ଦୂରେ ଯାଉ ।

ପଲ୍ଲବିତ ହେଉ ହୃଦୟ କମଳ
କୋମଳ ଭାବକୁ ବହି
ତୁମେ କୃପାକଲେ ପ୍ରଭୁ ଜଗନ୍ନାଥ
ହସି ଉଠିବ ଏ ମହୀ ।


+ ଆସିକା , ଗଞ୍ଜାମ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯୁଦ୍ଧ ବିରତି...

ନିକଟରେ ବିଭିନ୍ନ ଦେଶଙ୍କ ଉପରେ ତାରିଫ୍ ଲାଗୁ କରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମଗ୍ର ବିଶ୍ୱରେ ତଥା ନିଜ ଦେଶ ଭିତରେ ସମାଲୋଚନାର ଶିକାର ହୋଇଥିଲେ । ଏହାଦ୍ୱାରା ବିଶ୍ୱର ଏକ ମହାଶକ୍ତି ଭାବରେ ଆମେରିକାର ରହିଥିବା କ୍ଷମତାରେ ଏଭଳି ଭାବରେ ଅବନତି ଘଟୁଥିବା ଦେଖିବାକୁ ମିଳିଥିଲା, ଯାହା ଆଧୁନିକ ସମୟର ଇତିହାସରେ ବିରଳ । ରାଷ୍ଟ୍ରପତି ଭାବରେ ନିଜର ଦ୍ୱିତୀୟ ବାର ବିଜୟ ପରେ ଶ୍ରୀଯୁକ୍ତ ଟ୍ରମ୍ପ୍ ସମଗ୍ର ବିଶ୍ୱ ବିରୁଦ୍ଧରେ ଯେଉଁ ବଣିଜ୍ୟ ଯୁଦ୍ଧ ଆରମ୍ଭ କରିଥିଲେ, ତାହା କିପରି ଏବଂ କେତେବେଳେ ଶେଷ ହେବ, ତାହା ସେ ସମ୍ଭବତଃ ନିଜେ ମଧ ଜଣି ନଥିଲେ । ସେ ଚାହୁଁଥିଲେ ସେ ଜଣେ ବ୍ୟବସାୟୀ ଭଳି ସେ ବିଶ୍ୱର ସବୁ ରାଷ୍ଟ୍ରଙ୍କ ସହିତ ବ୍ୟବସାୟିକ ବୁଝାମଣା କରିବେ, ଯେପରିକି ସବୁ କାରବାରରେ ସେ ହିଁ ଏକମାତ୍ର ଲାଭ ଅର୍ଜନକାରୀ ବ୍ୟକ୍ତି ହେବେ । ଆଉ ଏଭଳି ମନୋଭାବ ଫଳରେ ସେ ତାଙ୍କ ସହିତ ତାଳ ଦେଇ ପାରିବା ଭଳି ଏକମାତ୍ର ବିଶ୍ୱ ଶକ୍ତି- ତାଙ୍କର ପ୍ରମୁଖ ପ୍ରତିଦ୍ୱନ୍ଦୀ, ଯିଏକି ଏକ ଅବିଶ୍ୱସନୀୟ ୧୦୪ ପ୍ରତିଶତ ତାରିଫ ପ୍ରତିବନ୍ଧକ ବିରୁଦ୍ଧରେ ମୁଣ୍ଡ ଟେକି ଗର୍ବର ସହିତ ଠିଆ ହୋଇ ପାରିଛି- ଚୀନ୍‌କୁ ହରାଇବା ସହିତ ନିଜର ମିତ୍ରମାନଙ୍କୁ ମଧ୍ୟ ହରାଇ ଚାଲିଥିଲେ। ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ) ମଧ ଆମେରିକା ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ମସୁଧା କରୁଥିଲା । ତଥାପି ଭାରତରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏ ବାବଦରେ ଦୃଢ଼ ଆତ୍ମବିଶ୍ୱାସର ସହ କହିଥିଲେ, 'ଆମେ ଭାରତରେ ସ୍ୱାର୍ଥକୁ ସମ୍ମୁଖ ଭାଗରେ ରଖିଛି, ଯାହା ଆଶ୍ୱସ୍ତ କରିଥିଲା ଯେ ଆମେରିକା ସହିତ ଭାରତର ଏକ ଆଶ୍ୱସ୍ତ ବ୍ୟାପକ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷର କରାଯିବା ନିମନ୍ତେ କାର୍ଯ୍ୟ ଚାଲୁ ରହିଛି । ସେ ଯାହାହେଉ, ସବୁଆଡୁ ଚାପର ସମ୍ମୁଖୀନ ହେବା ପରେ ଏବେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବର୍ତ୍ତମାନ ପାଇଁ ଚୀନ୍ ବ୍ୟତୀତ ଅନ୍ୟ ସମସ୍ତ ରଙ୍କ ଉପରେ ଅତିରିକ୍ତ ପାରସ୍ପରିକ ତାରିଫ୍ କ୍ଷେତ୍ରରେ ସାମୟିକ ବିରାମ ଲଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସମ୍ପ୍ରତି ଚୀନ୍ ୧୨୫ ପ୍ରତିଶତ ତାରିଫର ସାମ୍ନା କରୁଥିବା ବେଳେ ଆସନ୍ତା ୯୦ ଦିନ ପାଇଁ ଅନ୍ୟ ସବୁ ରାଷ୍ଟ୍ର ୧୦ ପ୍ରତିଶତ ତାରିଫକୁ ସାମ୍ନା କରିବେ, ଯେଉଁ ସମୟର ଅବଧି ମଧ୍ୟରେ ସେମାନେ ଆମେରିକା ସହିତ ଏକ ବାଣିଜ୍ୟିକ କାରବାର ଚୁକ୍ତିନାମା ସମ୍ପନ୍ନ କରିବା ଆଶା କରାଯାଉଛି । ଏସବୁର ଅର୍ଥ ହେଉଛି, ବିଶ୍ୱ ବାଣିଜ୍ୟ ଯୁଦ୍ଧର ପରିସମାପ୍ତି ଘଟିନାହିଁ; କେବଳ ଯାହା ବର୍ତ୍ତମାନ ପାଇଁ ଏହା ବିଶ୍ୱର ଦୁଇଗୋଟି ବୃହତ ଅର୍ଥନୀତିଙ୍କ ମଧରେ ଯୁଦ୍ଧ ହୋଇ ରହିଛି । ଏହି ଏକମୁଖୀ ଯୁଦ୍ଧ ଚାଲୁ ରହିବାକୁ ଯାଉଥିବା ବେଳେ ସମୟ କହିବ, ଏଥିରେ ଟମ୍ପ୍ ବାସ୍ତବରେ ହୃଦୟଙ୍ଗମ କରି ପାରିଛନ୍ତି କି ନାହିଁ ଯେ ମାତ୍ର ଗୋଟିଏ ଦିନ ଭିତରେ ସମଗ୍ର ବିଶ୍ୱର ଅର୍ଥନୀତିକ ଅବସ୍ଥା କେତେ ଅନିଶ୍ଚିତତା ଭିତରକୁ ଠେଲି ହୋଇଗଲା, କାରଣ ସେଇ ଗୋଟିଏ ଦିନରେ ବିଶ୍ୱ ଷ୍ଟକ୍ ମାର୍କେଟ୍ ବ୍ୟବସାୟିକ କାରବାରରେ ୧୦ ଟ୍ରିଲିଅନ୍ ଡଲାରର ବଜାର ପାଣ୍ଠିକୁ ପୋଛି ନେଇଗଲା । ଏହି ନୀତିଗତ ଉତ୍‌ଥାନ-ପତନର ବ୍ୟାପକତା, ଯେଉଁଥିରେ ବିଶ୍ୱର ସବୁ ରାଷ୍ଟ୍ର ପ୍ରବାବିତ ହେଲେ, ତାହା ଆଧୁନିକ ଅର୍ଥନୀତିକ ଇତିହାସରେ ଏକ ଅଭୁତପୂର୍ବ ଘଟଣା। ଚୀନ୍ ସହିତ ଆମେରିକାର ବ୍ୟାପକ ବ୍ୟବସାୟିକ କାରବାର ଅଧିକ ଅସନ୍ତୁଳନରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି, କିନ୍ତୁ ସାରା ବିଶ୍ୱର ଯୋଗାଣ ଶୃଙ୍ଖଳରେ ବ୍ୟାଘାତ ସୃଷ୍ଟି କରାଯାଇ ଏହା ହାସଲ କରାଯାଇ ପାରିବ ନାହିଁ । ୧୦ ପ୍ରତିଶତରୁ ଯେ କୌଣସି ଅଧିକ ପରିମାଣର ତାରିଫ୍ କେବଳ ବିଶ୍ୱ ବାଣିଜ୍ୟ କାରବାର ପ୍ରତି କ୍ଷତି ପହଞ୍ଚାଇବେ ନାହିଁ, ବରଂ ଆମେରିକା ପାଇଁ ମଧ ଆତ୍ମଘାତୀ ସାବ୍ୟସ୍ତ ହେବ, ଯାହା ନିଶ୍ଚିତ ଭାବରେ ମୁଦ୍ରାସ୍ଫୀତିଜନିତ ସମସ୍ୟା ଭୋଗିବ, କାରଣ ଖାଉଟି ମାନଙ୍କୁ ସାମଗ୍ରୀ ରୂପରେ ଦରବୃଦ୍ଧି କରାଇ ଆଦାୟ କରିବା ପୂର୍ବରୁ ଆମଦାନୀକାରୀମାନଙ୍କୁ ଦେୟ ପୈଠ କରିବାକୁ ପଡ଼ିବ। ଆଉ ଏହା କେବଳ ମୁଦ୍ରାନୀତିକୁ ଆମନ୍ତ୍ରଣ କରିବା ଭଳି କାର୍ଯ୍ୟ ଭାବରେ ପ୍ରମାଣିତ ହେବନାହିଁ, ବରଂ ଅପରିପୋଷଣୀୟ ତାରିଫ୍ ଜରିଆରେ ଅଭିବୃଦ୍ଧିକୁ ସ୍ଥାଣୁ କରିବ। ସାମୟିକ ବିରତି ସତ୍ତ୍ୱେ ଏବେ ସମସ୍ତଙ୍କ ପାଇଁ ଯାହା ସର୍ବାଧିକ ଚିନ୍ତାର ବିଷୟ, ତାହା ହେଉଛି- ଟ୍ରମ୍ପ୍ ୨.୦ ବିଶ୍ୱ ଅର୍ଥନୀତିକ ଶୃଙ୍ଖଳା ଉପରେ ଏକ ପ୍ରକାରର ଅର୍ଥନୀତିକ ଅନିଶ୍ଚିତତାକୁ ଲଦି ଦେଇଛନ୍ତି, ଯାହାର କେବଳ ଆର୍ଥିକ ବଜାରଗୁଡ଼ିକରେ ଦୀର୍ଘକାଳୀନ ଅର୍ଥନୀତିକ ନିଷ୍ପତ୍ତିଗୁଡ଼ିକ ଉପରେ ପଙ୍ଗୁ କରିଦେବା ଭଳି ପ୍ରଭାବମାନ ପଡ଼ିବ ନାହିଁ, ତା' ସହିତ ମଧ ପଡ଼ିବ ବାସ୍ତବ ଅର୍ଥନୀତି ଉପରେ । ତାରିଫଗୁଡ଼ିକ ଗୋଟିଏ ସପ୍ତାହ ଭିତରେ ଲାଗୁ କରାଯାଇପାରେ ଏବଂ ପ୍ରତ୍ୟାହାର କରି ନିଆଯାଇପାରେ, କିନ୍ତୁ ଯୋଗାଣ ଶୃଙ୍ଖଳଗୁଡ଼ିକ ନିର୍ମାଣ ହେବା ନିମନ୍ତେ ବର୍ଷ ବର୍ଷ ସମୟ ନେଇପାରେ ଏବଂ ବିକଶିତ ହେବା ନିମନ୍ତେ ଦଶ ଦଶନ୍ଧିର ସମୟ ନେଇପାରେ । ଏହା ବାଦ୍ ବୈଶିକ ମୂଲ୍ୟ ଶୃଙ୍ଖଳଗୁଡ଼ିକ କ୍ଷେତ୍ରରେ ଚୀନ୍ ଅର୍ଥନୀତିର ଗୁରୁତ୍ୱ ଦୃଷ୍ଟିରୁ ବିଚାର କଲେ ଜାଣିହେବ ଯେ ଏମିତିକି କେବଳ ଆମେରିକା ଚୀନ୍ ବାଣିଜ୍ୟ ଯୁଦ୍ଧରେ ପ୍ରତ୍ୟେକ ପକ୍ଷ ଆପରକୁ ଆକ୍ରୋଶମୂଳକ ଭାବରେ ସାମନା କରିବା ଭଳି କାର୍ଯ୍ୟ କରିବାର ଅର୍ଥ ସମଗ୍ର ବିଶ୍ୱର ଅର୍ଥନୀତି ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇବା । ତେଣୁ ଏଭଳି ପରିସ୍ଥିତିରେ ଆଗାମୀ ସମୟର ଗତି କିପରି ହେବ, ତାକୁ କେବଳ ସମଗ୍ର ବିଶ୍ୱବାସୀ ଉତ୍କଣ୍ଠିତ ଭାବରେ ଅପେକ୍ଷା କରିବା ବ୍ୟତୀତ କ୍ୱଚିତ କୌଣସି ପନ୍ଥା ରହିଛି

# ଲୋପ ପାଇଆସୁଥିବା ପରମ୍ପରା : କୋଇଲିପୂଜା



**କାନନ ବାଳା ନାୟକ**

ସ୍ୱର ଓ ସଙ୍ଗୀତର କଥା ଆସିଲେ କୋଇଲିର ଛବି ସ୍ୱତଃ ଆଖି ଆଗରେ ନାଚିଉଠେ। ଏଇ ଜୀବଜଗତର ସବୁଠାରୁ ମଧୂର ସ୍ୱରର ଅଧିକାରୀ ହେଉଛି କୋଇଲି। ସେଇଥିପାଇଁ ଯେଉଁ ମଣିଷ ସୁମଧୂର କଣ୍ଠ ସ୍ୱରର ଅଧିକାରିଣୀ ହୋଇଥାଏ ତାକୁ କୋକିଳକଣ୍ଠୀ ବୋଲି କୁହାଯାଏ।କୋଇଲିର ସ୍ୱରକୁ ଭଗବାନ ଶ୍ରୀକୃଷ୍ଣଙ୍କ ବଂଶୀର ଧ୍ୱନିସହ ମଧ ତୁଳନା କରାଯାଏ। ତା ଶରୀର କଳା ହେଲେ କଣ ହେବ, ଭଗବାନ ତାକୁ କେତେ ସୁନ୍ଦର କଣ୍ଠଟେ ଦେଇଛନ୍ତି, ଯାହା ଦ୍ୱାରା ସେ ସମସ୍ତ ମାନବ ସମାଜକୁ ମନ୍ତ୍ରମୁଗ୍ଧ କରିଦିଏ।ଏଭଳି କରି ଭଗବାନ ଏସମଗ୍ର ଜୀବଜଗତକୁ ଏକ ବାର୍ତ୍ତା ଦେଇଛନ୍ତି,ଯେ ଗୁଣ ପାଖରେ ରୂପ ତୁଚ୍ଛ। ତୁମ ଶରୀରର ରଙ୍ଗ ନୁହଁ ତୁମ ଗୁଣ ହିଁ ତୁମର ପରିଚୟ। ତୁମ ଗୁଣ ତୁମକୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରେ।ଯେମିତି ଏଇ କୋଇଲିର ସ୍ୱର ତାକୁ ଅନ୍ୟ ପକ୍ଷୀମାନଙ୍କଠାରୁ ଅଲଗାକରେ।

ଋତୁରାଜ ବସନ୍ତର ଆଗମନରେ ସବୁଜରଙ୍ଗର ସମ୍ଭାରରେ ସଜାଇ ହୋଇ ନବବଧୂର ବେଶ ଧାରଣ କରିଥିବା ପ୍ରକୃତିରାଣୀର ନବ ପଲ୍ଲବିତ ଆମ୍ରକୁଞ୍ଜ ଭିତରୁ ଶୁଣାଯାଉଥିବା କୋଇଲିର ସୁମଧୁର ତାନ, ଜୀବଜଗତର ମନ ପ୍ରାଣରେ ଭରିଦିଏ ଅଫୁରନ୍ତ ଆନନ୍ଦ। ହେଲେ ଋତୁଚକ୍ରର ଗତିରେ ଯେତେବେଳେ ବସନ୍ତ ବିଦାହୋଇ ବିଷୁବସଂକ୍ରାନ୍ତି ବା ପଣାସଂକ୍ରାନ୍ତି ଦିନ ବୈଶାଖ ଆସେ, ସେତେବେଳେ ବସନ୍ତର ମୃଦୁ ମଳୟର ସ୍ଥାନ ନେଇଥାଏ ଗ୍ରୀଷ୍ମର ପ୍ରବଳଝାଞ୍ଜି। ଏଇ ସମୟରେ ପ୍ରକୃତି, ମଣିଷ ଓ ପରିବେଶ ମଧ୍ୟରେ ସମନ୍ୱୟ ରଖିବା ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର

କୁମାରୀ କନ୍ୟା ମାନେ କରିଥାଆନ୍ତି 'କୋଇଲି ପୂଜା'। କୁହାଯାଏ ଯେ କୋଇଲିକୁ ପୂଜା କରୁଥିବା କୁମାରୀ କନ୍ୟାକୁ ତା'ଭଳି ସୁନ୍ଦର ସ୍ୱର ମିଳେ।

କୋଇଲି ପୂଜା ବିଷୁବ ସଂକ୍ରାନ୍ତିର ସାତ ଦିନ ପୂର୍ବରୁ ଆରମ୍ଭ କରାଯାଏ।ତାର କିଛି ଦିନ ପୂର୍ବରୁ ପୋଖରୀ ବା ନଦୀ କୂଳରୁ ଚିକଟାମାଟି ଆଣି ସେଇ ମାଟିକୁ ଚକଟି ପ୍ରଥମେ ଗୋଟେ ବେଦୀ ତିଆରି କରାଯାଏ। ତାପରେ ସେଇ ମାଟିରେ କୋଇଲିର ଦୁଇଟି ମୂର୍ତ୍ତି ତିଆରି କରାଯାଏ। ଗୋଟେ ଅଣ୍ଡିରା କୋଇଲି ଓ ଗୋଟିଏ ମାଈ କୋଇଲି। ଚାରୋଟି ବାଉଁଶ କାଠିରେ କୋଇଲିର ଗୋଡ଼ କରାଯାଏ। କୋଇଲିର ଆଖି ନାଲି ରଙ୍ଗର ହୋଇଥିବାରୁ ତା ଆଖି ତିଆରି ପାଇଁ ରୁଞ୍ଜ ବା କାଇଁଚର ବ୍ୟବହାର କରାଯାଏ। କାଇଁଚର ଅଗ୍ରଭାଗ କଳା ରଙ୍ଗର ହୋଇଥାଏ ଓ ପଛ ଭାଗ ନାଲି ରଙ୍ଗ ହୋଇଥାଏ। ତେଣୁ ତାକୁ କୋଇଲିର ଆଖି ତିଆରି ପାଇଁ ବ୍ୟବହାର କରାଯାଏ। ମାଟିରେ ଧାନ ଲଗାଇ ଛତା, ବିଞ୍ଚଣା ଇତ୍ୟାଦି ତିଆରି କରାଯାଏ। ମାଟିରେ ଦୁଇଟି ଗିନା ମଧ ତିଆରି କରାଯାଏ। ତାପରେ କୋଇଲି ଉପରେ କଳା ରଙ୍ଗ ଉପରେ ଧଳା ଟିପା ଦେଇ ରଙ୍ଗ କରାଯାଏ। ଯେମିତି ସେଇ ମୃତ୍ତିକା ତିଆରି କୋଇଲି ସତସତିକା କୋଇଲି ଭଳି ଦେଖାଯିବ। କୋଇଲିକୁ ବେଦୀ ଉପରେ ରଖାଯାଏ।

ଗ୍ରୀଷ୍ମର ପ୍ରବଳ ତାତିରୁ ରକ୍ଷା କରିବା ପାଇଁ ମାଟିରେ ତିଆରି ହୋଇଥିବା ଛତାକୁ କୋଇଲି ଉପରେ ଏପରି ଭାବରେ ରଖାଯାଏ, ଯେମିତି କୋଇଲି ଉପରେ ଖରା ପଡିବନାହିଁ। ତା ପରେ ଦୁଇଟି କୋଇଲିର ଥଣ୍ଟ ତଳେ ଦୁଇଟି ଗିନା ରଖାଯାଏ। ବେଦିର ଦୁଇ ପାର୍ଶ୍ୱରେ ଦୁଇଟି ବିଞ୍ଚଣା ରଖାଯାଏ। ସଂକ୍ରାନ୍ତିର ସାତ ଦିନପୂର୍ବରୁ ଗାଁର କୁମାରୀ କନ୍ୟାମାନେ ବଡି ଭୋରରୁ ଉଠି ଫୁଲ ତୋଳନ୍ତି। ସମସ୍ତେ ଏକତ୍ରିତ ହୋଇ ଗାଧୁଆପାଧୁଆ ସାରି କୋଇଲିକୁ ପୂଜା କରନ୍ତି। ବିଭିନ୍ନ ପ୍ରକାରର ଛତୁଆ, ଗୁଡ, କଞ୍ଚା ଆମ୍ବ ଇତ୍ୟାଦିକୁ ଗିନାରେ ରଖି ଭୋଗ ଲଗନ୍ତି।ତାପରେ ଗିନାରେ ପାଣି ମଧ ଦିଅନ୍ତି। (କୋଇଲିପୂଜା ସରିବା ପରେ ହିଁ ମୟୂରଭଞ୍ଜ ଓ ବାଲେଶ୍ୱରର ଲୋକମାନେ ଆମ୍ବ ଖାଆନ୍ତି)। ଏମତି ସାତ ଦିନ ପୂଜା କରି ସାରିବା ପରେ ବିଷୁବ ସଂକ୍ରାନ୍ତି ଦିନ କୋଇଲି ବାହାଘର କରାଯାଏ। ସେଦିନ କୋଇଲି ଦୁଇଟିଙ୍କୁ ନୂଆ ବସ୍ତ୍ର ପିନ୍ଧାଯାଏ। ପିଲାମାନଙ୍କ ଭିତରୁ କିଛି କନ୍ୟା ତରଫରୁ ରହନ୍ତି ଆଉ କିଛି ବର ତରଫରୁ ବରଯାତ୍ରୀ ହୋଇ ଆସନ୍ତି।ବାହାଘର ସରିବା ପରେ ଛତୁଆ, ଆମ୍ବ ଓ ଅନ୍ୟାନ୍ୟ ଫଳ ବେଦୀ ଉପରେ ଭାର ରୂପେ ରଖି ପୂଜା କରୁଥିବା କନ୍ୟାମାନଙ୍କ ଭିତରୁ ଜଣକର ଭାଇ କୋଇଲି ଯୋଡ଼ିଙ୍କୁ ଆମ୍ବଗଛର ଛକ ଜାଗାରେ ରଖିଆସନ୍ତି।

ଆମେମାନେ ମଧ ପିଲାଥିଲା ବେଳେ କୋଇଲି ପୂଜା କରୁଥିଲୁ। ଆମ ଗାଁରେ ମାତ୍ର ଦୁଇ ଘର ବ୍ରାହ୍ମଣ। ସେଇ ବ୍ରାହ୍ମଣ ଘରର ଗୋଟେ ଝିଅ ବୀଣାପାଣି ମୋ ସାନ ଭଉଣୀ ସହ ପଢୁଥିଲା। ଆମେ ସବୁ ଗାଁ ଝିଅ ମାନେ ତାଙ୍କ ଘରେ କୋଇଲି ପୂଜା କରୁଥିଲୁ। ତାର ଦୁଇ ଭାଇ। ତା ସାନ ଭାଇ ସୁଜିତ ଓରଫ ସୁଜ ଆମମାନଙ୍କ ସହିତ ମିଶି କୋଇଲି ତିଆରି କରେ। ସାତଦିନ ସାରା ଆମ ସହ ମିଶି ଫୁଲ ତୋଳେ। ବ୍ରାହ୍ମଣ ହୋଇ ଆମ କୋଇଲି ପୂଜା କରେ ଓ ବିଷୁବ ସଂକ୍ରାନ୍ତିଦିନ କୋଇଲି ବାହାଘର ହୁଏ। ଆମ ଭିତରୁ ଅଧେ କନ୍ୟାପକ୍ଷ ଓ ଅଧା ବରଯାତ୍ରୀ ହେଉ। ବାହାଘର ସରିଲେ ଭାର ବେଭାର ଦେଇ ଘଣ୍ଟ ଘଣ୍ଟା ବଜାଇ ବରଯାତ୍ରୀଙ୍କ ସହ ସୁଜ କୋଇଲିକୁ ଆମ୍ବ ଗଛ ଉପରେ ଛାଡିଆସେ। ସେ ସମୟରେ ଆମେ ଭାବୁଥିଲୁ କୋଇଲିକୁ ଆମ୍ବ ଗଛ ଉପରେ ଛାଡି ଆସିବା ପରେ ମାଟିର କୋଇଲି ସତ ସତିକା କୋଇଲି ହୋଇଯାଆନ୍ତି ଓ କିଛି ଦିନ ପରେ ଉଡିଯାଆନ୍ତି।

ସୁଜ ଯେତେବେଳେ ନବମ ଶ୍ରେଣୀରେ ପଢୁଥିଲା ହଠାତ ଦିନେ ଆମେ ଖବର ପାଇଲୁଯେ ରାତିରେ ଟିଉସନରୁ ଫେରୁଥିବା ସମୟରେ ସେ ଗୋଟେ ବାଉଁଶ ବୁଦା ପାଖରେ ଗଡିପଡିଲା।ଆମ ଗାଁ ଲୋକଙ୍କ ଭିତରୁ କିଏ କହିଲା ସୁଜ ଭୂତ ଦେଖି ଡରିଯାଇ ମୃତ୍ୟୁ ବରଣ କରିଛି, ତ କିଏ କହିଲା ହୃତଘାତରେ ମୃତ୍ୟୁ ବରଣ କରିଛି। ସୁଜର ମୃତ୍ୟୁ ପରେ ଆମେ ଆଉ କୋଇଲି ପୂଜା କରିନଥିଲୁ। ପାଖଆଖ ଗାଁର କୁଆଁରୀ କନ୍ୟାମାନେ କିନ୍ତୁ କୋଇଲି ପୂଜା କରୁଥିଲେ। ହେଲେ ସମୟ ଅତିକ୍ରାନ୍ତ ହେବା ସହିତ ଗାଁ ଗହଳିର ଲୋକେ ନିଜନିଜ ବାଡି ବଗିଚାରେ ଥିବା ବଡ଼ବଡ଼ ଆମ୍ବଗଛ ସବୁ କାଟି ସାରିଲେଣି। କୋଇଲିର ସ୍ୱର ମଧ କଚିତ ଶୁଣାଯାଉଛି। ଆମ୍ବ ଗଛ ସହିତ ଅନ୍ୟ ଗଛରେ ମଧ କୋଇଲି ରାବିଲାଣି। ଏବେ ମାର୍କେଟରେ ନାନା ପ୍ରକାରର ଖେଳନା ମିଳିଲାଣି। ମାଟିକାଦୁଅରେ ମୂର୍ତ୍ତି ତିଆରି କରିବାକୁ ପିଲାମାନେ ପସନ୍ଦ କରୁନାହାଁନ୍ତି। ପିଲାମାନଙ୍କ ମାଆ ବାପା ମାନେ ମଧ ତାଙ୍କୁ ଘରୁ ବାହାରକୁ ଅନ୍ୟ ପିଲାଙ୍କ ସହ ମିଶି ଖେଳିବା ପାଇଁ ଛାଡୁ ନାହାଁନ୍ତି। ତେଣୁ ଆଜିକାଲି ପିଲାମାନେ ଏସବୁ ପର୍ବ ପାଳନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି।

କର୍ପୁର ସିନା ଉଡିଯାଉଛି ହେଲେ କନା ଛାଡିଯାଉଛି। ସେମିତି ସମସ୍ତେ ମିଳିତ ହୋଇ ପର୍ବ ପାଳନ କରିବାର ଯେଉଁ ଆନନ୍ଦ, ଆଜି କାଲି ପିଲାମାନେ ସେ ଆନନ୍ଦରୁ ବଞ୍ଚିତ ହେଉଛନ୍ତି। ଆମ କଳା, ସଂସ୍କୃତି, ପର୍ବ, ପର୍ବାଣୀ ଆମକୁ ଜୀବନ ଜିଇଁବା ଶିଖାଉଥିଲା।

ପରସ୍ପର ଭିତରେ ସ୍ନେହ ପ୍ରେମ ବାଣ୍ଟି ମିଳିମିଶି ରହିବାର କଳା ଶିଖାଉଥିଲା। ଆଜି କାଲି ଏସବୁ ପରମ୍ପରା ଲୋପ ପାଇ ଆସିବା ସହିତ ମଣିଷ ମଣିଷ ଭିତରର ସ୍ନେହ, ପ୍ରେମ ମଧ ଲୋପ ପାଇଯାଉଛି। ମଣିଷ ଭିତରର ମାନବିକତା ସ୍ୱାର୍ଥର ଜଳନ୍ତା ଜୁଇରେ ଜଳିପୋଡି ପାଉଁଶ ହୋଇ ଯାଉଛି। ମାନବିକତାକୁ ଜୀବିତ ରଖିବାକୁ ହେଲେ ଏ ସବୁ ପର୍ବପର୍ବାଣିକୁ ଜୀବନ୍ତ ରଖିବାର ଏକାନ୍ତ ଆବଶ୍ୟକତା ଅଛି। ଏଥିପାଇଁ ଆମ ସମସ୍ତଙ୍କୁ ମିଳିତ ଉଦ୍ୟମ କରିବାର ଆବଶ୍ୟକତା ଅଛି।



+ ଅତିରିକ୍ତ ବାଣିଜ୍ୟକର ଆୟୁକ୍ତ

(ଅପିଲ୍)ଦ୍ରବ୍ୟଓସେବାକର,

ପୁରୀ ଚକଳା,ପୁରୀ।

ମୋ: ୯୪୩୮୧୪୬୨୦୦


# ଭକ୍ତ ତୁଳସୀ ଦାସଙ୍କ ପାଇଁ ଦୋହା ଲେଖିଦେଲେ ସ୍ୱୟଂ ହନୁମାନ !




**ଶ୍ୟାମ ସୁନ୍ଦର ସାମଲ**

ଭକ୍ତ ପାଇଁ ଭଗବାନ କ'ଣ ନକରନ୍ତି ? ଭକ୍ତର କଥା, ତାର ଖବର ସେ ପ୍ରତି ମୁହୂର୍ତ୍ତରେ ରଖିଥାନ୍ତି। ଆକବରଙ୍କ ଫାଶରୁ ତୁଳସୀଦାସଙ୍କୁ ଭଗବାନ କିପରି ଉଦ୍ଧାର କଲେ, ତାହା ତ ଶୁଣିଲେ। ଏବେ ଆଉ ଗୋଟିଏ କଥା ଶୁଣିବା, ଭକ୍ତ ଭିତରେ ଶୁଦ୍ଧ ଭାବନା ଜାତ ହେବା ମାତ୍ରେ ଭଗବାନ କିପରି ତାର ସହାୟତା କରିଥାନ୍ତି।

ଶୁଣାଯାଏ ଯେ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସ ପ୍ରଣୟନ କରିବାବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ବନବାସ ପ୍ରସଙ୍ଗ ଲେଖୁ ଲେଖୁ ଅତ୍ୟନ୍ତ ଭାବ ବିହ୍ୱଳ ହୋଇଗଲେ। କାରଣ ଅନୁଜ ଲକ୍ଷ୍ମଣ ଓ ଜାନକୀ ସହିତ ପ୍ରଭୁ ରାଜାପୁର ଗ୍ରାମ ଦେଇ ଚିତ୍ରକୂଟ ଯାଇଥିଲେ ଆଉ ତୁଳସୀ ଦାସଙ୍କ ଜନ୍ମ ସ୍ଥାନ ମଧ ସେହି ରାଜାପୁର ଥିଲା। ସେହି ଗ୍ରାମର ନରନାରୀ ପ୍ରଭୁଙ୍କର ମୁନିମନମୋହନ ରୂପ ସୌନ୍ଦର୍ଯ୍ୟ ଦର୍ଶନ କରି ତୃପ୍ତ ହେଉନଥାନ୍ତି। କିନ୍ତୁ ତାଙ୍କୁ ଗଛ ଛାଇରେ ବସିବା ପାଇଁ କହୁଥାଏ ତ କିଏ କୂଅରୁ କାଢ଼ିଆଣି ଶୀତଳ ଜଳ ପିଇବାକୁ ଦେଉଥାଏ, ପୁଣି ଆହୁରି କଏ ସେମାନଙ୍କର ପରିଚୟ ପଚାରୁଥାଏ। ଏହି ପ୍ରସଙ୍ଗ ବର୍ଣ୍ଣନା କ୍ରମରେ ତୁଳସୀଦାସଙ୍କ ମନରେ ଭାବ ଉଦୟ ହେଲା ଯେ ସେ ଯଦି ସେହି ସମୟରେ ଜନ୍ମ ହୋଇଥାନ୍ତେ, ପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପାଇଥାନ୍ତେ। କିନ୍ତୁ ତାହା ଆଉ କି ସମ୍ଭବ ? ସମୟ ତ ବିତି ସାରିଛି।

ଭାବଗ୍ରାହୀ ଭଗବାନ ଭକ୍ତର ଭାବକୁ ରକ୍ଷା କଲେ। ତୁଳସୀଦାସଙ୍କୁ ଲାଗିଲା ସତେ ଯେପରି ପ୍ରଭୁ ତାଙ୍କୁ କହିଛନ୍ତି ଭକ୍ତବର ! ତୁମେ ସିନା ମୋର ବନବାସ ଲୀଳା ସମୟରେ ନଥିଲା, କିନ୍ତୁ ମୁଁ ତ ତୁମ ଜୀବନକାଳରେ ଅଛି, ମୋ ଲୀଳା ତ ଏବେ ବି ଚାଲିଛି। ଆସ, ତୁମେ ବି ସେଥିରେ ସମ୍ମିଳିତ ହୋଇଯାଅ। ଗୋସ୍ୱାମୀ ପ୍ରକୃତିରାଜ୍ୟରୁ ହଠାତ୍ ଲୀଳାରାଜ୍ୟରେ ପହଞ୍ଚିଗଲେ। ସେ ଅନୁଭବ କଲେ ଯେ ରାଜାପୁର ଗ୍ରାମର ଅନ୍ୟ ନରନାରୀଙ୍କ ସହିତ ସେ ମଧ ପ୍ରଭୁଙ୍କ ଦର୍ଶନ କରୁଛନ୍ତି। ଜଗନ୍ମାତା ଜାନକୀଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କରୁଛନ୍ତି। ମାଆ ସ୍ନେହରେ ତାଙ୍କୁ ଆଶୀର୍ବାଦ ଦେଉଛନ୍ତି। ପୁଣି ପ୍ରଭୁ ରାମଚନ୍ଦ୍ରଙ୍କ ପାଦପଦ୍ମରେ ପ୍ରଣାମ କରୁଛନ୍ତି। ମାଆ ସ୍ନେହରେ ତାଙ୍କୁ ଆଶୀର୍ବାଦ ଦେଉଛନ୍ତି। ପୁଣି ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଦ୍ମରେ ପ୍ରଣାମ କରିବାରୁ ପ୍ରଭୁ ତାଙ୍କୁ ଭୂଇଁରୁ ସାଉଁଟି ନେଇ କୋଳାଗ୍ରତ କରୁଛନ୍ତି। ତାଙ୍କର ଭଲ ମନ୍ଦ ପଚାରୁଛନ୍ତି। ପୁଣି ତୁଳସୀ ଦାସ ଲକ୍ଷ୍ମଣଙ୍କୁ ଭ୍ରାତୃପ୍ରେମରେ ଭାବିତ ହୋଇ ଆଲିଙ୍ଗନ କରୁଛନ୍ତି। କିଛି କହିବାକୁ ତାଙ୍କର ବାରଇ ସ୍ଫୁରୁ ନାହିଁ। ମନେ ମନେ ନିଜକୁ ଧନ୍ୟ ମନେ କରୁଛନ୍ତି, କୃତାର୍ଥତା ଅନୁଭବ କରୁଛନ୍ତି।




ଗୋସ୍ୱାମୀଙ୍କର ଏହିଭଳି ସ୍ଥିତି ବହୁ ସମୟ ପର୍ଯ୍ୟନ୍ତ ରହିଲା। ସେତେବେଳକୁ ତାଙ୍କ ଲେଖନୀ ତ ବନ୍ଦ ହୋଇସାରିଥିଲା। ସେହି ସମୟରେ ଭକ୍ତରାଜ ହନୁମାନ ଆସି ତେହି ଅବସର ଏକ ତାପସ ଆଓ୍ୱା। ତେଜପୁଞ୍ଜ ଲଘୁ ବୟସ ସୁହାଓ୍ୱା। ଠାରୁ ଆରମ୍ଭ କରି ପିଅତ୍ ନୟନ ପୁଟ ରୂପୁ ପିୟୂଷା। ମୁଦିତ ସୁଅସନୁ ପାଇ ଜିମି ଭୂଖା। ପର୍ଯ୍ୟନ୍ତ ଦୋହା ଗୁଡ଼ିକୁ ସ୍ୱହସ୍ତରେ ଲେଖିଦେଲେ। ଗୋସ୍ୱାମୀ ପ୍ରକୃତିସ୍ଥ ହେବା ପରେ ତାପର ଠାରୁ ପୁଣି ଲେଖିବା ଆରମ୍ଭ କଲେ। ହନୁମାନ ଜୟନ୍ତୀରେ ଭଗବାନ ହନୁମାନ ସମସ୍ତଙ୍କୁ କୃପା ଆଶୀର୍ବାଦ କରନ୍ତୁ ଏହା ହିଁ କାମନା।


ବିଡ଼ାନାସୀ ବନ୍ଧଛକ, କଟକ,

ମୋ: ୯୭୭୮୬୩୫୯୨୬


# ରାଜ୍ୟରେ ୧୨ଟି ମେଡିକାଲ କଲେଜ ସହ ଏବେ ଆଉ ୬ଟି ଯୋଡ଼ିହେବ



**ସୁବ୍ରତ କର**

ରାଜ୍ୟର ସାଢ଼େ ୪କୋଟି ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ଦେଖିଲେ ଏହା ସମସ୍ତଙ୍କ ପାଇଁ ଖୁବ୍ ଭଲ ଖବର କିନ୍ତୁ ସମସ୍ତଙ୍କ ମନରେ ଗୋଟାଏ ପ୍ରଶ୍ନ ଯେ ଏବେକାର ୧୨ଟି ମେଡିକାଲ କଲେଜକୁ ଠିକ୍‌ସେ ଚଳାଇବା ପାଇଁ ସରକାର ହଇରାଣ ହେଉଥିବା ବେଳେ ପୁଣି ଏହା ଉପରେ ଆହୁରି ୬ଗୋଟି ଯୋଡ଼ି ହେବ । ୧୨ଗୋଟି ମେଡିକାଲ କଲେଜ ପାଇଁ ଡାକ୍ତର ନାହାନ୍ତି, ପାରା ମେଡିକାଲ ଷ୍ଟାଫ୍ ନାହାନ୍ତି, ଦରକାର ହେଉଥିବା ବିଭିନ୍ନ ପ୍ରକାରର ଆଧୁନିକ ଯନ୍ତ୍ରପାତିର ଘୋର ଅଭାବ ରହିଛି । କଲେଜ ଖୋଲିଦେବା ଏହା କେବେ ବାହାଦୂରୀର କାର୍ଯ୍ୟ ନୁହଁ କଲେଜକୁ ଠିକ୍ ଭାବରେ ଚଳାଇବା ଏବଂ ଉପଯୁକ୍ତ ଡାକ୍ତର ବାହାର କରିବା ହେଉଛି ସରକାରଙ୍କ କାର୍ଯ୍ୟ । ଏବେକାର ସ୍ଥିତିରେ ସରକାରଙ୍କ ତଥ୍ୟାନୁସାରେ ପ୍ରାୟ ୬୦୦୦ ଡାକ୍ତର ମାନଙ୍କ ପୋଷ୍ଟ ଖାଲି ପଡ଼ିଛି ବର୍ଷ ବର୍ଷ ଧରି ଏବଂ ଅଧିକାଂଶ ଜାଗାରେ ହସପିଟାଲ ଗୁଡ଼ିକରେ ସି.ଡି.ଏମ.ଓ ପୋଷ୍ଟ ପୂରଣ ହୋଇ ପାରୁନାହିଁ । ଏହି ଦେଖନ୍ତୁ ଉଦାହରଣ ସ୍ୱରୂପ ଆମ ଜିଲ୍ଲା ବାଲେଶ୍ୱରରେ ନିୟମିତ ସି.ଡି.ଏମ୍.ଓ ନାହାନ୍ତି ଏବଂ ତାଙ୍କ ଜାଗା ଗତ ୮ମାସ ହେବ ଖାଲି ପଡ଼ିଛି । ଏବେ ଯେଉଁ ଭଦ୍ରବ୍ୟକ୍ତି ଅଛନ୍ତି ଆଉ ଦୁଇ ତିନି ମାସ ମଧରେ ଅବସର ଗ୍ରହଣ କରିବେ । ନିୟମିତ ଲୋକଙ୍କୁ (ଖୁବ୍ କମ୍‌ରେ ୨-୩ ବର୍ଷ ପାଇଁ) ଦେଇ ପାରୁ ନାହାନ୍ତି । ଏକଥା କ'ଣ ଆମର ନେତାଙ୍କୁ ଅଜଣା ଅଛି ? କେହି ଏ ସବୁ ବିଷୟରେ ନଜର ଦେଇ ନାହାନ୍ତି ବା ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଚେଷ୍ଟା କରୁ ନାହାନ୍ତି । ନିଶ୍ଚିତ ଭାବରେ ମାନିବାକୁ ପଡ଼ିବ ଉପରବାଲା ଏହାକୁ ଚଳାଇ ରଖିଛନ୍ତି । ଗତ ସରକାର ବହୁତ ବାହାପା ମାରି କହିଥିଲେ ଆମର ସବୁଠୁ ବଡ଼ ଡାକ୍ତରଖାନା ବା ମେଡିକାଲ କଲେଜ କଟକକୁ ଆନ୍ତର୍ଜାତିକ ସ୍ତରକୁ ନେଇ ପହଞ୍ଚାଇବା ପାଇଁ, କିନ୍ତୁ ଶେଷରେ ଏସ.ସି.ବି ଏବେ କେଉଁ ଅବସ୍ଥାରେ ଅଛି ଜାଣି ଦୁଃଖ ଲାଗିଲା । ଏହି କଲେଜର ଚକ୍ଷୁ ବିଭାଗରେ ପେରିମିଟର ଭଳି ଏକ ଅତି ଦରକାର ଯନ୍ତ୍ରର ଅଭାବ ଥିବାରୁ ଆଖିର ଅନ୍ଧତ୍ୱକୁ ଦୂର କରିବା କଷ୍ଟକର ବ୍ୟାପାର ଥିଲା । ଏହି ଯନ୍ତ୍ରଟି ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ବାଲେଶ୍ୱର ରୋଟାରୀ ଆଖି ଡାକ୍ତର ଥାନାରେ ଉପଲବ୍ଧ ଏବଂ ଏହାର ମୂଲ୍ୟ ୮ଲକ୍ଷ ଟଙ୍କା ମାତ୍ର ।

ଏବେ ଦେଖିବା ନୂଆ ବଜେଟରେ କେଉଁ କେଉଁ ଜିଲ୍ଲା ମାନଙ୍କରେ କଲେଜ ହେବାକୁ ପ୍ରସ୍ତାବ ରହିଛି । ସେଗୁଡ଼ିକ ହେଲା ନୂଆ ଭାବରେ ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ, ନବରଙ୍ଗପୁର ଏହାଛଡ଼ା ଖୁବ୍‌ଶ୍ରୀଘ୍ର ଆଉ ଦୁଇଟି କଲେଜର (ନବ ନିର୍ମିତ) ମଧ ଉଦ୍‌ଘାଟନ ଉତ୍ସବ ପାଳନ କରାଯିବ । ଏ ସବୁ ମେଡିକାଲ ଗୁଡ଼ିକ କାର୍ଯ୍ୟକ୍ରମ ହେଲେ ସରକାରଙ୍କ ଅବସ୍ଥା କଣ ହେବ ? ସବୁ ମିଶି ୧୮ଟା ମେଡିକାଲ କଲେଜ ଅବସ୍ଥା ୫ବର୍ଷ ମଧରେ ହେଲେ ସରକାର ଡାକ୍ତର ଏବଂ ପାରା ମେଡିକାଲ ଷ୍ଟାଫ୍ ଯୋଗାଇ ପାରିବେ ତ ? ଶେଷରେ ବେସରକାରୀ ସଂସ୍ଥାରୁ ଖାସ କରି ବାହାରୁଥିବା ନର୍ସ ଏବଂ ଅନ୍ୟାନ୍ୟ ଷ୍ଟାଫ୍ ମାନଙ୍କ ନିୟୋଜିତ କରିବାକୁ ବାଧ ହେବେ ଏବଂ ଆଜିଠୁ ଆମ ରାଜ୍ୟରେ ଆୟୁଷ୍ମାନ ଏବଂ ଗୋପବନ୍ଧୁ ଯୋଜନା ସରକାର ଲାଗୁ କରିଲେ । ଏସବୁକୁ ଠିକ୍ ଭାବରେ ଯୋଜନା ମୁତାବକ ଚଳାଇ ପାରିଲେ ଭଲ କିନ୍ତୁ ପ୍ରଶ୍ନ ଉଠୁଛି ନ ପାରିଲେ କଣ ହେବ ? ଆଗ ସରକାର ଭଳି ହେବ ନାହିଁ ତ ? ସବୁ ଜନତାଙ୍କ ହାତରେ । ଜନତା ସେବା ପାଇଲେ ସରକାର ମଧ ସେବା ପାଇବେ ।




## ଓଡ଼ିଆ ନବବର୍ଷ

**ସୁଶ୍ରୀ ସଙ୍ଗୀତା ସେଠୀ**



ଆମ ଓଡ଼ିଆଙ୍କ କଥା ହିଁ ନିଆରା,
ପରିବେଶ ପ୍ରକୃତିର ସମାହାରେ
ଓଡ଼ିଆ ନବବର୍ଷ ସ୍ୱାଗତ ଆଉ
ଉତ୍ସବର ମେଳେ ପସରା।

ବୈଶାଖକୁ ଦେଇ ନିମନ୍ତ୍ରଣ,
ଚଇତି ବାଆକୁ ଦେଇ ବିଦାୟ
ବେଲ ପଣାର ଢୋକରେ
ପଣା ସଂକ୍ରାନ୍ତିର ମଜା ପାଳନ।

ପ୍ରକୃତି ସୁରକ୍ଷା ହିତରେ ସର୍ବେ,
ପର୍ବ ଶିଖାଏ ଠେକି ବାନ୍ଧିବା
ପକ୍ଷୀଙ୍କ ପ୍ରାଣ ବଞ୍ଚାଅ ବୋଲି
ପ୍ରତିଧ୍ୱନି ଗୁଞ୍ଜେ ଏଇ ନଭେ।

ବସୁଧା ସେବାରେ ସର୍ବଦା ତତ୍ପର,
ବସୁଧା ପରା ଆମ କୁଟୁମ୍ବ
ଓଡ଼ିଆ ଏହାକୁ କରି ଜୀବନ ମନ୍ତ୍ର
ପାଳେ ନବବର୍ଷ ହେଇ ଆନନ୍ଦ ମୁଖର।

ଚଳଚଞ୍ଚଳ ହେଇଉଠେ ପୁରପଲ୍ଲୀ,
ପଣା ସଂକ୍ରାନ୍ତିର ପବିତ୍ର ଉତ୍ସବରେ
ଘରେ ଘରେ ବୃନ୍ଦାବତୀଙ୍କ ପାଶେ
ଛତୁଆ ଭୋଗ ଲାଗି ହୁଏ ଖାଲି।

ଓଡ଼ିଆ ଜାତିର ଗର୍ବ ଏ ନବବର୍ଷ,
ଚାଲ ସଭିଏଁ ପାଳିବା ହେଇ ହରଷ
ନୀଳମଣିଙ୍କ ନାମ ନେଇ
ବେଲପଣା ବାଣ୍ଟି ଖେଳେଇବା ହସ।
ସାରା ଦୁନିଆରେ ବାଣ୍ଟିବା
ପର୍ବର ମହକ,
କେଡ଼େ ମହାନ୍ ଏ ଓଡ଼ିଆ ସଂସ୍କୃତି
ସବୁରି ହିତରେ ସର୍ବଦା ଅଣ୍ଟା ଭିଡ଼ି
ଫୁଟାଏ ଜଗତେ ସେନେହ ପୁଲକ।


+ ଯାଜପୁର

ମୋ: ୮୨୬୦୦୨୬୭୧୪


## ଘଣ୍ଟି: ଦେବଧ୍ୱନି

**ସୁଶ୍ରୀ ପଲ୍ଲବିତା ସାହୁ**

ମଙ୍ଗଳମୟଙ୍କୁ କରୁଣା କର ବୋଲି
ମନେ ପକାଇଦେବାର କାର୍ଯ୍ୟଭାର
ବୋଧେ ତୁମରି ଭାଗ୍ୟରେ
କ'ଣ ଠିକ୍ କହିଲି ନା !
ମନ୍ଦିରରେ ପାଦ ଦେଉ ଦେଉ
ତୁମରି ଆଡକୁ ଦୃଷ୍ଟି ଚାଲିଯାଏ ଛାଏଁ
ବୋଧେ ତୁମେ ଶୁଣିଲେ,
ଠାକୁର ଶୁଣିବେ
ବୁଝିବେ ଆଖି ତଳ ଓଦା ମନ କଥା
ବେଶ୍ ଭଲ ! ତେବେ କହିଦେବ
ଦିଅଁଙ୍କୁ ଟିକେ
ତାଙ୍କ ସହ ବାକି ଅଛି ମୋର
ବହୁତ ଗୁଡ଼େ ଜରୁରୀ କଥାବାର୍ତ୍ତା

ତୁମ ଦେଇ ଜଣାଣର
ଉପକ୍ରମ କଲି ମାତ୍ର
ଧ୍ୱନିରେ ଯେ ଯାଏଁ ତୁମେ ବ୍ୟାପିଗଲ
ଶୁଣ ଘଣ୍ଟି !
ତା'ଠାରୁ ଆହୁରି ଅଧିକ ବିପୁଳ
ଦିଅଁଙ୍କ ପାଖେ ମୋ ଅଳି, ଅଝଟ ଆଉ
ଅମାନିଆ ଭକତିର ନକ୍ସା...

ମୋ କଥା ବେଶୀ କିଛି କହିବନି
ଶେଷକଥା ମୁଁ ହେବି
ସଭିଙ୍କର ଦୁଃଖ ଶୁଣି ବିରାମ ମିଳିଲେ
ମୋ ଜଣାଣ ଅଳ୍ପ ଜଣାଇବି
କହିବ ଦିଅଁଙ୍କୁ,
ଫୁରୁସତ୍ ମିଳିଲେ ତାହାଙ୍କୁ
କେହି ଜଣେ ଖୋଜିଥିଲା ତାଙ୍କୁ
କୃପା ତା'ର ଦରକାର ନ ଥିଲା
କୃତଜ୍ଞତା ଦେବାକୁ ଆସିଥିଲା
ଜୀବନର ସମ୍ବିଧାନ ବୁଝାଇଥିବାରୁ
ଫୋଟକା ପାଦରେ ମଧ ଚାଲି
ଶିଖେଇଥିବାରୁ

ହଁ କହିବ ଦିଅଁଙ୍କୁ,
ଫେରିଗଲି ପୁଣିଥରେ ତାଙ୍କରି
ମାୟାକୁ
ନୀରବରେ ପାଖେ ରହି ଆଶିଷ
ଦେବାକୁ....।


+ ଅଧ୍ୟାପିକା

ରାଜସୁନାଖଳା ମହାବିଦ୍ୟାଳୟ

ମୋ: ୭୭୩୫୫୯୧୯୩୩

## ବିଷୁବ ମିଳନର ପର୍ବ ଓଡ଼ିଆ ନବବର୍ଷ



ଡକ୍ଟର ଲକ୍ଷ୍ମଣ ସାହୁ

ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଇଛି । ଏହା ସାଧାରଣତଃ ଅପ୍ରେଲ ୧୪ (ବୈଶାଖ ୧) ତାରିଖରେ ପଡ଼େ । ଏହି ଦିନଠାରୁ ବସନ୍ତ ଋତୁର ଶେଷ ଓ ଗ୍ରୀଷ୍ମ ଋତୁ ଆରମ୍ଭ ହୁଏ । ସେହି ଦିନକୁ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଉଛି । ବର୍ଷ ଆରମ୍ଭ ହେଉଥିବାରୁ ଓଡ଼ିଆ ପରିବାରରେ ଦେବଦେବୀଙ୍କୁ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି କରାଯାଏ । ଏହି ସମୟରେ ସୂର୍ଯ୍ୟଙ୍କ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟଛତୁ ପରି ଗରିଷ୍ଠ ଖାଦ୍ୟପଦାର୍ଥ ଗ୍ରହଣ ପାଇଁ ଆୟୋଜନ ଥାଏ । ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣାପାନର ବ୍ୟବସ୍ଥା ହୁଏ । ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିରମାନଙ୍କରେ ଛତୁ ଓ ପଣା ଭୋଗର ବିଧି ରହିଛି । ଏହି ଦିନ ସାଇପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ । ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ମଧ୍ୟ କୁହାଯାଇଥାଏ ।

ପଣାସଂକ୍ରାନ୍ତିରୁ ରାସ୍ତାକଡ଼ରେ ଅସହ୍ୟ ଗ୍ରୀଷ୍ମ ତାତିରୁ ପଥିକମାନଙ୍କର ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ । ଆମ ସମାଜରେ ବୃକ୍ଷମୂଳରେ ଜଳଦାନର ପ୍ରଥା ପ୍ରଚଳିତ ଅଛି । ସେଥିପାଇଁ ହିନ୍ଦୁ ପରିବାରରେ ଚଉଁରାରେ ପୂଜା ପାଉଥିବା ତୁଳସୀ ବୃକ୍ଷ ଉପରେ ଛାମୁଡ଼ିଆ କରି ଘଡ଼ି ବା ଠେକିରେ ଜଳ ରଖି ତାର ନିମ୍ନ ଅଂଶରେ ସରୁ କଣାକରି ସୂକ୍ଷ୍ମ ଧାରରେ ଜଳଦାନ କରାଯାଇଥାଏ । ଟୋପା ଟୋପା ଜଳ ତୁଳସୀ ବୃକ୍ଷ ମୂଳରେ ପଡ଼ି ଥାଏ । ଏହି ଠେକିକୁ ବସୁନ୍ଧରା ଠେକି କହାଯାଏ । ତୁଳସୀ ବୃକ୍ଷରେ ସୂର୍ଯ୍ୟକିରଣ ନପଡ଼ିବା ପାଇଁ ଛାମୁଣ୍ଡିଆ ମଧ୍ୟ କରିଥାନ୍ତି । ଏହି ସଂକ୍ରାନ୍ତି ଠାରୁ ବୃକ୍ଷଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି ବୋଲି କହିଥାନ୍ତି । ଏହି ସଂକ୍ରାନ୍ତି ପରେ ପରେ ବାୟୁର ଗତି ମଧ୍ୟ ପ୍ରଖର ହୁଏ । ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ହନୁମାନ ଜୟନ୍ତି ମଧ୍ୟ ପାଳନ କରାଯାଏ । ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍ ?ଯାପନ କରାଯାଏ । ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ । ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି । ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ, ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି । ବ୍ରତଧାରୀମାନେ ସମାଜକୁ କଠୋର ତାପ ସହ୍ୟ କରିବାର ଶକ୍ତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାନ୍ତି ।

କେତେକ ସ୍ଥାନରେ ଛତୁଆ, ଦହି, ଗୁଡ଼, କଦଳୀ ଓ ନଡିଆକୁ ମିଶାଇ ତୁଳସୀ ଚଉରା ପାଖରେ ଭୋଗ ଲଗାଯାଏ । ବେଲ ପଣାରେ ବଟା ଭାଙ୍ଗ ମିଶାଇ ଭାଙ୍ଗ ପଣା ସେବନ ମଧ୍ୟ କରାଯାଇଥାଏ । ଚଣ୍ଡୀ, ସାରଳା, ବିରଜା ଆଦି ଠାକୁରାଣୀ ମନ୍ଦିରମାନଙ୍କରେ ଏହି ଦିନ ଝାମୁ ଯାତ୍ରା ପାଳନ କରାଯାଏ । ଘଣ୍ଟ ପାଟୁଆମାନେ ଘଣ୍ଟ ମୁଣ୍ଡେଇ, କାଠ ଗୋଡ଼ ପିନ୍ଧି ଠାକୁରାଣୀ ମନ୍ଦିର ଆଗରେ ନିଆଁ ଉପରେ ଚାଲିବାର ପ୍ରଥା ରହିଛି । ଦକ୍ଷିଣ ଓଡ଼ିଶାରେ ମାସାଧିକ କାଳ ଧରି ଚାଲିଥିବା ଦଣ୍ଡ ନାଟର ଅନ୍ତିମ ଭାବେ ଏହି ଦିନ ମେରୁ ଯାତ ପାଳନ କରାଯାଏ । ଲୋକେ ବେଲ ପଣା ଓ ଛତୁଆ ସହ ଏହାକୁ ପାଳନ କରନ୍ତି । ଉତ୍ତର ଓଡ଼ିଶାରେ ଏହି ଦିନକୁ ଚଡ଼କପର୍ବ ନାମରେ ପାଳନ କରିଥାନ୍ତି । ଏହି ଦିନ ପାଟୁଆ ମାନେ ନିଷ୍ଠାର ସହିତ ଦେବୀ ପୀଠରେ ସେମାନଙ୍କ ଭକ୍ତି ଭାବ ଅର୍ପଣ କରନ୍ତି ।

ପାଟୁଆ ଯାତ୍ରାର ଧାର୍ମିକ ଭିତ୍ତିଭୂମି ସମ୍ପର୍କରେ ଭିନ୍ନ ଭିନ୍ନ ମତ ଥିଲେ ମଧ୍ୟ ଏଥିରେ ତନ୍ତ୍ରର ବିଶେଷ ପ୍ରଭାବ ପଡିଥିବା ଗ୍ରହଣ କରାଯାଏ । ଓଡ଼ିଶାରେ ବାମମାର୍ଗ ତନ୍ତ୍ରର ଉତ୍ପତ୍ତି ଖ୍ରୀଷ୍ଟୀୟ ୬ଷ୍ଠ/୭ମ ଶତାବ୍ଦୀରୁ ଆରମ୍ଭ ହୋଇଥିବା- ଅନୁମାନ କରାଯାଇଛି । ଯୋଗାଚାର ପନ୍ଥୀମାନେ ଜପ, ଯଜ୍ଞ ପ୍ରକ୍ରିୟାରେ ମହାମାୟାଙ୍କୁ ସନ୍ତୁଷ୍ଟ କରିବାରେ ବିଶ୍ୱାସ କରୁଥିଲାବେଳେ ବାମମାର୍ଗୀମାନେ ହଠଯୋଗ ପ୍ରକ୍ରିୟାରେ ଦେବୀଙ୍କୁ ଆରାଧନା କରିବାରେ ମନ ବଳାଇଥିଲେ । ବିଶେଷତଃ ଖ୍ରୀଷ୍ଟୀୟ ୮ମ, ୯ମ ଶତାବ୍ଦୀରେ ବାମପନ୍ଥୀ ତାନ୍ତ୍ରିକମାନଙ୍କର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ସେତବେଳକୁ ତାନ୍ତ୍ରିକ ମତରେ ଶ୍ରୀ ବିମଳାଙ୍କୁ ଭୈରବୀ ଓ ଶ୍ରୀ ଜଗନ୍ନାଥଙ୍କୁ ତନ୍ତ୍ରର ଅଧିଷ୍ଠାତା ଭୈରବ ରୂପେ ସ୍ୱୀକାର କରି ଓଡ଼ିଶାକୁ ଉଡ୍ରପୀଠ ରୂପେ ତନ୍ତ୍ର ସ୍ୱୀକୃତି ମିଳିଲା । ବୌଦ୍ଧ ଧର୍ମର ଜାତିଭେଦ ବିରୋଧୀ ସ୍ୱର ଓ ତାନ୍ତ୍ରିକଧାରା ଯୋଗୁଁ ଏହା ଜନ ସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା । ସ୍ୱାଭିବିକ ପ୍ରତିକ୍ରିୟା ଭାବେ ହିନ୍ଦୁଧର୍ମର ଶୈବ ଓ ଶାକ୍ତ ଗୋଷ୍ଠୀ ଏଥିରେ ପ୍ରଭାବିତ ହେଲା । ଯାହା ଫଳରେ ସମଗ୍ର ଓଡ଼ିଶାରେ ହଠଯୋଗ ମାଧ୍ୟମରେ ଶିବ ଓ ଶକ୍ତିଙ୍କର ଆରାଧନା କରାଗଲା । ଏହି ଆରାଧନା କୁଳୀନ ବ୍ରାହ୍ମଣମାନଙ୍କ ମଧ୍ୟରେ କେବଳ ସୀମିତ ରହିଲା ନଥିଲା । ବରଂ ସମାଜର ନିମ୍ନ ଜାତିର ଲୋକମାନଙ୍କୁ ମଧ୍ୟ ଆକୃଷ୍ଟ କରାଗଲା । ହଠଯୋଗ ଓ କାୟାକ୍ଳେଶ ସାଧନା ଫଳରେ ଶିବ ଓ ଶକ୍ତିଙ୍କୁ ଆରାଧନା କରିବା ନିମନ୍ତେ ଏ ଯେଉଁ ପ୍ରଚେଷ୍ଟା ଆରମ୍ଭ ହେଲା, ତାହାର ଫଳଶ୍ରୁତି ହେଲା 'ପାଟୁଆଯାତ୍ରା' ।

ଶିବ ହେଉଛନ୍ତି ପାଟୁଆଯାତ୍ରାର ମୁଖ୍ୟ ଦେବତା । ଏହି ଯାତ୍ରାରେ ଭାଗ ନେଉଥିବା ଭକ୍ତମାନଙ୍କୁ ଭକ୍ତା ବୋଲି କୁହାଯାଇଥାଏ । ଏହି ଭକ୍ତାମାନେ ନିଜକୁ ଶିବପ୍ରିୟା ପାର୍ବତୀ ଭାବେ ନିଜକୁ ମନେକରି କଠିନ କାୟକ୍ଲେଶ ସାଧନ ପୂର୍ବକ ଶିବକୃପା ଲାଭ କରିବାର ପ୍ରଚେଷ୍ଟା କରନ୍ତି । ସେଥିପାଇଁ ଭକ୍ତା ନିଜକୁ ନାରୀ ଭାବେ ସଜାଇ ଏହି ଯାତ୍ରାରେ ଅଂଶଗ୍ରହଣ କରିଥାଏ । ବାସ୍ତବରେ କୌଣସି ପ୍ରକୃତ ନାରୀ ଏଥିରେ ଅଂଶ ନେଇପାରନ୍ତି ନାହିଁ । ଉତ୍ତର ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ପାଟୁଆ ଯାତ୍ରା ହେବାର ଲକ୍ଷ୍ୟ କରାଯାଏ । ବହୁ ସ୍ଥାନରେ ଶିବଙ୍କ ସହିତ ଶକ୍ତିଙ୍କୁ ମଧ ଆରାଧନା କରାଯାଇଥାଏ । ମୂଖ୍ୟତଃ ଶିବ କୃପା ଲାଭ ନିମନ୍ତେ ଶକ୍ତିଙ୍କୁ ମାଧ୍ୟମ ରୂପେ ଗ୍ରହଣ କରି ନିଜ ମଧ୍ୟରେ ଶକ୍ତିଙ୍କର ସମାବେଶ ଘଟାଇବା ନିମନ୍ତେ ଭକ୍ତ ତାଙ୍କର ଶରଣ ପଶିଥାଏ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଚରମ୍ପା 'ପାଟୁଆଯାତ୍ରା', ମୟୂରଭଞ୍ଜର 'ରରୁଆଁ' ଓ 'ଠାକୁରମୁଣ୍ଡା'ର, ପୁରୀଜିଲ୍ଲାର 'କାକଟପୁର', କଟକ ଜିଲ୍ଲାର 'ବାଙ୍କୀ', 'ଝଙ୍କଡ଼' ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ପାଟୁଆ ଯାତ୍ରା ମାନଙ୍କରେ ଆରାଧ୍ୟା ହେଉଛନ୍ତି 'ଶକ୍ତି' ।

ଦେଖିବାକୁ ଗଲେ ଓଡ଼ିଶାର ସମାଜିକ ଜୀବନରେ ପାଟୁଆଯାତ୍ରାର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାତି ବର୍ଣ୍ଣ ନିର୍ବିଶେଷରେ ଲୋକେ ଏହିଯାତ୍ରାରେ ସାମିଲ ହୁଅନ୍ତି । ଶିବ ଓ ଶକ୍ତିଙ୍କ ଭୟରେ କେହି ଏହି ଯାତ୍ରାରେ ସାମିଲ ହୋଇଥିବା ଯୋଗୁଁ କାହାରିକୁ ଜାତି ପାଟକରୁ ଅଲଗା କରିପାରି ନଥାନ୍ତି । କେତେକ ଯାଗାରେ ଦେବୀଙ୍କୁ ନୈବେଦ୍ୟ ଦିଆଯାଇଥିବା ଅନ୍ନ କେବଳ ନୀଚ ଜାତିର ଲୋକେ ଖାଇଥାନ୍ତି । ମାତ୍ର ଉଡ଼ା ପାଟୁଆମାନେ ଫିଙ୍ଗୁଥିବା ମିଷ୍ଟାନ୍ନ ସକଳକୁ ସମସ୍ତେ ଆଗ୍ରହର ସହ ଗ୍ରହଣ କରିଥାନ୍ତି । ଅଦ୍ୟାବଧି ଓଡ଼ିଶାର ତନ୍ତ୍ର ସଂସ୍କୃତିର କ୍ଷୀଣଧାରାକୁ ପାଟୁଆଯାତ୍ରା' ବଞ୍ଚାଇ ରଖିଛି । ପାଟୁଆମାନେ ଆରାଧ୍ୟ ଦେବଦେବୀ ଉପରେ ଅଖଣ୍ଡ ବିଶ୍ୱାସ ରଖି କଠିନ ସାଧନା କରନ୍ତି । ପାଟୁଆ ଯାତ୍ରାରେ ଭକ୍ତମାନେ ଅନେକ ଗୀତ ଗାଇଥାନ୍ତି । ପାଟୁଆଯାତ୍ରାର ସାହିତ୍ୟ ହେଉଛି ଲୋକସାହିତ୍ୟ । ଗାଁ ଗଣ୍ଡାରେ ପାଟୁଆମାନେ ମାଗଣ କଲାବେଳେ ଅନେକ କ୍ଷେତ୍ରରେ ଲୋକକବିମାନଙ୍କ ରଚିତ ପଦ ଆବୃତି ବି ସ୍ତୁତି କରିଥାନ୍ତି । ବେଳେବେଳେ ପଦ ମନେ ନପଡ଼ିଲେ ନିଜେ ମନରୁ ଫାନ୍ଦି ବୋଲିଥାନ୍ତି - 'ଗୋହିରୀର ବେତ, ମାଆ ମଙ୍ଗଳାଙ୍କୁ ମୋ ଦଣ୍ଡବତ, ଅନୁକୂଳ ହେଲା ଗୀତ / ଚିରିଚିରି ଗଲା ବତା, ପତ୍ରଶୁଣୀ ବୋଲି ବଡ଼ ଦେବତା, ଶୂନ୍ୟେ ଉଡ଼େ ପାଟଛତା। ଚିରିଦେଲି ଚିରାବତା, ସ୍ୱର୍ଗରେ ବନ୍ଦିଲି ସ୍ୱର୍ଗ ଦେବତା/ ତଳେ ବନ୍ଦେ ବସୁମାତା । ଶିଝୁକାଠ ପୋଳି ପୋଳି/ କ୍ଷେତ୍ରରେ ବନ୍ଦିଲି ମା' ବିମଳୀ, ବନ୍ଦେ କଲିକତା କାଳୀ'। ଭକ୍ତା ପାଟୁଆ ଗାଁ ପରିକ୍ରମା କଲାବେଳେ ଦେବ ଦେବୀ ଜଣାଣ, ସ୍ତୁତି ସହିତ ନିଜର ବ୍ୟକ୍ତିଗତ ସୁଖଦୁଃଖ ହସକାନ୍ଦର ଜୀବନ ସମ୍ପର୍କରେ ଯେଉଁ ସୂଚନା ଦେଇ ଗାଇଥାଏ ତାହା ବେଶ୍ ହୃଦୟସ୍ପର୍ଶୀ ।

ବାସ୍ତବରେ କହିବାକୁ ଗଲେ ପାଟୁଆ ଯାତ୍ରା ଓଡ଼ିଶାର ଏକ ପ୍ରମୁଖ ଲୋକନୃତ୍ୟ । ଓଡ଼ିଶା ବାହାରେ ମଧ ଏହା ବିଭିନ୍ନ ନାମରେ ପାଳିତ ହୋଇଥାଏ । ପାଟୁଆ ଯାତ୍ରା ଚୈତ୍ର ମାସରେ ଆରମ୍ଭ ହୋଇ ବୈଶାଖ ସଂକ୍ରାନ୍ତି ଦିନ ଶେଷ ହୁଏ । ଏଥିରେ ଭକ୍ତମାନେ ନିଷ୍ଠାର ସହିତ କଠୋର କାୟକ୍ଲେଶ ବରଣ କରିଥାନ୍ତି । ଏହାକୁ ଗଣ୍ଡ ଜାତିର ଲୋକମାନେ 'ମେଘନାଦ', ବିହାରର ଛୋଟନାଗପୁର ଅଞ୍ଚଳର ଲୋକମାନେ 'ମାଣ୍ଡା', ତାମିଲନାଡୁରେ 'ଚେଡ଼ଲୁ', ଦାକ୍ଷିଣାତ୍ୟର ଅନ୍ୟ କେତେକ ଅଞ୍ଚଳରେ 'ବାଗଡ଼', ବଙ୍ଗଳାରେ 'ଚଡକ ପୂଜା', ପ୍ରଭୃତି ନାମରେ ନାମିତ ହୋଇଛି । ଉତ୍ତର ଓଡ଼ିଶାରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଇଥିଲା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାକୁ ଦଣ୍ଡନାଟ ଓ ଝାମୁ ଯାତ୍ରା ବୋଲି କୁହାଯାଏ । ପୁଣି ପାଟୁଆ ଯାତ୍ରା, ଦଣ୍ଡ ଯାତ୍ରା ଓ ଝାମୁ ଯାତ୍ରା ମଧ୍ୟରେ ବିଶେଷ ପାର୍ଥକ୍ୟ ଦେଖା ଯାଇନଥିଲେ ମଧ୍ୟ ଏହି ତିନି ପ୍ରକାର ଯାତ୍ରା ଆଞ୍ଚଳିକ ବୈଷମ୍ୟ ଦେଖାଯାଏ ।

କାରଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଦଣ୍ଡପୂଜା ହୋଇ ଆସୁଛି। କଟକ, ଢେଙ୍କାନାଳ, ଗଂଜାମ, ନୟାଗଡ଼ ଆଦି ଦଣ୍ଡ ପୂଜା ବହୁ ପୁରୁଷ ଧରି ଚାଲିଛି । ଦଣ୍ଡନାଚର ପାଳନରେ ଭିନ୍ନ ?ତା ପରିଲକ୍ଷିତ ହୋଇଥାଏ । ଶୈବ ଧର୍ମରୁ ଏହାର ଉତ୍ପତ୍ତି । ରଣ ଶିବ ସକଳ ନାଟ୍ୟପ୍ରକଟ ଶାସ୍ତ୍ର ମୂଳ ଦେବତା । କୋଠର ନିୟମରେ ରହି ଶିବ ପାର୍ବତୀଙ୍କ କଥା ପ୍ରଚାର କରିବା ଦଣ୍ଡ ନାଟର ଲକ୍ଷ୍ୟ । ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ । ଏହାର ସୃଷ୍ଟି ସମ୍ପର୍କରେ ଶିବ ପୁରାଣରେ ବର୍ଣ୍ଣନା ଅଛି । ଚୈତ୍ର ବୈଶାଖ ମାସ ଶିବଶକ୍ତି ଉପାସନା ପାଇଁ ଉପଯୁକ୍ତ ସମୟ । ଏହି ଦଣ୍ଡ ବ୍ରତ ୧୩ କିମ୍ବା ୨୧ ଦିନ ଧରି ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଶେଷ ହୁଏ । ତେଣୁ ଉତ୍ତର ଓଡ଼ିଶାରେ ଏହାକୁ 'ପାଟୁଆ ଯାତ୍ରା' କୁହାଯାଇଥିବା ବେଳେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାକୁ ଦଣ୍ଡନାଟ ଓ ଝାମୁ ଯାତ୍ରା କୁହାଯାଏ। ତା' ସତ୍ୱେ ଓଡ଼ିଶାରେ ଏହାକୁ ଓଡ଼ିଆ ନବବର୍ଷ ଭାବେ ମାନିଥାନ୍ତି । ଏସବୁକିଛି ମୂଳ ଗୋଟିଏ ବୋଲି ଗ୍ରହଣ କରାଯାଇଛି..!!!


ଅଧକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
(ମୋ)୯୦୪୦୧୫୧୪୭୫


## ଆମ ସଂସ୍କୃତିରେ ମହାବିଷୁବ ସଂକ୍ରାନ୍ତି



ଭୋଳାନାଥ ସାହୁ



ସୂର୍ଯ୍ୟ ଏବଂ ଆଠଟି ଗ୍ରହକୁ ନେଇ ଆମ ସୌରଜଗତ । ସୌରଜଗତର ଆଠଗୋଟି ଗ୍ରହ ମଧ୍ୟରୁ ପୃଥିବୀ ଅନ୍ୟତମ । ପୃଥିବୀ ନିଜ ମେରୁଦଣ୍ଡ ଚାରି ପାଖରେ ଘୁରିବାକୁ 'ଆବର୍ତ୍ତନ ଗତି' କହନ୍ତି । ପୃଥିବୀର ଏହି ଆବର୍ତ୍ତନ ଗତି ଯୋଗୁଁ ଦିନ ରାତି ସମ୍ଭବ ହୁଏ । ଚବିଶ ଘଂଟାକୁ ନେଇ ଗୋଟିଏ ଦିନ ହୁଏ । ପନ୍ଦର ଦିନକୁ ନେଇ ଗୋଟିଏ ପକ୍ଷ ଓ ଦୁଇଟି ପକ୍ଷ ଅର୍ଥାତ୍ ତିରିଶ ଦିନକୁ ନେଇ ଗୋଟିଏ ମାସ ଗଣନା କରାଯାଏ । ସୂର୍ଯ୍ୟ ସୌରଜଗତର ପ୍ରାଣକେନ୍ଦ୍ର । ସୂର୍ଯ୍ୟର ମହାକର୍ଷଣ ଶକ୍ତି ବଳରେ ଗ୍ରହଗୁଡ଼ିକ ତାର ଚର୍ତୁପାର୍ଶ୍ୱରେ ପରିକ୍ରମଣ କରନ୍ତି । ପୃଥିବୀ ସୂର୍ଯ୍ୟଙ୍କ ଚତୁପାର୍ଶ୍ୱରେ ବୁଲିବାକୁ 'ପରିକ୍ରମଣ ଗତି' କୁହାଯାଏ । ପୃଥିବୀର ଏହି ପରିକ୍ରମଣ ଗତି ଯୋଗୁଁ ଋତୁପରିବର୍ତ୍ତନ ହୋଇଥାଏ । ବର୍ଷରେ ଛଅଟି ଋତୁ ଏବଂ ଋତୁକ ଦୁଇ ମାସ । ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ, ବସନ୍ତ- ଏହିପରି ଛଅଟି ଋତୁ କ୍ରମାନ୍ୱୟରେ ପୃଥିବୀ ପୃଷ୍ଠରେ ବିରାଜମାନ କରି ସେମାନଙ୍କ ଚମତ୍କାରିତା ପ୍ରଦର୍ଶନ କରିଥାନ୍ତି । ଆମୋଦ-ପ୍ରମୋଦର ଋତୁ ଭାବରେ ପରିଚିତ ଋତୁରାଜ ବସନ୍ତ ପୃଥିବୀ ପୃଷ୍ଠରୁ ବିଦାୟ ନେବା ପରେ ପୃଥିବୀ ପୃଷ୍ଠରେ ଦେଖାଦିଏ ଶୁଷ୍କ, ରୁକ୍ଷ, କର୍କଶ ଗ୍ରୀଷ୍ମ ଋତୁ । ଯେଉଁ ଋତୁ ପ୍ରାୟତଃ ଜୀବ ଜଗତ ନିମନ୍ତେ କଷ୍ଟ ଓ ଯନ୍ତ୍ରଣାଦାୟକ । ବୈଶାଖ ମାସ ସଂକ୍ରାନ୍ତି ଠାରୁ ଗ୍ରୀଷ୍ମଋତୁର ଆରମ୍ଭ ହୁଏ । ଯେଉଁଦିନଟି 'ମହାବିଷୁବ ସଂକ୍ରାନ୍ତି' ବା 'ପଣା ସଂକ୍ରାନ୍ତି' ଭାବରେ ଖ୍ୟାତ । ମହାବିଷୁବ ସଂକ୍ରାନ୍ତି କହିବାର ଅର୍ଥ - ଏହିଦିନ ଠାରୁ ସୂର୍ଯ୍ୟ ବିଷୁବ ରେଖା ଉପରେ ଅବସ୍ଥାନ କରନ୍ତି । ସେହିପରି ଏହିଦିନରେ ଆମ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଠାକୁରଙ୍କ ପାଖରେ 'ପଣା' ଲାଗି ହେଉଥିବାରୁ ଏହାର ଅନ୍ୟଏକ ନାମ ପଣା ସଂକ୍ରାନ୍ତି । ଉକ୍ତଦିନରେ ଶ୍ରୀରାମଙ୍କର ପରମଭକ୍ତ ବୀର ହନୁମାନ ଜନ୍ମଗ୍ରହଣ କରିଥିବାରୁ ଏହା 'ହନୁମାନ ଜୟନ୍ତୀ' ଭାବରେ ମଧ୍ୟ ପରିଚିତ । ଓଡ଼ିଆ ବର୍ଷର ଆରମ୍ଭ ବୈଶାଖ ମାସ ସଂକ୍ରାନ୍ତିରୁ ଆରମ୍ଭ ହେଉଥିବାରୁ ଏହିଦିନଟିକୁ ଓଡ଼ିଆ 'ନବବର୍ଷ' ଭାବରେ ମଧ୍ୟ ପାଳନ କରାଯାଏ ।

ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଏକାନ୍ତ ଭାବରେ ନୀତିଗତ ଓ ଶୃଙ୍ଖଳିତ । ଆମ ସଂସ୍କୃତିରେ 'ଜୀବହତ୍ୟା ନୁହେଁ; ବରଂ ଜୀବେ ଦୟା' ନୀତିର ବିଶ୍ୱାସ କରାଯାଇ ପର୍ବପର୍ବାଣୀ ମାନ ପାଳନ କରାଯାଏ । ସନାତନ ଧର୍ମ ସୂଚିତ କରେ - 'ଜୀବ ହତ୍ୟା ମହାପାପ ।' ସନାତନ ଶବ୍ଦର ଅର୍ଥ ଯାହାର ଆରମ୍ଭ କିମ୍ବା ଶେଷ ନାହିଁ; ଏହା ଚିରନ୍ତନ । ଏଥିରୁ ସ୍ପଷ୍ଟ ଯେ ଆମର ପର୍ବପର୍ବାଣୀ ପାଳନ ବିଜ୍ଞାନ ସମ୍ମତ । ଶରୀରକୁ ସୁସ୍ଥ, ନୀରୋଗ ଓ ଶୃଙ୍ଖଳିତ ରଖିବା ଏହାର ଆଭିମୁଖ୍ୟ ।

ଶ୍ରୀଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଆ ସଂସ୍କୃତି । ଓଡ଼ିଶାରେ ବର୍ଷ ଆରମ୍ଭରୁ ସାଲ, ଅଙ୍କ, ଶକାବ୍ଦର ପ୍ରଚଳନ ଦେଖାଯାଏ । ପୁରୀ ଗଜପତି ମହାରାଜାଙ୍କ ସିଂହାସନ ଆରୋହଣରୁ ଅଙ୍କ ଗଣନା କରାଯାଏ । ଯାହା ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଅର୍ଥାତ୍ ସୁନିଆଁ ଠାରୁ ଆରମ୍ଭ ହୋଇଥାଏ । ଉତ୍କଳର 'ସାଲ' ମଧ୍ୟ ଏହି ସୁନିଆଁ ପର୍ବ ଠାରୁ ଗଣନା କରାଯାଏ । ବିଶୁବ ସଂକ୍ରାନ୍ତି ଠାରୁ ପାରମ୍ପରିକ ଓଡ଼ିଆ ପଞ୍ଜିକା ଗଣନ ଆରମ୍ଭ ହୁଏ । ଏହିଦିନ ଠାରୁ କୋଟି କୋଟି ଓଡ଼ିଆଙ୍କର ବଡ଼ ଠାକୁର ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ନବବର୍ଷ ପାଞ୍ଜିର ପଠନ, ବ୍ୟାଖ୍ୟା ଓ ପ୍ରଚଳନ କରାଯାଏ ।

ସଂକ୍ରାନ୍ତି ଶବ୍ଦଟି ସଂସ୍କୃତ 'ସଂକ୍ରମଣ' ଶବ୍ଦରୁ ଉଦ୍ଧୃତ । ସୂର୍ଯ୍ୟଙ୍କର ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ସଂକ୍ରମଣ ବା ଚଳନ କୁ ସଂକ୍ରାନ୍ତି କୁହାଯାଏ । ସୂର୍ଯ୍ୟ ମୀନ ରାଶିରୁ ମେଷ ରାଶିକୁ ସଂକ୍ରମଣ କାଳକୁ 'ବିଷୁବ ସଂକ୍ରାନ୍ତି' କୁହାଯାଏ । ଯେଉଁଦିନକୁ ଓଡ଼ିଆ ନବ ବର୍ଷ ରୂପେ ପାଳନ କରାଯାଏ । ଏହି ପରିକ୍ରମଣ ସମୟ ଏତେ ସୂକ୍ଷ୍ମଯେ ତାକୁ ଖାଲି ଆଖିରେ ଦେଖିବା ସମ୍ଭବ ନୁହେଁ । ଏହି ମହା ବିଷୁବ ସଂକ୍ରାନ୍ତି ଦିନଟି ବର୍ଷର ପ୍ରଥମ ଦିନ ହୋଇଥିବାରୁ ଓଡ଼ିଆ ପରିବାରର ଘରେ ଘରେ ପୂଜା, ହୋମ, ଭୋଗ, ପଣା ପ୍ରଭୃତି ବ୍ୟବସ୍ଥା କରାଯାଏ । ଏହା ସହିତ ମନ୍ଦିରକୁ ଯାଇ ଦେବା ଦେବୀଙ୍କୁ ପୂଜା ଆରାଧନା କରି ନୂତନ ବର୍ଷ ଓ ସମାଜର ମଙ୍ଗଳ କାମନା କରିଥାନ୍ତି ।

କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ହିନ୍ଦୁ ପରିବାରରେ ବିଷୁବ ସଂକ୍ରାନ୍ତି ଠାରୁ ଏକମାସ ପର୍ଯ୍ୟନ୍ତ ବୃନ୍ଦାବତୀଙ୍କୁ ପୂଜା କରାଯାଏ । ତୁଳସୀ ବୃକ୍ଷକୁ ଛାୟା ପ୍ରଦାନ କରିବା ପାଇଁ ଜାମୁ ଡ଼ାଳ କିମ୍ବା ନଡ଼ିଆ ବାହୁଙ୍ଗାରେ ତୁଳସୀ ଚଉରା ଉପରେ ଝାମୁଡ଼ା କରାଯାଏ । ତୁଳସୀ ବୃକ୍ଷକୁ ରୌଦ୍ର ତାପରୁ ରକ୍ଷା କରିବା ପାଇଁ ଗୋଟିଏ ଛୋଟ କଳସ ବା ଠେକାର ନିମ୍ନ ଭାଗରେ କ୍ଷୁଦ୍ର ଛିଦ୍ରଟିଏ କରି ଝାମୁଡ଼ାରେ ଝୁଲାଇ ଦିଆଯାଏ । ସକାଳେ ସ୍ନାନ କରିବା ପରେ ଏହି ଠେକା ବା କଳସୀରେ ଜଳ ଭର୍ତି କରି ବୃନ୍ଦାବତୀଙ୍କୁ ପ୍ରଣାମ ବାଢ଼ି ଥାଆନ୍ତି। ଏହା ସହିତ ପୂର୍ବ ପୁରୁଷଙ୍କ ଅସ୍ତିତ୍ୱକୁ ନେଇ ଗୋଟିଏ ଗୋଟିଏ ପିଣ୍ଡି କିମ୍ବା ପ୍ରତିଷ୍ଠିତ ସମାଧି ପୀଠରେ ଜାମୁଡ଼ାଳ ଅଥବା ନଡ଼ିଆ ବାହୁଙ୍ଗାରେ ଛାମୁଡ଼ା କରି ଠେକି ବାନ୍ଧି ଜଳ ପ୍ରଦାନ କରାଯାଏ । ଏହି ସୁନ୍ଦର ବ୍ୟବସ୍ଥାର ପରିକଳ୍ପନା ମେଷ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ବୃଷ ସଂକ୍ରାନ୍ତିରେ ଶେଷ ହୁଏ । ମହାବିଷୁବ ସଂକ୍ରାନ୍ତିରେ ଠେକା ବସୁଥିବାରୁ ଏହାକୁ 'ଠେକାବସା' ସଂକ୍ରାନ୍ତି ଓ ପରବର୍ତ୍ତି ବୃଷ ସଂକ୍ରାନ୍ତିରେ ଠେକା ଉଠାଯାଉଥିବାରୁ ଏହାକୁ 'ଠେକାଉଠା' ସଂକ୍ରାନ୍ତି କୁହାଯାଏ । ଘରେ ଘରେ ବେଲ, ଆମ୍ବ, କଦଳୀ, ଛେନା, ଛତୁଆ, ଦହି ପ୍ରଭୃତିକୁ ନେଇ ସ୍ୱାଦିଷ୍ଟ ପଣା ପ୍ରସ୍ତୁତ କରାଯାଇ ବୃନ୍ଦାବତୀ ଓ କୁଳ ଦେବତାଙ୍କ ନିକଟରେ ଭୋଗଲାଗି ହୁଏ । ଏହିଦିନରେ ଗୃହକର୍ତା ମାନେ ମଧ୍ୟ ଅନ୍ନ, ବସ୍ତ୍ର, ଜଳଛତ୍ର ଜରିଆରେ ଜଳ, ପଣାମାନ ପ୍ରସ୍ତୁତ କରି ବାଟୋଇ ଓ ଗରୀବ ମାନଙ୍କୁ ଦାନ କରିଥାନ୍ତି । ଏହି ଦିବସରୁ ଲୋକେ ଜଳ ମହାର୍ଘ୍ୟ ଅନୁଭବ କରନ୍ତି । ଏହି ଦିନକୁ 'ଜଳ ସଂକ୍ରାନ୍ତି' ବୋଲି ମଧ କୁହାଯାଏ । ଘଂଟ ପାଟୁଆ ମାନଙ୍କ ଦ୍ୱାରା ଝାମୁ ଯାତ୍ରା, ଦଣ୍ଡନାଚ, ହିଙ୍ଗୁଳାଯାତ୍ରା ପ୍ରଭୃତି ପରିବେଷଣ କରାଯାଏ ।

ମହାବିଷୁବ ସଂକ୍ରାନ୍ତି ଠାରୁ ଅଶ୍ୱସ୍ଥ ବୃକ୍ଷ, ଶାଳବୃକ୍ଷ, ତୁଳସୀ ବୃକ୍ଷ ଏବଂ ମହାଦେବଙ୍କୁ ବାସଯୁକ୍ତ ଜଳ ପ୍ରଦାନ କଲେ ମନୁଷ୍ୟ ପୁଣ୍ୟ ଅର୍ଜନ କରିଥାଏ । ବିଷୁବ ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କ ତେଜ ପ୍ରଖର ହୋଇଥାଏ । ଏହିଦିନରୁ ସୂର୍ଯ୍ୟଙ୍କ ଉତରାୟଣ ଗତି ଆରମ୍ଭ ହେଉଥିବାରୁ ଦିନ ବଡ଼ ଓ ରାତି ଛୋଟ ହୋଇଥାଏ । ମନଲୋଭା ଋତୁରାଜ ବସନ୍ତ ଧରାଧାମରୁ ବିଦାୟ ନିଏ ଓ ପ୍ରଚଣ୍ଡ ନିଦାଘ ଋତୁର ଆରମ୍ଭ ହୋଇଥାଏ । ଗ୍ରୀଷ୍ମର ପ୍ରଭାବରେ ନଦୀ,ନାଳ, କୂଅ, ପୋଖରୀ ପ୍ରଭୃତି ଶୁଷ୍କ ହୋଇଯାଏ । ତେଣୁ ଏହି ଋତୁରେ ଜଳଦାନକୁ ଏକାନ୍ତ ପୁଣ୍ୟ ଭାବରେ ଗ୍ରହଣ କରାଯାଏ ।


ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ ଶିକ୍ଷା ବିଭାଗ, ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
(ମୋ) ୯୯୩୭୧୫୧୩୧୦


## ଡକ୍ଟର ଭୀମରାଓ ଆମ୍ବେଦକର

ରମାକାନ୍ତ ଦାସ



ଭାରତ ମାଆର ସୁଯୋଗ୍ୟ ସନ୍ତାନ
ସଂସ୍କୃତି ନ୍ୟାୟର ମୂର୍ତି ମନ୍ତ ପ୍ରତୀକ
ଏ ଦେଶର ତୁମେ ଗର୍ବ ଓ ଗୌରବ
ସୁସଂହତ ନାଗରିକ ।

ଶିଖେଇଲ ତୁମେ ଜାତିତ ଗୋଟିଏ
ତାହା ହେଉଛି ମଣିଷ
ଛୁଆଁ ଅଛୁଆଁର ଭେଦଭାବ ନରଖି
ଗଢ଼ିବା ସୁନାର ଦେଶ ।

ନୀତି ନିୟମକୁ ପ୍ରଣୟନ କରି
କାର୍ଯ୍ୟକାରୀ କଲ ସମ୍ବିଧାନ
ସାର୍ଥକ କରିଲ ନିଜ ନାମକୁ
ଭାରତ ମାଆକୁ କରିଲ ସ୍ୱାଧୀନ ।

ଭାରତ ମାଆର ଶାନ୍ତି ମୁକ୍ତି ପାଇଁ
କୁସଂସ୍କାରକୁ ଦେଲ ଦୂରେଇ
ସମ୍ପର୍କଟା ଗୁନ୍ଥା ଗୋଟିଏ ସୂତାରେ
ସମାନତାର ଅର୍ଥ ଦେଲ ଶିଖାଇ ।

କର୍ମଭୂମି ଆଉ ଜନ୍ମଭୂମି ପାଇଁ
ଆଜି ବି ତୁମେ ଅମର
ଇତିହାସ ମଧ୍ୟେ ରଖିଗଲ ଯଶକୀର୍ତି
ହେ ବୀର ପୁରୁଷ
ଡକ୍ଟର ଭୀମରାଓ ଆମ୍ବେଦକର ।


ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯


## ବିଷୁବ ଭାବନା

ନୀଳମଣି ଚାନ୍ଦ



ବିଷୁବରେ ପଣା ନୁହଁ
ପଣାରେ ମୁଁ ବିଷୁବକୁ ଖୋଜେ
ବିଷୁବର କବିତା ପାଠରେ
ନିଜକୁ ମୁଁ ଖୋଜୁଖୋଜୁ ହଜେ।

ଆଜିଯାଏ ଭାବିନାହିଁ
କାହିଁ ପାଇଁ ଆସେ ଏ ପରବ
ଆଇ ମୋ'ର ଠେକିଟେ ବସେଇ
ଅନୁଭବ କରଇ ଗରବ।

ଓଡ଼ିଆର ନୂଆବର୍ଷ
ଏଇଠାରୁ ଆରମ୍ଭ ବୈଶାଖ
ଋତୁରାଜ ଫେରିବ ଧରାରୁ
ବଢ଼ିଯିବ ଖରା ଓ ଡହକ।

କହିପାର ଏ ଜଳ ସଂକ୍ରାନ୍ତି
କିଏ କହେ ଛତୁଆ ସଂକ୍ରାନ୍ତି
ଯାହା ହେଉ ଓଡିଆଟି ହୋଇ
ବୁଣିଦେବି ପ୍ରୀତି ଓ ସଂପ୍ରୀତି।

କାହାପାଇଁ ଏ ମହାବିଷୁବ
ଇଏ ହନୁମାନଙ୍କ ଜୟନ୍ତୀ
ଚନ୍ଦନ ଓ ମଲ୍ଲୀର ଛୁଆଁରେ
ଆସକ୍ତ ମୁଁ ବିଷୁର ପ୍ରତି।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ପଣା ସଂକ୍ରାନ୍ତିରେ

ଧ୍ରୁବ ଚରଣ ଘିବେଲା

ବିଷୁବରେଖାରେ ଅବସ୍ଥାନ କରି
ସୂରୁଯ ଢାଳନ୍ତି ନିଆଁ
ନିଆଁଲଗା ଖରା ମାଡ଼ରେ ସଭିଏଁ
ହୁଅନ୍ତି ଏଠି ଛାନିଆଁ ।

ପଣାସଂକ୍ରାନ୍ତିରେ ପଣା ପାଣି ଦେଇ
କରିଥାନ୍ତି ପୂଜାର୍ଚ୍ଚନା
ଗରମ କମିବ ଆରାମ ଲାଗିବ
ପିଇନେଲେ ବେଲପଣା ।

ପଣା ତିଆରିକି ପଣା ଲାଗି ହୁଏ
ଦିଅଁଠି ଆଗ ସଅଁପି
ପଣାଲାଗିପରେ ପଣା ପିଇଥାନ୍ତି
ପଣା ପାଣି ବାଣ୍ଟିକୁଣ୍ଟି ।

ପାଣିରେ ତିଆରି ହୁଏ ବୋଲି ପଣା
ନାଆଁ ତାର ପଣା ପାଣି
ଖରାଦିନେ ବେଶି ପଣାର ଚାହିଦା
ଦିଏ ତୃପ୍ତି ପଣା ପାଣି ।

ଆଗ ପାଣି ନେଇ ଦହି ଚିନି ଥୋଇ
ପାଚିଲା କଦଳୀ ଚକଟି
ଗୋଲମରିଚର ଗୁଣ୍ଡ ତହିଁ ଦେଲେ
ଦହିପଣା ହୁଏ ପ୍ରସ୍ତୁତି ।

ପାଚିଲା ବେଲର ବେଲପଣା ମିଠା
ପାଟି ପାଇଁ ସୁଆଦିଆ
ପାଟିଓ ପେଟକୁ କେତେଯେ ଆରାମ
ପଣାପିଆ ଜମାଣିଆ ।

ଘରେଓବାହାରେ ଦୋକାନବଜାରେ
ପଣାର ଚାହିଦା ବେଶି
ପିଲାଠାରୁ ବୁଢ଼ା ପଣା ପାଣି ପିଇ
ସଭିଏଁ ଲଭନ୍ତି ଖୁସି ।

ପଣାର ଆଦର ସବୁଠି ପ୍ରଚୁର
ବାଟେଘାଟେ ପଣା ବିପଣି
ଦୋକାନୀ ପରଷେ ଲସି ସରବତ
ଗରାଖଙ୍କ ମନ ଜାଣି ।

ବାଟର ବାଟୋଇ ପଣା ପାଣି ପିଇ
ପୁଣି ବାଟ ଧରି ଚାଲେ
ପଣା ପିଇ ଦେଇ ଆରାମେ ଚାଲଇ
ଅବସାଦ କ୍ଲାନ୍ତି ଭୁଲେ ।

କେ ପସନ୍ଦ କରେ କାଟି ଖାଇବାକୁ
ତରଭୁଜ ସୁଆଦିଆ
ଉପରେ ଶାଗୁଆ ଭିତର ନାଲିଆ
ତରଭୁଜ ପଣା ବଢ଼ିଆ ।

ଖରାକୁ ବଢ଼ିଆ ଆଖୁରସ ପଣା
ପଣାପିଆ ମଉଜିଆ
ଖରାଦିନଯାକ ପଣାପାଣି ପିଇ
ପଣା ମଜା ନେଉଥାଆ ।


ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬




## ଡ. ଆମ୍ବେଦକରଙ୍କ ବିଶାଳ ଚରିତ୍ରର ପୁନଃ ମୂଲ୍ୟାଙ୍କନର ଆବଶ୍ୟକତା



### ଡ. ସମନ୍ୱୟ ନନ୍ଦ

୧୪ ଏପ୍ରିଲ ହେଉଛି ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ । ତାଙ୍କର ଜୟନ୍ତୀ ଅବସରରେ ତାଙ୍କର ଜୀବନ, ଚରିତ୍ର ଓ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରା ଯିବାର ପ୍ରକୃଷ୍ଟ ସମୟ । ଭାରତର ସାମାଜିକ ସାଂସ୍କୃତିକ ଆନ୍ଦୋଳନକୁ ଏକ ନୂତନ ଦିଗ ପ୍ରଦାନ କରିଥିବା ଡ. ଭୀମରାଓ ଆମ୍ବେଡକରଙ୍କର ସମଗ୍ର ମୂଲ୍ୟାଙ୍କନ ବର୍ତମାନ ଯାଏ ହୋଇ ନାହିଁ, ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ ।

ବାସ୍ତବରେ ଦେଖିବାକୁ ଗଲେ ତାଙ୍କର ବ୍ୟକ୍ତିତ୍ୱ ଅତ୍ୟନ୍ତ ବିଶାଳ ଥିଲା ଓ ତାଙ୍କର ଅଧ୍ୟୟନ କ୍ଷେତ୍ର ମଧ୍ୟ ସେହିପରି ଅତି ବିସ୍ତୃତ ଥିଲା । କିନ୍ତୁ ଆଜି ଯେତେବେଳେ ଆମେ ତାଙ୍କ ବିଷୟରେ ଆଲୋଚନା କରୁଛେ ସେତେବେଳେ ତାଙ୍କର ପରିଚୟ କେବଳ ଜଣେ ଦଳିତ ନେତା ରୂପେ ସ୍ଥାପିତ ହୋଇଛି। ଏହାକୁ ତାଙ୍କର ବ୍ୟକ୍ତିତ୍ୱ ପ୍ରତି ଅନ୍ୟାୟ ବୋଲି କୁହା ଯିବା ସହ ଦେଶ ପାଇଁ ମଧ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଅଧ୍ୟୟନ ଦୃଷ୍ଟିରୁ ଦେଖାଗଲେ ଆମ୍ବେଦକର ଜଣେ ଅର୍ଥନୀତିଜ୍ଞ, ଆଇନ ବିଶାରଦ ଓ ଶିକ୍ଷାବିଦ ଥିଲେ । ସେ ଧର୍ମଶାସ୍ତ୍ରର ମଧ୍ୟ ମର୍ମଜ୍ଞ ଥିଲେ। ହିନ୍ଦୁ ସମାଜ ଭିତରେ ଥିବା ରୋଗ ବିରୁଦ୍ଧରେ ଲଢେଇ କରି ସେ ଦେଶର ସାମାଜିକ ଜୀବନରେ ଖ୍ୟାତି ଅର୍ଜନ କରିଥିଲେ ।

ସେ ମୂଳତଃ ଜଣେ ଅର୍ଥନୀତିଜ୍ଞ ଥିଲେ । କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ତାଙ୍କୁ ଅର୍ଥଶାସ୍ତ୍ରର ସ୍ନାତକୋତର ଡିଗ୍ରୀ ପାଇଁ ଏକ ରିସର୍ଚ ପେପର ଲେଖିବାର ଥିଲା । ଏହି ରିସର୍ଚ ପେପର ପାଇଁ ସେ ଯେଉଁ ବିଷୟ ଚୟନ କଲେ ତାହା ସେତେବେଳର 'ହିଜ ମାଜେଷ୍ଟି'ଙ୍କ ସରକାର ଆଗରୁ ରାଜତ୍ୱ କରୁଥିବା ଇଷ୍ଟ ଇଂଡିଆ କମ୍ପାନୀ ଓ ତା ଦ୍ୱାରା ଭାରତର ଆର୍ଥିକ ଶୋଷଣ ସମ୍ପର୍କରେ ଥିଲା । ଏହି ରିସର୍ଚ ପେପରରେ ଆମ୍ବେଡକର ଯେଉଁ ନିଷ୍କର୍ଷ ବାହାର କରିଥିଲେ ତାହା ହେଲା ଯେ ଇଷ୍ଟ ଇଣ୍ଡିଆ କମ୍ପାନୀ ଏକ ବିଶୁଦ୍ଧ ବାଣିଜ୍ୟିକ ସଂସ୍ଥାନ ଥିଲା ଯାହାର ଉଦ୍ଦେଶ୍ୟ ନିଜର ଶେୟାର ହୋଲ୍ଡର ମାନଙ୍କୁ ଅଧିକରୁ ଅଧିକ ଲାଭ ପ୍ରଦାନ କରିବାର ଥିଲା । ଆମ୍ବେଡକର ପ୍ରଥମ ଥର ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଭାରତ ଉପରେ କରାଯାଉଥିବା ଶୋଷଣର ବିଶ୍ଲେଷଣାତ୍ମକ ଅଧ୍ୟୟନ ପ୍ରସ୍ତୁତ କରିଥିଲେ । କିନ୍ତୁ ଆମ୍ବେଦକରଙ୍କର ବ୍ୟକ୍ତିତ୍ୱର ଏହି ପକ୍ଷ ଉପରେ କେବେ ହେଲେ ଆଲୋଚନା ନ ହେବା ଦୁର୍ଭାଗ୍ୟଜନକ ।

ଆମ୍ବେଡକର ଦଳିତ ସମାଜର ଅଧିକାର ଓ ତାଙ୍କର ଉତଥାନ ପାଇଁ ସାରା ଜୀବନ ଲଢେଇ ଲଢିଥିଲେ । ତାଙ୍କର ସମ୍ପୂର୍ଣ ଜୀବନ ଦଳିତ ସମାଜର ଉତଧାନ ପାଇଁ ସମର୍ପିତ ଥିଲା । କିନ୍ତୁ ଏଥିରୁ ଏହି ନିଷ୍କର୍ଷ ବାହାର କରିବା ଯେ ସେ ସମାଜର କେବଳ ଗୋଟିଏ ବର୍ଗର ନେତା ଥିଲେ ଓ ସେମାନଙ୍କର ପ୍ରତିନିଧିତ୍ୱ କରୁଥିଲେ ତାହା କହିବା ଅନୁଚିତ ହେବ । ବାବା ସାହେବ ଆମ୍ବେଡକରଙ୍କ ଦୃଷ୍ଟିକୋଣ ସଂକୁଚିତ ନ ଥିଲା। ବାସ୍ତବରେ ଦେଖିବାକୁ ଗଲେ ସେ ଦଳିତ ସମାଜକୁ ଶକ୍ତିଶାଳୀ କରିବାକୁ ଚାହୁଁଥିଲେ ଓ ତାଙ୍କୁ ଶିକ୍ଷିତ କରିବାର ତାଙ୍କର ଏହି ଅଭିଯାନ ବାସ୍ତବରେ ସମ୍ପୂର୍ଣ ହିନ୍ଦୁ ସମାଜକୁ ଶକ୍ତିଶାଳୀ କରିବାର ଅଭିଯାନର ଅଂଶ ବିଶେଷ ଥିଲା । ତାଙ୍କ ଦ୍ୱାରା ଉଠା ଯାଇଥିବା ପ୍ରଶ୍ନ କେବଳ ଯେ ସେତତେବେଳେ ପ୍ରାସଙ୍ଗିକ ଥିଲା, ତାହା ନୁହେଁ, ବର୍ତମାନ ମଧ୍ୟ ଏହା ପ୍ରାସଙ୍ଗିକ। ସମାଜର ଏକ ବଡ ବର୍ଗ ଯଦି ଦୁର୍ବଳ ଓ ଅଶିକ୍ଷିତ ହୋଇ ରହିବ, ତେବେ ହିନ୍ଦୁ ସମାଜ କିପରି ଶକ୍ତିଶାଳୀ ହୋଇ ପାରିବ ।

ଆମ୍ବେଡକରଙ୍କ ମନରେ ଏହି ପ୍ରସଙ୍ଗକୁ ନେଇ କଷ୍ଟ ରହିଥିଲା ସେ ୧୯୩୫ ମସିହାରେ ନାସିକରେ ଘୋଷଣା କରିଦେଲେ ଯେ ସେ ହିନ୍ଦୁ ହୋଇ ରହିବେ ନାହିଁ ଇଂରେଜ ମାନେ ଦଳିତ ସମାଜକୁ କିଛି ଆଇନଗତ ଅଧିକାର ଦେଇଥିଲେ । ହେଲେ ଆମ୍ବେଡକର ଜାଣିଥିଲେ ଯେ ଏହି ସମସ୍ୟା ଆଇନଗତ ସମସ୍ୟା ନୁହେଁ । ଏହା ହିନ୍ଦୁ ସମାଜର ଆଭ୍ୟନ୍ତରୀଣ ସମସ୍ୟା । ଏହି ସମସ୍ୟାର ସମାଧାନ ହିନ୍ଦୁ ସମାଜକୁ ନିଜେ କରିବାକୁ ପଡିବ । ହିନ୍ଦୁ ସମାଜ ମଧ୍ୟରେ ଥିବା ଏହି ବିଷକୁ ନିଜେ ହିନ୍ଦୁ ସମାଜକୁ ପାନ କରିବାକୁ ପଡିବ । ସମାଜର ଗୋଟିଏ ବର୍ଗକୁ ଅନ୍ୟ ଏକ ବର୍ଗ ବିରୁଦ୍ଧରେ ଠିଆ କରାଇ ସଂଘର୍ଷ କରାଇବା ପାଇଁ ସେ ଚାହୁଁ ନ ଥିଲେ। ସେ ସମାଜର ସମସ୍ତ ବର୍ଗକୁ ଏକଜୁଟ କରିବାର ଉପକ୍ରମରେ ଲାଗିଥିଲେ ।

ଆମ୍ବେଡକର ଯେତେବେଳେ ହିନ୍ଦୁ ହୋଇ ରହିବେ ନାହିଁ ବୋଲି ଘୋଷଣା କଲେ ସେତେବେଳେ ଖ୍ରୀଷ୍ଟିଆନ ମିଶନାରୀ ସଂସ୍ଥା ଓ ଇସଲାମୀ ସଂଗଠନ ମାନେ ଖୁବ ପ୍ରସନ୍ନ ହୋଇଥିଲେ । ତାଙ୍କ ପାଇଁ ଶୀକାର ଜାଲରେ ଫସିବା ଭଳି ସ୍ଥିତି ଥିଲା । ହାଇଦ୍ରାବାଦର ନିଜାମ ବାବା ସାହେବଙ୍କୁ ଇସଲାମ ଗ୍ରହଣ କଲେ ତାଙ୍କୁ ବିପୁଳ ଅର୍ଥ ପ୍ରଦାନ କରିବାର ପ୍ରଲୋଭନ ଦେଇଥିଲା। କିନ୍ତୁ ଆମ୍ବେଡକର ଭଲ ଭାବେ ଜାଣିଥିଲେ ଯେ ଇସଲାମରେ ମତାନ୍ତରିତ ହେବାର ଅର୍ଥ କଣ । ତାଙ୍କର ଜଣେ ଶିଷ୍ୟ ଶଙ୍କରାନନ୍ଦ ଶାସ୍ତ୍ରୀ ଲେଖିଛନ୍ତି ଯେ ବାବା ସାହେବ ମତାନ୍ତରଣକୁ ରାଷ୍ଟ୍ରାନ୍ତରଣ ବୋଲି ମନେ କରୁଥିଲେ । ବାବା ସାହେବ ମନେ କରୁଥିଲେ ଯେ ଇସଲାମ ଓ ଖ୍ରୀଷ୍ଟିଆନିଟି ହେଉଛି ବିଦେଶୀ ରିଲିଜିୟନ । ଏହି ରିଲିଜିୟନକୁ ଗ୍ରହଣ କଲେ ଲୋକ ମାନେ ତାଙ୍କର ପୂର୍ବ ପୁରୁଷ, ଦେଶ ପରମ୍ପରା, ସଂସ୍କୃତିରୁ କଟି ଯାଆନ୍ତି ।

କିଛି ଲୋକ ବାବା ସାହେବଙ୍କ ବିଷୟରେ ଅନର୍ଗଳ ଅଭିଯୋଗ କରନ୍ତି ଯେ ସେ ଇଂରେଜ ମାନଙ୍କର ସମର୍ଥକ ଥିଲେ । ଯଦି ବାସ୍ତବରେ ଏପରି ହୋଇଥାନ୍ତା ତେବେ ସେ ଇଂରେଜ ମାନଙ୍କୁ ଖୁସି କରିବାକୁ ସଙ୍ଗେ ସଙ୍ଗେ ଖ୍ରୀଷ୍ଟିଆନ ହୋଇ ଯାଇଥାନ୍ତେ । ବାବା ସାହେବଙ୍କ ଅନନ୍ୟ ଶିଷ୍ୟ ଶଙ୍କରାନନ୍ଦ ଶାସ୍ତ୍ରୀ ତାଙ୍କ ରଚନାରେ ବାବା ସାହେବଙ୍କ ଖ୍ରିଷ୍ଟିଆନ ମିଶନାରୀଙ୍କ ପ୍ରତି ଥିବା ବିଚାର ବିଷୟରେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି ଯେ ବାବା ସାହେବ ମନେ କରୁଥିଲେ ଯେ ଖ୍ରୀଷ୍ଟିଆନ ମିଶନାରୀ ମାନଙ୍କର ଏକମାତ୍ର ଲକ୍ଷ୍ୟ ଭାରତର ଲୋକଙ୍କୁ ଖ୍ରିଷ୍ଟିଆନିଟିରେ କନଭର୍ଟ କରିବା, ଲୋକଙ୍କୁ ସହାୟତା କରିବାରେ ତାଙ୍କର କୌଣସି



ରୁଚି ନ ଥାଏ ।

ବାବା ସାହେବ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ହେଲେ । ଏହା ପରେ ହିନ୍ଦୁ ମାନଙ୍କ ପାଇଁ କୋଡ ନିର୍ମାଣ କରିବାର କଥା ଆସିଲା ସେତେବେଳେ ପ୍ରଶ୍ନ ଉଠିଲା ଯେ ହିନ୍ଦୁକୁ କିଭଳି ଡିଫାଇନ କରା ଯିବ । ବାବା ସାହେବ କହିଲେ ଯେ ଦେଶରେ ମୁସଲମାନ, ଖ୍ରୀଷ୍ଟିଆନ, ଇହୁଦୀ ଓ ପାର୍ସିଙ୍କୁ ଛାଡି ଦେଲେ ଅନ୍ୟ ସମସ୍ତେ ହିନ୍ଦୁ। ଅର୍ଥାତ ବିଦେଶୀ ରିଲିଜିୟନକୁ ମାନୁଥିବା ଲୋକ ମାନେ ଅହିନ୍ଦୁ, ବାକି ସମସ୍ତେ, ବୌଦ୍ଧ, ଜୈନ, ଶିଖ ସମସ୍ତେ ହିନ୍ଦୁ । ତାଙ୍କର ଏହି ସଂଜ୍ଞା ଦେଶର ଆଧାରଭୁତ ଏକତା ପ୍ରତି ତାଙ୍କର ଦୃଷ୍ଟିକୋଣକୁ ସ୍ପଷ୍ଟ କରିଥିଲା ।

ଏହା ପରେ ଆମ୍ବେଡକରଙ୍କ ସ୍ୱାସ୍ଥ୍ୟ ଠିକ ରହୁ ନ ଥିଲା । ସେ ଆଇନ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସାରିଥିଲେ । ମନ ଅଶାନ୍ତ ଥିଲା । ଖ୍ରୀଷ୍ଟିଆନ ମିଶନାରୀ ମନେ ଦଳିତ ସମାଜକୁ ମତାନ୍ତରିତ କରୁଥିଲେ, ଏହାର ସଂକେତ ଶଙ୍କରାନନ୍ଦ ଶାସ୍ତ୍ରୀ ଦେଇ ସାରିଥିଲେ । ବାବା ସାହେବ ଜ୍ଞାନ ପଥର ପଥିକ ଥିଲେ । ସେ ନାଗପୁରର ଦୀକ୍ଷା ଭୂମିରେ ଭଗବାନ ବୁଦ୍ଧଙ୍କ ଶରଣକୁ ଚାଲି ଗଲେ । ବୌଦ୍ଧ ମତରେ ଦୀକ୍ଷିତ ହୋଇ ଗଲେ । ବିଦେଶୀ ରିଲିଜିୟନ ଇସଲାମ କିମ୍ବା ଖ୍ରୀଷ୍ଟିଆନିଟୀକୁ ଗଲେ ନାହିଁ । ବାବା ସାହେବ ନିଜେ ରହସ୍ୟୋଦଘାଟନ କଲେ ଯେ ବହୁ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କୁ କଥା ଦେଇଥିଲେ, "ଯେତେବେଳେ ମୁଁ ଅନ୍ୟ କୌଣସି ମତରେ ଦୀକ୍ଷିତ ହେବି, ସେତେବେଳେ ଏହି କଥା ଉପରେ ଧ୍ୟାନ ଦେବି ଯେ ତା ଦ୍ୱାରା ଭାରତୀୟତାକୁ ଯେପରି ସର୍ବନିମ୍ନ କ୍ଷତି ହେବ । ଆଜି ମୁଁ ମହାତ୍ମା ଗାନ୍ଧୀଙ୍କୁ ଦେଇଥିବା କଥାକୁ ପୂରଣ କରିଛି । ବୁଦ୍ଧ ଭାରତର ସନାତନ ପରମ୍ପରାର ହିଁ ଅଂଶବିଶେଷ ।"

କେବଳ ସେତିକି ନୁହେଁ, ବାବା ସାହେବ ବ୍ରିଟିଶ ମାନଙ୍କର ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ଅକାଟ୍ୟ ତର୍କ ଦେଇ ଖଣ୍ଡନ କରିଥିଲେ । ଭାରତର ରାଷ୍ଟ୍ରଭାଷା ସଂସ୍କୃତ ହେଉ ବୋଲି ସେ ଦାବି କରିଥିଲେ । ଭାରତର ରାଷ୍ଟ୍ର ଧ୍ୱଜ ଗେରୁଆ ହେଉ ବୋଲି ତାଙ୍କର ମତ ଥିଲା । ସେ ସମ୍ବିଧାନରେ ସେକୁଲାରିଜମ ଓ ସୋସିଆଲିଜମ ଶବ୍ଦକୁ ପୂରାଇ ଦେଇ ନ ଥିଲେ । ସେ କମ୍ୟୁନିଷ୍ଟ ମାନଙ୍କର ଜୀବନ ସାରା ଘୋର ବିରୋଧ କରିଥିଲେ ।

ତେଣୁ ବାବା ସାହେବଙ୍କୁ ସମଗ୍ର ହିନ୍ଦୁ ସମାଜର କ୍ରାନ୍ତିକାରୀ ଉଦ୍ଧାରକ ବୋଲି କୁହାଯାଇ ପାରିବ କୌଣସି ବର୍ଗର ନୁହେଁ । ବାବା ସାହେବ ଆମ୍ବେଦକରଙ୍କୁ କୌଣସି ବର୍ଗର ନେତା ବୋଲି ପ୍ରମାଣିତ ନ କରି ରଷ୍ଟ୍ରୀୟ ସ୍ୱରୂପକୁ ପ୍ରସ୍ତୁତ କରି ତାଙ୍କ ସହ ନ୍ୟାୟ କରିବାର ସମୟ ଆସି ଯାଇଛି ।

## ଜୟ ହନୁମାନ ଜ୍ଞାନ ଗୁଣ ସାଗର...

### ଦେବରାଜ ପଟ୍ଟନାୟକ

ଦେବଭୂମି ଭାରତ। ଭାରତୀୟ ସଂସ୍କୃତିରେ ବିଭିନ୍ନ ଦେବ ଦେବୀଙ୍କ ଉପାସନା ପ୍ରଚଳିତ ଏବଂ ଏହି ଦେବଦେବୀଙ୍କ ମଧ୍ୟରେ ହନୁମାନଙ୍କ ଲୋକପ୍ରିୟତା ସର୍ବାଧିକ। ସେ ଏକାଧାରରେ ଜ୍ଞାନୀ, ଗୁଣୀ, ସିଦ୍ଧିଦାତା, ବଳବାନ ଓ ଦୁଷ୍ଟ ବିନାଶକ। ବଜରଙ୍ଗବଲୀଙ୍କ ନାମ ସ୍ମରଣ ମାତ୍ରେ ଘୁଞ୍ଚିଯାଏ ବିପଦ। ଅଞ୍ଜନା ପୁତ୍ର, କେଶରୀ ନନ୍ଦନ, ପବନ ପୁତ୍ର, କପିଶ୍ରେଷ୍ଠ ତାଙ୍କର ଆଉ ଗୋଟିଏ ଗୋଟିଏ ଶ୍ରଦ୍ଧା ପୂର୍ବକ ଉଚ୍ଚାରଣ ହୋଇଥିଲେ ହେଁ ରାମ ଭକ୍ତ ହନୁମାନ ଉଚ୍ଚାରଣରେ ସେ ସନ୍ତୋଷ ଲାଭ କରନ୍ତି। ଚିରଞ୍ଜୀବୀ, ନିତ୍ୟ ପୂଜ୍ୟ ମହାବୀର ହନୁମାନଙ୍କ ଜନ୍ମ ସଂପର୍କରେ ଋକ ବେଦ, ବ୍ରହ୍ମାଣ୍ଡ ଓ ବ୍ରହ୍ମ ବୈବର୍ତ୍ତ ପୁରାଣ, ବାୟୁ ପୁରାଣ, ସ୍କନ୍ଦ ପୁରାଣ, ରାମାୟଣ ଓ ମହାଭାରତତାଦି ବିଭିନ୍ନ ଗ୍ରନ୍ଥରେ ବ୍ୟାପକ ବର୍ଣ୍ଣନା ରହିଛି। ସମୁଦ୍ର ମନ୍ଥନ ପରେ ଭଗବାନ ବିଷ୍ଣୁ ଦିବ୍ୟ ମୋହିନୀ ରୂପ ଧରି ଦେବଗଣଙ୍କୁ ଅମୃତ ପରଶୁଥିବା ବେଳେ ତାଙ୍କୁ ନିରୀକ୍ଷଣ କରି ଶିବଙ୍କର ତେଜସ୍ଖଳିତ ହେଲା। ଋଷିମାନେ ତାହାକୁ ପତ୍ରପଟୁରେ ସଂଗ୍ରହ କରିଥିଲେ। ବାୟୁଦେବ ସେହି ଶିବତେଜକୁ ନେଇ କେଶରୀଙ୍କ ପତ୍ନୀ ଅଞ୍ଜନାଙ୍କ କର୍ଣ୍ଣ ମାଧ୍ୟମରେ ତାଙ୍କ ଦେହରେ ପ୍ରବେଶ କରାଇଥିଲେ। ଦେବୀ ଅଞ୍ଜନା ମଧ୍ୟ ଶିବଙ୍କୁ ସ୍ତୁତି କରି ବରଦାନ ପାଇଥିଲେ। ଯାହାଫଳରେ ଶିବଙ୍କ ତେଜରୁ ଏକାଦଶ ରୁଦ୍ର ରୂପେ ହନୁମାନଙ୍କ ପରି ସର୍ବଗୁଣ ସମ୍ପନ୍ନ ପୁତ୍ର ଲାଭ ହୋଇଥିଲା। ପୁରାଣରେ ଏହା ମଧ୍ୟ ବର୍ଣ୍ଣିତ ଯେ ଅଞ୍ଜନା ପୂର୍ବଜନ୍ମରେ



ପୁଞ୍ଜିକସ୍ଥଳା ନାମ୍ନୀ ଅପ୍ସରା ଥିଲେ ଏବଂ ଋଷି ଅଭିଶାପଗ୍ରସ୍ତା ଥିଲେ। ସେ ଯେତେବେଳେ ମାନବୀ ରୂପ ଧରି ସୁମେରୁ ଶିଖରରେ ବିହାର କରୁଥିଲେ ସେତେବେଳେ ତାଙ୍କ ରୂପ ଲାବଣ୍ୟ ସଂଦର୍ଶନ କରି ବାୟୁଦେବ ମଧ୍ୟ ଆକର୍ଷିତ ହୋଇ କେଶରୀଙ୍କ ଶରୀରରେ ମଧ୍ୟ ପ୍ରବେଶ କରିଥିଲେ। ବାୟୁଶକ୍ତି ବିଲକ୍ଷଣ ଗତିମାନ, ଚପଳ ଓ ଅମାପ ଶକ୍ତିସଂପନ୍ନ ଥିଲେ ହନୁମାନଙ୍କ ପିତା କେଶରୀ। ଆନନ୍ଦ ରାମାୟଣ ଅନୁଯାୟୀ ପୁତ୍ରେଷ୍ଟି ଯଜ୍ଞରେ ଅଗ୍ନିଦେବଙ୍କ ଠାରୁ ତିନୋଟି ପିଣ୍ଡ ଦଶରଥଙ୍କୁ ମିଳିଥିଲା। ସେଗୁଡ଼ିକ ତିନି ରାଣୀଙ୍କୁ ପ୍ରଦାନ କରା ଯାଇଥିଲା। କୈକେୟୀ କ୍ରୋଧିତା ଥିବାରୁ ନିଜ ଭାଗ ପିଣ୍ଡଟି ନେଲେ ନାହିଁ। ତାଙ୍କ ଭାଗଟି ପଡ଼ି ରହିଥିବା ବେଳେ ତାହାକୁ ଗୋଟିଏ ଚିଲ ଝାମ୍ପି ନେଇ ଅନ୍ୟତ୍ର ପକାଇ ଦେଇଥିଲା। ଯାହାକୁ ପାଇ ଖାଇବା ପରେ ଅଞ୍ଜନା ଗର୍ଭବତୀ ହୋଇଥିଲେ। ଦୁଇଟି ପିଣ୍ଡ ଖାଇଥିବା ତିନି ରାଣୀଙ୍କ ଗର୍ଭରୁ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଅର୍ଦ୍ଧ ପିଣ୍ଡରୁ ଜନ୍ମ ନେବାବେଳେ ପୂର୍ଣ୍ଣ ପିଣ୍ଡରୁ ଜନ୍ମ ହୋଇଥିଲେ ହନୁମାନ। ହନୁମାନଙ୍କୁ ନେଇ ଅନେକ କଥା କାହାଣୀ ରହିଛି। ତନ୍ମଧ୍ୟରେ କ୍ଷୁଧାତୁର ହନୁମାନ ଉଦିତ ସୂର୍ଯ୍ୟ ଅରୁଣ ବିମ୍ବକୁ ଲକ୍ଷ୍ୟ କରି ଲମ୍ଫ ପ୍ରଦାନ ପୂର୍ବକ ପବନ ବେଗରେ ସୂର୍ଯ୍ୟମଣ୍ଡଳରେ ପହଞ୍ଚିଥିଲେ। ଏହି ସମୟରେ ରାହୁ ମଧ୍ୟ ସୂର୍ଯ୍ୟଙ୍କ ଗ୍ରାସ କରିବା ପାଇଁ ସେଠାରେ ପହଞ୍ଚିଥିଲେ। ରାହୁଙ୍କୁ ବାଧକ ମନେକରି ହନୁମାନ ତାଙ୍କୁ ବାଧା ଦେବାରୁ ରାହୁ ଇନ୍ଦ୍ରଙ୍କ ଶରଣାପନ୍ନ ହୋଇଥିଲେ। ଇନ୍ଦ୍ର ହନୁମାନଙ୍କ ଉପରେ ବଜ୍ର ପ୍ରହାର କଲେ। ଫଳରେ ଉଦୟଗିରି ଶିଖରରେ ପଡ଼ି ହନୁମାନଙ୍କ ହନୁହାଡ଼ ଭାଙ୍ଗିଗଲା। ଏହି ଘଟଣାରେ ବାୟୁଦେବ କ୍ଷୁବ୍ଧ ହୋଇ ବାୟୁ ସଞ୍ଚାର ବନ୍ଦ କରିଦେଲେ। ଏଥିରେ ସମସ୍ତ ଜୀବଧାରୀ ବ୍ୟତିବ୍ୟସ୍ତ ହୋଇ ବ୍ରହ୍ମାଙ୍କ ପାଖରେ ଫେରାଦ ହେଲେ। ବ୍ରହ୍ମାଙ୍କ କର ସ୍ପର୍ଶରେ ହନୁମାନ ଦିବ୍ୟ ଜୀବନ ଲାଭ କଲେ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ସମୟରେ ହନୁମାନଙ୍କ ସାନ୍ନିଧ୍ୟ ଲାଭ କରିଥିଲେ। ହନୁମାନ ହିଁ ଲଙ୍କା ଗଡ଼କୁ ଯାଇ ସୀତାଙ୍କୁ ଠାବ କରିଥିଲେ। ରାମଙ୍କ ପରମ ଭକ୍ତ ଭାବେ ହନୁମାନଙ୍କ ପରିଚୟ ବ୍ୟାପକ।


ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ବକ୍ସି ବଜାର, କଟକ,
ମୋ: ୯୮୬୧୧୮୭୨୧୨




## ଓଡ଼ିଆ ନୂଆ ବରଷକୁ ଆମେ

### ଜୟନ୍ତ କୁମାର ମଲ୍ଲିକ୍



ପଣା ସଂକ୍ରାନ୍ତିର ପବିତ୍ର ତିଥିରେ
ଭକତିର ଦୀପ ଜାଳିବା
ଓଡ଼ିଆ ନୂଆ ବରଷକୁ ଆମେ
ମହା ଆନନ୍ଦରେ ପାଳିବା,

ଯାହାକୁ ଦେଖିବା ମୁରୁକି ହସିବା
ଜଣାଇବା ଅଭିନନ୍ଦନ
ଜନମ ଦିନରେ ପବନସୂତଙ୍କୁ
କରିବା ଆମେତ ବନ୍ଦନ,

ସେଯେ ମହାଯୋଗୀ ପରମ ବୈରାଗୀ
ପ୍ରଭୁ ଶ୍ରୀରାମଙ୍କ ଭକତ -
ପ୍ରମାଣ ନିମନ୍ତେ ଛାତି ଚିରି ଦେଇ
ବୁହାଇ ଥିଲେତ ରକତ,

ତାଙ୍କୁ ପୂଜା କଲେ ନିଷ୍ଠା ସହକାରେ
ଆଶିଷ ନିଶ୍ଚୟ ପାଇବା -

ମିଳି ମିଶି ଆସ ପଣାପିଇ ଆମେ
ଛତୁଆ ଭୋଗକୁ ଖାଇବା,

ମନପ୍ରାଣେ ଭରି ଭାଇଚାରା ଭାବ
ଆସ ଆମେ ଖୁସି ହୋଇବା -
ଦହିପଖାଳରୁ ପେଟେ ଖାଇ ଦେଇ
ରାତିରେ ଖୁସିରେ ଶୋଇବା।

ଅଅଅ


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


## ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ



### ବିକ୍ରମ ମହାପାତ୍ର

ଭାରତୀୟ ସଂସ୍କୃତିରେ ଜୀବନର ପ୍ରତ୍ୟେକ କ୍ଷଣ ପର୍ବ, ଉତ୍ସବ ଏବଂ ଆନନ୍ଦ ଉଲ୍ଲାସରେ ପରିପୂର୍ଣ୍ଣ। ଏହି ପର୍ବ ସମ୍ପୂର୍ଣ୍ଣ ସଂସ୍କୃତିକୁ ନେତୃତ୍ୱ ଦେଇଥାଏ। ଜନଜୀବନରେ ଉଲ୍ଲାସ ଭରିଦିଏ। ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ ଏକତା ସୃଷ୍ଟିକରେ। ମିଳିତ ଭାବରେ ଆନନ୍ଦ ଉଲ୍ଲାସରେ ସମସ୍ତେ ମାତି ଯାଆନ୍ତି ଓ ଖୁସୀ ମନାନ୍ତି। କାରଣ ମନୁଷ୍ୟ ସର୍ବଦା ଆନନ୍ଦର ସନ୍ଧାନୀ। ତାର ସ୍ୱରୂପ ମଧ୍ୟ ସଚ୍ଚିଦାନନ୍ଦ। ପର୍ବର ଅର୍ଥ ସନ୍ଧିକାଳ। ହିନ୍ଦୁପର୍ବ ସାଧାରଣତଃ ସନ୍ଧି ସମୟରେ ପଡ଼ିଥାଏ। ପୂର୍ଣ୍ଣିମା ଅମାବାସ୍ୟା ଇତ୍ୟାଦି ସୂର୍ଯ୍ୟ ସଂକ୍ରମଣରେ ପରିବର୍ତ୍ତନ ହେବାରୁ ସଂକ୍ରାନ୍ତି ମଧ୍ୟ ବଡ଼ ପର୍ବରୂପରେ ପାଳନ କରାଯାଇଥାଏ। ମହାବିଷୁବ ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହେଉଥିବାରୁ ସେ ଦିନ ଦେବଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭୋଗ, ପୂଜା, ହୋମ ଇତ୍ୟାଦି କରାଯାଏ। ସୂର୍ଯ୍ୟ ସକଳ ଶକ୍ତିର ଆଧାର ଓ ଆଲୋକର ଉତ୍ସ ଏବଂ ସୃଷ୍ଟିରେ ସକଳ ଜୀବଜନ୍ତୁ ଓ ବୃକ୍ଷଲତା ତାଙ୍କ ଦ୍ୱାରା ଜୀବନ ଧାରଣ କରୁଥିବାରୁ ହିନ୍ଦୁଧର୍ମରେ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ।

ପ୍ରତ୍ୟେକ ଗ୍ରହ ଓ ରାଶି ସହିତ ସୂର୍ଯ୍ୟଙ୍କର ପ୍ରଭାବ ଓ ସମ୍ପର୍କ ଥିବାରୁ ପଞ୍ଚଦେବତା ଉପାସନା ମଧ୍ୟରେ ସୂର୍ଯ୍ୟଙ୍କର ଉପାସନା ଅନ୍ୟତମ। ଏହି ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟ ବିଷୁବ ରେଖାରେ ରହୁଥିବାରୁ ଦିନରାତି ସମାନ ରହେ। ସୂର୍ଯ୍ୟ କର୍କଟ କ୍ରାନ୍ତିରେ ରହରହିବାରୁ ସୂର୍ଯ୍ୟଙ୍କର ତାପ ପ୍ରଖର ହୁଏ। ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କର କିରଣ ବୃଦ୍ଧି ହୋଇଥାଏ। ଏହି ସମୟରେ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ବେଲପଣା ଭୋଗ କରାଯାଏ। ବେଲ ଗ୍ରୀଷ୍ମଋତୁର ଫଳ ଏବଂ ବେଲରେ ମଧ୍ୟ ବହୁ ଔଷଧୀୟଗୁଣ ରହିଛି। ଗ୍ରୀଷ୍ମରେ ବେଲପଣା ପିଇଲେ ଅଂଶୁଘାତ, ବଦହଜମି ଭଳି ଗୁରୁତ୍ୱପୂର୍ଣ୍ଣରୋଗ ହୁଏନାହିଁ। ହେଲେ ଆଜିକାଲି ଅନେକ ଲୋକ ଅଛନ୍ତି ବେଲପଣା ବଦଳରେ ଥଣ୍ଡାପାନୀୟ ଗ୍ରହଣ କରନ୍ତି। ପୁନଶ୍ଚ ପଣା ସହିତ ଗ୍ରୀଷ୍ମ ଋତୁର ଯୋଗାଇବା, ନିରୋଗ ରଖିବା ସହିତ ମାନସିକ ସ୍ତରରେ ଶାନ୍ତି ମଧ୍ୟ ପ୍ରଦାନ କରିଥାଏ। ହେଲେ ଆଜି ଅନେକ ଲୋକ ତେଲଛଣା ଜିନିଷକୁ ପସନ୍ଦ କରନ୍ତି। ଫଳରେ ଏ ସବୁ ଖାଦ୍ୟ ସ୍ୱାସ୍ଥ୍ୟ ହାନୀର କାରଣ ହୋଇଥାଏ। ଖରାଦିନିଆ ଫଳରେ ପ୍ରସ୍ତୁତ ପଣା ଓ ଛତୁଆ ଶରୀରକୁ ନିରୋଗ ରଖିଥାଏ। ତେଣୁ ବୋଧହୁଏ ଏହି ସଂକ୍ରାନ୍ତିର ଅନ୍ୟନାମ ପଣାସଂକ୍ରାନ୍ତି। ଗ୍ରୀଷ୍ମ ଋତୁରେ ଜଳର ଅଭାବ ହୋଇଥାଏ। ତେଣୁ ଜଳଦାନକୁ ଶ୍ରେଷ୍ଠ ଦାନବୋଲି ବିଚାର କରି ପଣାସଂକ୍ରାନ୍ତି ଠାରୁ ପଥିକର ତୃଷ୍ଣା ନିବାରଣ ନିମିତ୍ତ ଜଳଛତ୍ର କରାଯାଏ। ଏହିଦିନ ପ୍ରତି ଗୃହରେ ତୁଳସୀ ଚଉରା ଉପରେ ଘଡ଼ିରେ ପାଣି ଦିଆଯାଏ। ଯଦ୍ୱାରା ତୁଳସୀ ବୃକ୍ଷ ଜଳପାଇ ବଞ୍ଚିରହିବ। ତୁଳସୀ ଗଛଟିକୁ ବଞ୍ଚାଇ ରଖିବାର ପଛରେ ଗୋଟିଏ ସୁନ୍ଦର ତତ୍ତ୍ୱ ନିହିତ ଅଛି। ସଂସାରରେ ଯେତେ ତରୁ-ତୃଣ ଅଛନ୍ତି ସମସ୍ତଙ୍କୁ ତ ବଞ୍ଚାଇ ହେବନି, ତେଣୁ ଅନ୍ତତଃ ଛୋଟିଆ ଗଛ ତୁଳସୀକୁ ପାଣିଟୋପାଏ ଦେଇ ବଞ୍ଚାଇ ରଖିବା ଉଚିତ୍। ତା'ଛଡ଼ା ତୁଳସୀ ଗଛକୁ ଆମେ ଦେବତା ଭାବରେ ପୂଜାକରୁ ଏବଂ ତୁଳସୀ ଆମର ଅନେକ ଉପକାରରେ ଆସିଥାଏ ମଧ୍ୟ। ତେଣୁ ଯେତେ ବଡ଼ ବଡ଼ ଗଛଲତା ପ୍ରାଣୀ ସମୂହ ଅଛନ୍ତି ସମସ୍ତଙ୍କୁ ଜଳ ଯୋଗାଇ ନପାରିଲେ ନାହିଁ, ବରଂ ଆମେ ସବୁଦିନ ସକାଳୁ ସଂଜଯାଏ ଯୋଉ ତୁଳସୀର ଦର୍ଶନ ପାଉ ସେଇ ତୁଳସୀକୁ ବଞ୍ଚାଇ ରଖିବାକୁ ଏ ସୁବ୍ୟବସ୍ଥା କରିଥାଉ। ଚଉରା ଉପରେ ନଡ଼ିଆପତ୍ର ଡାଳ ଦେଇ ଛାମୁଣ୍ଡିଆ ତିଆରିକରୁ ପୁଣି ପାଣି ମଧ୍ୟ ଦେଇଥାଉ। ପଣାସଂକ୍ରାନ୍ତି ଠାରୁ ବାୟୁର ଗତି ପ୍ରଖର ହୁଏ। ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷାପାଇବା ନିମନ୍ତେ ହନୁମାନଙ୍କୁ ପ୍ରାର୍ଥନା କରି ତାଙ୍କ ଜୟନ୍ତୀ ପାଳନ କରାଯାଏ। ପଣ୍ଡିତମାନଙ୍କର ମତରେ ଏହି ଦିନ ହନୁମାନଙ୍କୁ ପୂଜାର୍ଚ୍ଚନା କଲେ ସୂର୍ଯ୍ୟ ଓ ପବନ ଦେବତା ସନ୍ତୁଷ୍ଟ ହେବେ ଓ ଜନସମାଜ ଖୁସିରେ ରହିବେ।

ମହାବିଷୁବ ସଂକ୍ରାନ୍ତିଦିନ ଝାମୁଯାତ୍ରା ଉଦ୍‌ଯାପନ କରାଯାଏ। ମାସକ ପୂର୍ବରୁ ଏହି ବ୍ରତ ପାଳନ କରୁଥିବା ବ୍ରତୀମାନେ ସେଦିନ ପାଟୁଆ ବେଶରେ ସଜାଇ ହୋଇ ଜଳନ୍ତା ଅଗ୍ନି, ତୀକ୍ଷ୍ଣ ଖଡ୍ଗ ଉପରେ ଚାଲିବା ଭଳି କଷ୍ଟକର କାର୍ଯ୍ୟ କରିଥାନ୍ତି। ପୁନଶ୍ଚ କେତେକ ନିଜ ଶରୀରରେ କଣ୍ଟା ଫୋଡ଼ିବା ଠାରୁ ଆରମ୍ଭ କରି ବହୁ କୃଚ୍ଛ୍ର ସାଧନା ମଧ୍ୟ କରିଥାନ୍ତି। ସେଦିନ ଶିବ ପାର୍ବତୀ ଓ ମଙ୍ଗଳାଙ୍କୁ ପୂଜା କରାଯାଇଥାଏ। ଏହି ଯାତ୍ରା ବହୁ ସମାରୋହରେ ଗ୍ରାମ ମାନଙ୍କରେ ପାଳନ କରାଯାଏ। ଦଣ୍ଡପଟୁଆମାନେ ଏହି ଦିନ ତାଙ୍କର ବ୍ରତକୁ ଉଦ୍‌ଯାପନ କରିଥାନ୍ତି। ପ୍ରତ୍ୟେକ ସଂକ୍ରାନ୍ତି ବ୍ରତରେ ସୂର୍ଯ୍ୟଙ୍କର ପୂଜା କରାଯାଏ। ଶାସ୍ତ୍ରରେ ଅଛି ଯେଉଁମାନେ ଏ ବ୍ରତ ପାଳନ କରନ୍ତି ସେମାନଙ୍କର ଆୟୁ, ଯଶ, ସମ୍ମାନ ବୃଦ୍ଧି ହୁଏ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରତ୍ୟେକ ମନୁଷ୍ୟ ବ୍ରହ୍ମରନ୍ଧ୍ର ଦେଇ ସୂର୍ଯ୍ୟଙ୍କ ସହିତ ଯୁକ୍ତ। ତେଣୁ ମୃତ୍ୟୁ ସମୟରେ ଏହିବାଟ ଦେଇ ଗଲେ ତାର ପୁନର୍ଜନ୍ମହୁଏନା। ତେଣୁ ମହାବିଷୁବ ସଂକ୍ରାନ୍ତି ବିଶେଷ କରି ଉତ୍କଳର ଏକ ବିଶିଷ୍ଟ ପର୍ବରୂପେ ପରିଚିତ।


'ଆନନ୍ଦ ଜ୍ୟୋସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ

## ବେକରେ ଦଉଡି ଦେଇ ଆତ୍ମହତ୍ୟା କଲେ ବୃଦ୍ଧା ମୃତ୍ୟୁର କାରଣ ଅସ୍ପଷ୍ଟ

ଲଙ୍ଗଳେଶ୍ୱର/:୧୩।୪।(ନି.ପ୍ର) ବେକରେ ଦଉଡି ଲଗାଇ ଆତ୍ମହତ୍ୟା କଲେ ବୃଦ୍ଧା। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ଥାନା ଅର୍ନ୍ତଗତ ଜାମକୁଣ୍ଡା ଗ୍ରାମରେ। ସୂଚନାରୁ ପ୍ରକାଶ ପାଳଜାମକୁଣ୍ଡା ଗ୍ରାମର ଗଗନ ସାହୁଙ୍କ ପୁଅ ଗୋପାଳ ସାହୁ (୪୩) ଘରେ ପଶି ବେକରେ ରଶି ଲଗାଇ ଝୁଲି ରହି ଥିବାର ଘରଲୋକ ଦେଖିବାକୁ ପାଇଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ପୋଷ୍ଟ ମର୍ଟମ ପାଇଁ ପଠାଇବା ସହ ୟୁଡି କେସ୍ ନମ୍ବର ୧୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପରିବାରରେ ତଥା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

## କୈବର୍ତ୍ତ ସଂପ୍ରଦାୟର ଆରାଧ ପ୍ରଭୁ ଅନନ୍ତନାରାୟଣଙ୍କ ସପ୍ତାହ ବ୍ୟାପି ପୂଜାର୍ଚ୍ଚନା ଅନୁଷ୍ଠିତ

ନୀଳଗିରି -୧୩/୪(ନ.ପ୍ର) ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆପାଟଣା ଠାରେ କୈବର୍ତ୍ତ ସଂପ୍ରଦାୟର ଆରାଧ ଦେବତା ପ୍ରଭୁ ଅନନ୍ତନାରାୟଣଙ୍କ ପୂଜାର୍ଚ୍ଚନା ମହା ଧୁମଧାମରେ ପାଳିତ ହେଉଛି। ମା ଗୋପଚଣ୍ଡୀଙ୍କ ପୀଠରେ ଆୟୋଜିତ ଏହି ପୂଜାଉତ୍ସବରେ ଗ୍ରାମର ପ୍ରାୟ ଦୁଇଶହ କୈବର୍ତ୍ତ ପରିବାର ଭାଗନେଇ ସାତଦିନ ପର୍ଯ୍ୟନ୍ତ ଆମିଷ ବର୍ଜନ ସହିତ ଶ୍ରଦ୍ଧାର ସହ ପ୍ରଭୁଙ୍କ ଶରଣାପର୍ଣ୍ଣ ହୋଇଥାନ୍ତି। ୨୦୦୯ମସିହା ଠାରୁ ଗ୍ରାମର ଉଦଯୋଗି ଯୁବକଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି ଉତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭାଗ ନେଇଥିଲା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା ହୋଇଛି। ଆସନ୍ତା ୧୭ତାରିଖରେ ମନୋରଞ୍ଜନ ଧର୍ମୀ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାର କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ମଧୁସୂଦନ ଧାଉଁଡିଆ, ଉପସଭାପତି ପିତାମ୍ବର ଧାଉଁଡିଆ, କୋଷାଧ୍ୟକ୍ଷ ସୁକାନ୍ତ ଦାସଙ୍କ ସମେତ ବହୁ ସଦସ୍ୟଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ଉତ୍ସବ ପରିଚାଳିତ ହେଉଛି।

## ନୂତନ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସହିତ ୫୦୮ କଳସ ଯାତ୍ରା

ନୀଳଗିରି- ୧୩/୪ (ନି.ପ୍ର): ନୀଳଗିରି ଉପକଣ୍ଠ ରେମୁଣା ବ୍ଲକ ଅନ୍ତର୍ଗତ ଖରିଦ ମୁଖୁରା ଗ୍ରା:ପ ଗୋବିନ୍ଦପୁର ଗ୍ରାମରେ ଆସନ୍ତା ବୈଶାଖ ମାସ ୦୪ ଦିନ ଚଳିତ ଅପ୍ରେଲ ୧୭ ତାରିଖ ଗୁରୁବାର ଦିନଠାରୁ ଚାରିଦିନ ବ୍ୟାପୀ ନବନିର୍ମିତ ପ୍ରଭୂ ଶ୍ରୀ ଶ୍ରୀ ହନୁମାନ ଜୀଉଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ, ବିଗ୍ରହ ପ୍ରବେଶ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୈଦେକ ରୀତିରେ ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ ପବିତ୍ର ଉତ୍ସବରେ ପୂର୍ଣ୍ଣାହୂତି ପ୍ରଦାନ କରିବା ନିମନ୍ତେ ବହୁ ମହାନ ପୂଜ୍ୟ, ସାଧୁସନ୍ଥ ଓ ପ୍ରବଚକ ମାନଙ୍କର ଆଗମନ ସହିତ ସେମାନଙ୍କର ଧାର୍ମିକ ଓ ମାର୍ଗିକ ପ୍ରବଚନ ଶୁଣିବାର ସୁଯୋଗ ମିଳିବ । ଏଥି ସହିତ ଭଜନ ବିଶାରଦ ମାନଙ୍କ କଣ୍ଠରୁ ଠାକୁରଙ୍କ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ପ୍ରତ୍ୟକ ସନ୍ଧ୍ୟାରେ ଯଜ୍ଞ ମଣ୍ଡପ ନିକଟରେ ଧର୍ମ ସଭାର ଆୟୋଜନ ସହିତ ଗ୍ରାମବାସି ମାନେ ହବିଷାନ୍ନ ଭୋଜନର ଆୟୋଜନ ହେବାକୁ ଯାଉଛି ।

## ନରଣପୁର ପଂଚାୟତ ମିଶନଶକ୍ତି କାର୍ଯ୍ୟାଳୟ ଚୋରିକୁ ନେଇ ଦ୍ୱନ୍ଦ୍ୱ

ନୀଳଗିରି, ୧୩/୪ (ନି.ପ୍ର) : ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ମିଶନଶକ୍ତି କାର୍ଯ୍ୟାଳୟରେ ଗତ ଗୁରୁବାର ରାତ୍ରିରେ ଚୋରୀ ହୋଇଥିବା ନେଇ ଖବରପ୍ରକାଶ ପାଇଥିଲା। ଘଟଣାରୁ ପ୍ରକାଶ ଉକ୍ତ ରାତିରେ ନରଣପୁର ଦେହୁରୀସାହି ଗ୍ରାମର ବାବୁରାମ ଓରଫ ଦନେଇ ମଳିକ ନାମକ ଜଣେ ବ୍ୟକ୍ତି ହାଇସ୍କୁଲ ପଡିଆ ନିକଟରେ ଅବସ୍ଥିତ ମିଶନଶକ୍ତି ଘରେ ପଶି ଚୋରୀ କରୁଥିବା ସ୍ଥାନୀୟ ଲୋକେ ଦେଖି ବାହାରପଟୁ ସଟର ବନ୍ଦକରି ଏମବିକେ ସହିତ ଅନ୍ୟ ସଦସ୍ୟଙ୍କୁ ଜଣାଇବା ସହିତ ବରହମପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସଟର ଖୋଲି ଅଭିଯୁକ୍ତ ଦନେଇକୁ ଅଟକ ରଖି ପଚରାଉଚରା କରିଥିଲେ। ଶୁକ୍ରବାର ଅଭିଯୁକ୍ତ କୁହାଯାଉଥିବା ବାବୁରାମ ଓରଫ ଦନେଇ ବରହମପୁର ଥାନାରେ ପହଞ୍ଚି ନରଣପୁର ମିଶନଶକ୍ତିର ଏମବିକେଙ୍କ ସ୍ୱାମୀ କ୍ଷିତିଶ ମହାନ୍ତି ତାଙ୍କୁ ଘରସଫା କରିବା ପାଇଁ ଡାକି ସଟରଖୋଲି ଉକ୍ତ ଘରେ ଥିବା କାଗଜପତ୍ର ସବୁ ବାହାରକୁ ଫିଙ୍ଗିବାକୁ କହିଥିଲେ। ହଠାତ୍ ବାହାରଲୋକ ଆସୁଥିବା ଜାଣି ମୁଁ ଭିତରେ ଥିବା ଅବସ୍ଥାରେ ସଟର ବନ୍ଦ କରିଦେଇଥିଲେ।ପରେ ମୋତେ ଚୋର ସଜାଇ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ସଟରଖୋଲି ମାରଧର କରିଥିଲେ ବୋଲି ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୂର୍ବରୁ ଉକ୍ତ ମିଶନଶକ୍ତିରେ ଲକ୍ଷଲକ୍ଷ ଟଙ୍କା ଆତ୍ମସାତର ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଯାହା ସୂଚନାଆଇନ ବଳରେ ଲୋକଲୋଚନକୁ ଆସିଥିଲା। ଏନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଦାବିପରେ ଘଟଣାକୁ ଦିଗହରା କରିବା ପାଇଁ ଏଭଳି ଚୋରିର ଷଡ଼ଯନ୍ତ୍ର ରଚାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚାବି ନଭାଙ୍ଗି ତାଲା ଖୋଲିଲା କିଏ। ତାକୁ ଚାବି ଦେଲା କିଏ ?ଯଦି ଜଣେ ଚୋର ଚୋରୀ କରିବାକୁ ଆସିଥାଏ ତାହେଲେ କାର୍ଯ୍ୟଳୟରେ ଥିବା କମ୍ପ୍ୟୁଟର, ଫ୍ୟାନ ଓ ଅନ୍ୟାନ୍ୟ ଆସବାବପତ୍ର ଚୋରି କରିଥାଆନ୍ତା। ତାହା ନକରି କେବଳ ଦରକାରୀ କାଗଜପତ୍ର, ମହିଳା ମାନଙ୍କର ଆଧାରକାର୍ଡ଼, ଫାଇଲ ଇତ୍ୟାଦି ବାହାରକୁ ବାହାରକରି ଫିଙ୍ଗିବାର ମାନେ କଣ ? ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଦୁର୍ନୀତିକୁ ବାଟବଣା କରିବା ପାଇଁ ଯୋଜନାବଦ୍ଧ ଭାବେ ଅଡିଟ ରିପୋର୍ଟ ଯିବା ପୂର୍ବରୁ ଚୋରୀର ରୂପଦେଇ ଏମବିକେ, ସିଆରପି ସମେତ ଏଥିରେ ସଂପୃକ୍ତିଥିବା ଅନ୍ୟ ସଦସ୍ୟ ଖସି ଯିବାକୁ ଚେଷ୍ଟା କରାଯାଇଥିଲା।ଏନେଇ ବରହମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବା ବେଳେ ବାହାରେ ଫିଙ୍ଗା ଯାଇଥିବା କାଗଜପତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ସେପଟେ ମିଶନଶକ୍ତିର ଏମବିକେ ଶ୍ରୀମତୀ ମହାନ୍ତି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତେବେ ପ୍ରଶାସନ ଉପଯୁକ୍ତ ତଦନ୍ତକରି ଘଟଣାର ପର୍ଦ୍ଦାଫାଶ କରିବାକୁ ସାଧାରଣରେ ଦାବି ହୋଇଛି।

## ସ୍ୱର୍ଗତ ମନମୋହନ ସେଠୀଙ୍କ ସ୍ମୃତି ଚାରଣ ସଭାଞ୍ଚ




ଲଙ୍ଗଳେଶ୍ୱର ୧୩/୪(ନିପ୍ର) ଲଙ୍ଗଳେଶ୍ୱର ଅଞ୍ଚଳର ପ୍ରଥମ ଆଇ,ଆଇ, ଟି ଛାତ୍ର ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ ମନମୋହନ ସେଠୀ।ଭାରତ ସରକାରଙ୍କ ଏକ କମ୍ପାନୀ ର ଚାକିରି କରି ଅବସର ନେଇଥିଲେ। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଲଙ୍ଗଳେଶ୍ୱର ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଲଙ୍ଗଳେଶ୍ୱର ଉତ୍କଳ ମଣି ବରିଷ୍ଠ ନାଗରିକ ମଞ୍ଚ ଓ ବ୍ଲକ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ର ମିଳିତ ସହଯୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ନିତ୍ୟାନନ୍ଦ ଦାସ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ଶତୃଘ୍ନ ମଲ୍ଲିକ, ଅରବିନ୍ଦ ବେଜ, ବିନୋଦ ବିହାରୀ ଦାସ, ସମାଜସେବୀ ଚିତ୍ତରଞ୍ଜନ ଜେନା, ପୁରୁଷୋତ୍ତମ ସାହୁ,ଶିକ୍ଷାବିତ ଅନିରୁଦ୍ଧ ମଣ୍ଡଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ସ୍ମୃତି ଚାରଣ କରିବା ସହିତ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଶିକ୍ଷା କେନ୍ଦ୍ରର ପ୍ରଧାନ ଗୁରୁ ମାଆ ବୈଜୟନ୍ତି ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱର୍ଗତ ସେଠୀ ବିଭିନ୍ନ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଭାବରେ ନିଜର କାର୍ଯ୍ୟ ତୁଲାଇଥିଲେ। ଏହି ସ୍ମୃତି ସଭା ରେ ବିଭିନ୍ନ କମିଟି ର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ ଯୋଗଦେଇ ଥିଲେ।

## ଶିଖମାନେ ସେମାନଙ୍କ ଶୌର୍ଯ୍ୟ-ପରାକ୍ରମରେ ସର୍ବଦା ଦେଶ ଓ ଧର୍ମର ରକ୍ଷା କରିଛନ୍ତି : ଯୋଗୀ ଆଦିତ୍ୟନାଥ

ଲକ୍ଷ୍ନୌ, ୧୩/୦୪ : ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଖାଲସା ପନ୍ଥର ସ୍ଥାପନା ଦିବସ ଓ ବୈଶାଖୀ ପର୍ବ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ୟାହିଜଗଂଜ ସ୍ଥିତ ଗୁରୁଦ୍ୱାରରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ, ଗୁରୁ ଗୋବିନ୍ଦ ସିଂହ ୧୬୯୯ ମସିହାରେ ଖାଲସା ପନ୍ଥର ପ୍ରତିଷ୍ଠା କରି ଦେଶ ଓ ଧର୍ମର ରକ୍ଷା ପାଇଁ ବାର୍ତ୍ତା ଦେଇଥିଲେ । ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି ଯେ, ଗୁରୁ ଗୋବିନ୍ଦ ସିଂହଙ୍କ ସ୍ଥାପିତ ଖାଲସା ପନ୍ଥର ଉଦ୍ଦେଶ୍ୟ ଥିଲା ଯେ, ସକଳ ଜଗତରେ ଖାଲସା ପନ୍ଥ ଜାଗ୍ରତ ହେଉ, ହିନ୍ଦୁ ଧର୍ମ ଜାଗ୍ରତ ହେଉ । ଗୁରୁ ଗୋବିନ୍ଦ ସିଂହ ଔରଙ୍ଗଜେବଙ୍କ କ୍ରୁର ଶାସନ ବିରୁଦ୍ଧ ପଂଜ ପ୍ୟାରୋଙ୍କ ସହିତ ଖାଲସା ପନ୍ଥର ମୂଳଦୁଆ ରଖିଥିଲେ । ମୁଖ୍ୟମନ୍ତ୍ରୀ ଗୁରୁ ଗୋବିନ୍ଦ ସିଂହ ମହାରାଜଙ୍କ ଦ୍ୱାରା ସ୍ଥାପିତ ଖାଲସା ପନ୍ଥର ୩୨୫ ବର୍ଷର ଗୌରବଶାଳୀ ଯାତ୍ରା କଥା ଉଠାଇ କହିଛନ୍ତି ଯେ, ଶିଖ୍ ସମୁଦାୟ ପ୍ରତି ବିପରୀତ ପରିସ୍ଥିତିରେ ସେମାନଙ୍କ ଶୌର୍ଯ୍ୟ ଓ ପରାକ୍ରମରେ ଦେଶ-ଧର୍ମର ରକ୍ଷା କରିଛନ୍ତି । ସେମାନେ ଗୁରୁ ନାନକ ଦେବଙ୍କ ଠାରୁ ଆରମ୍ଭ ହୋଇଥିବା ଶିଖ୍ ପରମ୍ପରାକୁ ବିଶ୍ୱରେ ଅନୁପମ ବତାଇଥିଲେ ।

## ଲକ୍ଷ୍ନୌର ଗୋଟିଏ ପରିବାରର ପାଂଚଜଣଙ୍କର ରାଜସ୍ଥାନରେ ହୋଇଥିବା ସଡକ ଦୁର୍ଘଟଣାରେ ମୃତ୍ୟୁ

ଲକ୍ଷ୍ନୌ, ୧୩/୦୪ : ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ବାସିନ୍ଦା ଗୋଟିଏ ପରିବାରର ପାଂଚଜଣଙ୍କର ରାଜସ୍ଥାନର ଜୟପୁରରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି।ଏହି ସମସ୍ତେ ଦର୍ଶନ ପାଇଁ ଖାଟୁ ଶ୍ୟାମ ଯାଉଥିଲେ।ପୋଲିସ ମୃତକମାନଙ୍କୁ ଚିହ୍ନଟ କରିବା ଜାରି ରଖିଛି । ଏହି ଦୁର୍ଘଟଣା ରବିବାର ସକାଳ ଆଠଟା ସମୟରେ ଜୟପୁରର ଜମଓ୍ୱାରାମଗଢରେ ମନୋହରପୁର-ଦୌସାରାଜପଥରେ ଘଟିଥିଲା। ନେକାଓ୍ୱାଲା ଟୋଲ ନିକଟରେ ସମ୍ମୁଖରୁ ଆସୁଥିବା ଏକ ଟ୍ରଲର କାରକୁ ଜୋରଦାର ଧକ୍କା ଦେଇଥିଲା।କାର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା।ପୋଲିସ କାରକୁ ହେପାଜତକୁ ନେଇ ଏହା ଚିହ୍ନଟ କରିଛି, ଦୁର୍ଘଟଣାଗ୍ରସ୍ତ ପରିବାର ଲକ୍ଷ୍ନୌର ବାସିନ୍ଦା। ମୃତକଙ୍କ ମଧ୍ୟରେ ଦୁଇଜଣ ମହିଳାଦୁଇଜଣ ପୁରୁଷ ଏବଂ ଜଣେ ଶିଶୁ ଅଛନ୍ତି।ଏପର୍ଯ୍ୟନ୍ତ ସେମାନଙ୍କୁ ଚିହ୍ନଟ କରାଯାଇ ନାହିଁ। ରାୟସର ଥାନାର ପ୍ରଭାରୀ ନିରୀକ୍ଷକ ରଘୁବର ସିଂହ କହିଛନ୍ତି ଯେ ପ୍ରାଥମିକ ତଦନ୍ତ ଅନୁଯାୟୀ ଓଭରଟେକ ସମୟରେ ଏହି ସଡକ ଦୁର୍ଘଟଣା ଘଟିଥିବା ଜଣାପଡିଛି। ପୋଲିସ ମୃତକମାନଙ୍କ ଚିହ୍ନଟ କରିବାରେ ବ୍ୟସ୍ତ। ଅନ୍ୟପକ୍ଷରେ ଲକ୍ଷ୍ନୌ ପୋଲିସ ମଧ୍ୟ ରାଜସ୍ଥାନ ପୋଲିସ ସହିତ ସମ୍ପର୍କ କରି ଦୁର୍ଘଟଣା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପାଇବାକୁ ଚେଷ୍ଟା କରୁଛି।

## ଜାଲିଆନାୱାଲା ବାଗ ହତ୍ୟାକାଣ୍ଡର ସହିଦଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୩ ଏପ୍ରିଲ - କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର_ଧାନ ଆଜି ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ପୂର୍ତ୍ତି ଅବସରରେ ସହିଦଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଂଜଳି ଜ୍ଞାନ କରିଛନ୍ତି । ସେ ଏହି ହୃଦୟ ବିଦାରକ ଘଟଣାକୁ ଏକ ଏଭଳି କ୍ଷଣ କହିଛନ୍ତି ଯାହାକି ଦେଶର ଅନ୍ତରାତ୍ମାକୁ ଦୋହଲାଇ ଦେଇଥିଲା ଏବଂ ଭାରତର ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗ ଦେଇଥିଲା । ତାଙ୍କ ସୋସିଆଲ ମିଡିଆ ବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀ ୧୯୧୯ ଏପ୍ରିଲ ୧୩ରେ ଅମୃତସରରେ ବ୍ରିଟିଶ ଶାସନର ବର୍ବରତାର ଶିକାର ହୋଇଥିବା ନିରୀହ ପୁରୁଷ, ମହିଳା ଓ ପିଲାଙ୍କୁ ଶ୍ରଦ୍ଧାଂଜଳି ଦେଇ ଲେଖିଛନ୍ତି ଯେ, ଭାରତ ସେହି ସହିଦଙ୍କର ସର୍ବଦା ଋଣୀ ରହିବ । ସେ କହିଛନ୍ତି ଯେ, ସେହିଦିନର ଔପନିବେଶିକ କ୍ରୁରତା ଏକ ନୂଆ ରାଷ୍ଟ୍ରୀୟ ଚେତନାକୁ ଜନ୍ମ ଦେଇଥିଲା- ଯାହାକି ଆହୁରି ବି ଅଧିକ ପ୍ରଖର, ନିର୍ଭୟ ଓ ସ୍ୱାଧୀନତା ପାଇଁ ସଂକଳ୍ପିତ ଥିଲା ।

## ରାଜଧାନୀରୁ ପିଲା ଚୋରି

ଭୁବନେଶ୍ୱର, ୧୩/୦୪ : (ନି.ପ୍ର) ରାଜଧାନୀରୁ ପିଲା ଚୋରି। ରାମ ମନ୍ଦିର ସମ୍ମୁଖରୁ ରାତି ଅଧରେ ଛୁଆ ଚୋରି ହୋଇଛି । ଅନ୍ଧୁଣି ମାଆ ଖାରବେଳ ନଗର ଥାନାରେ ଗୁହାରି କରିଛି । ରାତି ୨ଟା ସମୟରେ ଦେଢ଼ ବର୍ଷର ପୁଅକୁ କିଏ ନେଇ ଯାଇଥିବା ଅଭିଯୋଗ କରୁଛନ୍ତି ଜୟନ୍ତୀ ମଲ୍ଲିକ। ଜୟନ୍ତୀ ରାମ ମନ୍ଦିର ସମ୍ମୁଖରେ ଭିକ ମାଗି ଚଳନ୍ତି। ଜୟନ୍ତୀଙ୍କ ଦୁଇଟି ଛୁଆ ଗୋଟିଏ ଝିଅ ୭ ବର୍ଷ ର ଗୋଟିଏ ପୁଅ ଦେଢ଼ ବର୍ଷର । ଗତକାଲି କେହି ଜଣେ ଯୁବକ ରାତି ଅଧରେ ଆସି ଜୟନ୍ତୀଙ୍କ ଦେଢ଼ ବର୍ଷର ପୁଅ ଶୁଭମଙ୍କୁ ନେଇ କି ପଳାଇଥିବାର ଘଟଣା ସାମ୍ନାକୁ ଆସିଛି । ଅଭିଯୋଗ ପରେ ଖାରବେଳ ନାଗର ଥାନା ଘଟଣାର ଛାନଭିନ କରୁଛି ।

## ଜାଲିଆଁୱାଲାବାଗ କାଣ୍ଡର ବାର୍ଷିକୀ ଉପଲକ୍ଷେ ସହିଦ୍ ମାନଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, ୧୩ /୦୪ : ଜାଲିଆଁୱାଲାବାଗ କାଣ୍ଡର ବାର୍ଷିକୀ ଉପଲକ୍ଷେ ଆଜି ସହିଦ୍ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ । ଅମୃତସରର ଜାଲିଆଁୱାଲାବାଗରେ ୧୯୧୯ ମସିହା ଅପ୍ରେଲ ୧୩ ତାରିଖରେ ହୋଇଥିବା ଏହି ହତ୍ୟାକାଣ୍ଡ ଦେଶର ସ୍ୱାଧିନତା ସଂଗ୍ରାମର ଦିଗ ବଦଳାଇ ଦେଇଥିଲା । ରାଷ୍ଟ୍ରପତି ଜାଲିଆଁୱାଲାବାଗରେ ଭାରତ ମାତା ନିମନ୍ତେ ନିଜ ଜୀବନ ଉତ୍ସର୍ଗ କରିଥିବା ସମସ୍ତ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କହିଥିଲେ ଯେ, ସେମାନଙ୍କର ବଳିଦାନ ଦ୍ୱାରା ଆମର ସ୍ୱାଧିନତା ସଂଗ୍ରାମର ଧାରା ଆହୁରି ପ୍ରବଳ ହୋଇଯାଇଥିଲା । କୃତଜ୍ଞ ଭାରତ ସର୍ବଦା ସେମାନଙ୍କ ନିକଟରେ ଋଣୀ ରହିବ । ତାଙ୍କର ବିଶ୍ୱାସ ରହିଛି ଯେ, ସେହି ଅମର ବଳିଦାନରୁ ପ୍ରେରଣା ନେଇ ସମସ୍ତ ଦେଶବାସୀ ଭାରତର ପ୍ରଗତିରେ ସମ୍ପୂର୍ଣ୍ଣ ତନ-ମନ-ଧନ ଦେଇ ନିଜର ଯୋଗଦାନ ଦେଇ ଚାଲିଥିବେ । ପ୍ରଧାନମନ୍ତ୍ରୀ ଜାଲିଆଁୱାଲାବାଗ ର ସହିଦ୍ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଥିଲେ ଯେ, ଆଗାମୀ ପିଢ଼ି ସେମାନଙ୍କର ଅଦମ୍ୟ ସାହାସକୁ ସର୍ବଦା ମନେ ରଖିବ । ଏହା ବାସ୍ତବରେ ଆମ ଦେଶର ଇତିହାସରେ ଏକ କଳା ଅଧ୍ୟାୟ । ସେମାନଙ୍କର ବଳିଦାନ ଭାରତର ସ୍ୱାଧିନତା ସଂଗ୍ରାମରେ ଏକ ମହତ୍ତ୍ୱପୂର୍ଣ୍ଣ ମୋଡ ସୃଷ୍ଟି କରିଥିଲା ।

## ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ

ଭଦ୍ରକ, ୧୩ /୦୪ : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଜାମଯୋଡ଼ି ପଂଚାୟତ ଅଧୀନ ଗଦିବଜାର ସ୍ଥିତ ମା’ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିଆରସିସି ବସନ୍ତ ବଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟାପିକ ସଂଯୁକ୍ତା ଭାରତୀ, ବରେଣ୍ୟ ଅତିଥି ଭାବେବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର କୁମାର ଭୂୟାଁ ଓ ନଛିବିନ୍ଧା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ଧଳ, ସମ୍ମାନିତ ଅତିଥିଭାବେ ସଂଗୀତକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ମଧୁସୂଦନ ନାୟକ, ବିଦ୍ୟାଳୟର ସଭାପତି ମନୋରଂଜନ ବଳ, ସମ୍ପାଦକ ବ୍ରଜବାହୁ ଦେବେନ୍ଦ୍ର କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ମା’ ମାନେ ଦାୟିତ୍ୱ ସମ୍ପନ୍ନ ହେଲେ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଚନ୍ଦ୍ରମଣି ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗୁରୁମା ସୁନିତା ଭୂୟାଁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହିଂସା ପ୍ରଭାବିତ ମୁର୍ଶିଦାବାଦରେ...

ସମେତ ଅନେକ ସମ୍ବେଦନଶୀଳ ଅଂଚଳରେ ସର୍ଚ୍ଚ ଅପରେସନ ଚଳାଇଥିଲେ ଏବଂ ରବିବାର ସକାଳେ ମଧ୍ୟ ରୁଟ ମାର୍ଚ୍ଚ ଜାରି ରହିଥିଲା।କୋଲକାତା ହାଇକୋର୍ଟ ଶନିବାର ବିଳମ୍ବିତ ସନ୍ଧ୍ୟାରେ ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି ନିର୍ଦ୍ଦେଶ ଦେଇଥିଲେ ଯେ ମୁର୍ଶିଦାବାଦ ସମେତ ରାଜ୍ୟର ଅନ୍ୟ ସମ୍ବେଦନଶୀଳ ଅଂଚଳରେ ଅର୍ଦ୍ଧସୈନିକ ବଳ ନିୟୋଜିତ କରାଯିବା ଉଚିତ।କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ରାଜ୍ୟରେ ଘଟୁଥିବା ଭଙ୍ଗାରୁଜା ଏବଂ ହିଂସା ଘଟଣା ପ୍ରତି ଆଖି ବନ୍ଦ କରି ବସିପାରିବେ ନାହିଁ।ଏହା ପରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ସ୍ଥାନୀୟ ଭାବରେ ପୂର୍ବରୁ ଉପସ୍ଥିତି ବୀଏସଏଫ ପ୍ରାୟ ୩୦୦ ଯବାନଙ୍କ ବ୍ୟତୀତ ଅତିରିକ୍ତ ପାଂଚଟି କମ୍ପାନୀକୁ ନିୟୋଜିତ କରିଛନ୍ତି।

### ୟୁକ୍ରେନ-ରୁଷ ଯୁଦ୍ଧ...

କିନ୍ତୁ ଏବେ ଡ୍ରୋନାଲ୍ଡ ଟ୍ରମ୍ପଙ୍କ ସାମ୍ପ୍ରତିକ ବୟାନ ପରେ ଏହାକୁ ଆମେରିକାର ଦୃଷ୍ଟିକୋଣରୁ ୟୁକ୍ରେନ-ରୁଷ ଯୁଦ୍ଧ ପ୍ରସଙ୍ଗରେ ତାଙ୍କ ପକ୍ଷ ବିଚାର କରାଯାଉଛି।ରାୟଟର୍ସ ଅନୁଯାୟୀ ରୁଷ ୨୦୨୨ରେ ୟୁକ୍ରେନର ପୂର୍ବ ଭାଗର ଚାରୋଟି ଅଂଚଳକୁ ନିୟନ୍ତ୍ରଣ ପାଇଁ ମିଶ୍ରଣ କରିବାକୁ ଚେଷ୍ଟା କରିଥିଲେ।

### ରାଜନୈତିକ ହିଂସାକୁ ନେଇ...

ଆରୋପ ପ୍ରତ୍ୟାରୋପ। ଆଜି ଆରୁହା ଗାଁକୁ ହିଙ୍ଗୁଳା ଯଜ୍ଞରେ ଯୋଗ ଦେବାକୁ ଯାଉଥିବା ବେଳେ ପ୍ରଣବଙ୍କ ଗାଡ଼ି ଉପରେ ହୋଇଛି ଆକ୍ରମଣ। ଘଟଣା ପଛରେ ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକଙ୍କ ସଂପୃକ୍ତି ଥିବା ପ୍ରଣବ ବଳବନ୍ତରାୟ ଅଭିଯୋଗ କରିଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି ହିମାଂଶୁ। କହିଛନ୍ତି ଏହା ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ। ଅନ୍ୟପଟେ ହିଙ୍ଗୁଳା ଆଞ୍ଚଳିକ କମିଟି ସଭାପତି କହିଛନ୍ତି, ବିନା ଡକରାରେ ଆସିଥିଲେ ପୂର୍ବତନ ବିଧାୟକ। ଯାଜପୁର ଧର୍ମଶାଳାରେ ପୁଣି ରାଜନୈତିକ ହିଂସା। ପୂର୍ବତନ ବିଧାୟକଙ୍କ ଗାଡ଼ି ଉପରେ ହମଲା। ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ଗାଡ଼ିକୁ ଆକ୍ରମଣ। ବିଟ୍ ରାସ୍ତାରେ ଅଟାଇଲେ କିଛି ଯୁବକ । ଠେଙ୍ଗାରେ ପିଟି ଗାଡ଼ି ଭାଙ୍ଗି ଦେବାକୁ ଉଦ୍ୟମ। ସ୍ଥାନ- ଯାଜପୁର ଆରୁହା । ସମୟ- ଦିନ ପ୍ରାୟ ଗୋଟାଏ। ଆରୁହା ଗାଁରେ ହିଙ୍ଗୁଳା ଯଜ୍ଞରେ ଯୋଗ ଦେବାକୁ କିଛି ସମର୍ଥକଙ୍କ ସହ ଆସିଥିଲେ ପ୍ରଣବ ବଳବନ୍ତରାୟ। ହଠାତ୍ ତାଙ୍କ ଗାଡ଼ି ସାମନାକୁ ମାଡି ଆସିଥିଲେ ଅନେକ ଲୋକ। କାହା ହାତରେ ଠେଙ୍ଗା ଥିଲା ତ କିଏ ଧରିଥିଲା ବାଡ଼ି। ପ୍ରଣବଙ୍କୁ ସେମାନେ ଯଜ୍ଞ ସ୍ଥଳକୁ ଯିବାକୁ ଦେଇ ନଥିଲେ। ବାଟ ଓଗାଳି ଜୋରଦାର ବିରୋଧ କରିଥିଲେ ପ୍ରାୟ ୫୦ରୁ ଅଧିକ ଯୁବକ। ଯାହାକୁ କେନ୍ଦ୍ର କରି ବେଶ କିଛି ସମୟ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଣବ ଅଭିଯୋଗ କରିଛନ୍ତି, ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକ ଏହି ଆକ୍ରମଣ କରିଛନ୍ତି। ଜୀବନରେ ମାରି ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୋଲିସ୍ ଉପରେ ଭରସା ନଥିବାରୁ ଏତଲା କରିବେ ନାହିଁ ବୋଲି କହିଛନ୍ତି ପ୍ରଣବ। ସେପଟେ ପ୍ରଣବ ବଳବନ୍ତରାୟଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଧାୟକ ହିମାଂଶୁ ସାହୁ । କହିଛନ୍ତି, ଏହା ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ। ଏଥିରେ ତାଙ୍କର ସଂପୃର୍କ ନାହିଁ। ଯିଏ ଦୋଷୀ ସିଏ ଦଣ୍ଡ ପାଇବ।

### ତିନି ଦିନିଆ ପ୍ରଶିକ୍ଷଣ...

ଟିପ୍ସ ଦେଇଛନ୍ତି ବିଜେପି ସଂଗଠନର ଟପ୍ ଥ୍ରୀ ନେତୃତ୍ୱ। ୨୦୩୬ ଯାଏଁ ପାର୍ଟିକୁ କ୍ଷମତାରେ ରଖିବାକୁ ଦେଇଛନ୍ତି ଆହ୍ୱାନ। ଏହାସହ ଗଚ, ଗଖଇମାନେ କିପରି ନିଜ ଅଫିସ୍ ଚଳାଇବେ ଆଉ କଥାବାର୍ତ୍ତା ବେଳେ କେମିତି ସଞ୍ଜମତା ରଖିବେ ସେ ନେଇ ମନ୍ତ୍ର ଦେବା ସହ ଅତିକମରେ ମାସକୁ ଗାଁରେ ୭ ଦିନ ରହିବାକୁ ପରାମର୍ଶ ଦିଆଯାଇଛି। ନିଜେ କ୍ଷମତାରେ ରୁହ କି ନ ରୁହ, ପାର୍ଟି କ୍ଷମତାରେ ରହିବା ଦରକାର। ଉତ୍ତର ପ୍ରଦେଶ ଢାଞ୍ଚାରେ ନିଜ ନିଜ ନିର୍ବାଚନ ମଣ୍ଡଳୀର ଡେଭଲପମେଣ୍ଟ ପ୍ଲାନ ପ୍ରସ୍ତୁତ କର। ଲୋକଙ୍କ ସହ କଥା ହେଲା ବେଳେ ନମ୍ରତା ଏବଂ ଶାଳୀନତା ରଖ। ପ୍ରଶିକ୍ଷଣ ଶିବିରର ଶେଷ ଦିନରେ ବିଜେପି ନେତାଙ୍କୁ ଏମିତି ଟିପ୍ସ ଦେଇଥିଲେ ବିଜେପିର ସଂଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ, ସହ ସଂଗଠନ ମନ୍ତ୍ରୀ ଭି. ସତୀଶ ଏବଂ ସଂଗଠନ ସାଧାରଣ ସମ୍ପାଦକ ସୁନୀଲ ବଂଶଲ। କହିଥିଲେ, ୨୦୩୬ ପାଇଁ ବିଜେପି ସରକାର ଯେଉଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି. ତାକୁ ସଫଳ କରିବାକୁ ଦଳ କ୍ଷମତାରେ ରହିବା ଦରକାର। ଏମିତି କାମ କର ତୁମେ କ୍ଷମତାରେ ଥାଅ କି ନଥାଅ ଦଳ କ୍ଷମତାରେ ରହୁ। ଏହା ସହ ଦାଦନ ଏବଂ ସାମାଜିକ ଅଭିବୃଦ୍ଧି ନେଇ ଏକ ସେସନରେ ୟୁପି ମଡେଲ୍ ଦେଖାଇ କହିଥିଲେ ରାଜ୍ୟ ଡେଭଲପମେଣ୍ଟ ପ୍ଲାନ ଭଳି ବିଧାୟକମାନେ ବି ନିଜ ନିଜ ନିର୍ବାଚନ ମଣ୍ଡଳୀର ଡେଭେଲପମେଣ୍ଟ ପ୍ଲାନ ପ୍ରସ୍ତୁତ କରନ୍ତୁ। ପ୍ରତି ୩ ମାସରେ ଥରେ ସମୀକ୍ଷା କରି ରିପୋର୍ଟ ତିଆରି କରନ୍ତୁ।

## ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀରେ ବାଣ କାରଖାନାରେ ବିସ୍ଫୋରଣ, ୮ମୃତ, ୬ ଆହତ



ଅନକାପଲ୍ଲୀ, ୧୩ ଏପ୍ରିଲ - ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀରେ କୋଟାଭୁରାଟଲା ମଣ୍ଡଳର କୈଳାସପଟ୍ଟନମରେ ଏକ ବାଣ କାରଖାନାରେ ରବିବାର ଭୟାବହ ବିସ୍ଫୋରଣ ପରେ ନିଆଁ ଲାଗିବା କାରଣରୁ ୨ଜଣ ମହିଳାଙ୍କ ସମେତ୮ଜଣ ଲୋକଙ୍କ ମୃତ୍ୟୁ ହୋଇଛି ।ସେହିପରି ୬ଜଣ ଆହତ ହୋଇଛନ୍ତି । ଆହତଙ୍କୁ ହସ୍ପିଟାଲ ନିଆଯାଇଛି, ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସୂଚନା ପାଇବା ମାତ୍ରେ ଦମକଳ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଂଚିଛନ୍ତି ଏବଂ ରେସକ୍ୟୁ କାମ ଆରମ୍ଭ କରିଛନ୍ତି । ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବଚ ନାଇଡୁ ଦୁଃଖ ପ୍ରକାଶ କରିଛନ୍ତି । ଜିଲ୍ଲାପାଳଙ୍କୁ ପୂରା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କୋଟାଭୁରାଟଲା ମଣ୍ଡଳ କେନ୍ଦ୍ରରୁ ତିନି କିଲୋମିଟର ଦୂର କୈଳାସପଟ୍ଟନମରେ ଏକ ବାଣ କାରଖାନାରେ ଦିପାବଳୀ ପାଇଁ ବାଣ ତିଆରି କାମ ଚାଲୁଥିଲା । ଆଜି ବାଣ ତିଆରି କରିବା ସମୟରେ ହଠାତ୍ ଭୀଷଣ ବିସ୍ଫୋରଣ ହୋଇଥିଲା ଏବଂ କାରଖାନା ବିଲ୍ଡିଂର ଏକ ଅଂଶ ଭୁଶୁଡିପଡିଥିଲା ଏବଂ ନିଆଁ ଲାଗିଯାଇଥିଲା ।

## କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ମଧ୍ୟପ୍ରଦେଶରେ ଦୁଗ୍ଧ ସଂଘ ଓ ଏନଡିଡିବି ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୋପାଳ, ୧୩ /୦୪ : କେନ୍ଦ୍ର ଗୃହ ଏବଂ ସହକାରିତା ମନ୍ତ୍ରୀ ଅମିତ ଶାହଙ୍କ ମୁଖ୍ୟ ଆତିଥ୍ୟରେ ରାଜଧାନୀ ଭୋପାଳରେ ରବିବାର ଦ୍ୱିପ୍ରହରରେ ରବୀନ୍ଦ୍ର ଭବନରେ ରାଜ୍ୟସ୍ତରୀୟ ସହକାରିତା ସମ୍ମିଳନୀର ଶୁଭାରମ୍ଭ ହୋଇଛି । ଏହି ଅବସରରେ ମଧ୍ୟପ୍ରଦେଶର ରାଜ୍ୟ ସହକାରୀ ଦୁଗ୍ଧ ସଂଘ ଓ ଜାତୀୟ ଡାଏରୀ ବିକାଶ ବୋର୍ଡ ମଧ୍ୟରେ ରାଜ୍ୟରେ ଦୁଧର ଉତ୍ପାଦନ ଓ ପ୍ରସଂସ୍କରଣ ବୃଦ୍ଧି କରିବା ପାଇଁ ଅନୁବନ୍ଧ ହୋଇଛି । ଏହାସହିତ ମଧ୍ୟପ୍ରଦେଶର ୬ ଦୁଗ୍ଧ ସଂଘ ଓ ଏନଡିଡିବି ମଧ୍ୟରେ ୬ଟି ଭିନ୍ନ ଭିନ୍ନ ଏମଓୟୁ ସ୍ୱାକ୍ଷରିତ ହୋଇଛି । କାର୍ଯ୍ୟକ୍ରମରେ ଡ. ମୋହନ ଯାଦବ, ସହକାରିତା ମନ୍ତ୍ରୀ, ପଶୁପାଳନ ଓ ଡାଏରୀ ବିକାଶ ମନ୍ତ୍ରୀଙ୍କ ସହିତ ନ୍ୟାସନାଲ ଡାଏରୀ ଡେଭଲପମେଂଟ ବୋର୍ଡ ଓ ମଧ୍ୟପ୍ରଦେଶର ସହକାରିତା ପଶୁପାଳନ ଏବଂ ଡାଏରୀ ବିଭାଗର ଅଧିକାରୀମାନେ ବି ଉପସ୍ଥିତ ଥିଲେ ।

## ଅପରାଜିତାଙ୍କ ପାଇଁ ନିଜ ଦଳ ବଡ଼ : ସୁଲୋଚନା

ଭୁବନେଶ୍ୱର, ୧୩/୦୪ : ରାଜଧାନୀ ପ୍ରତିଷ୍ଠା ଦିବସରେ ବିଜେପିର ନେତୃତ୍ୱଙ୍କୁ (ଅପରାଜିତା, ବାବୁ ସିଂ ) ନିମନ୍ତ୍ରଣ ହୋଇଥିଲେ ମଧ କେହି ବି ଆଜି ରାଜଧାନୀ ପ୍ରତିଷ୍ଠା ଦିବସରେ ଯୋଗ ଦେଇନଥିଲେ । ନିମନ୍ତ୍ରଣ କାର୍ଡରେ ମଧ ଅପରାଜିତା ଓ ବାବୁ ସିଂ ଙ୍କ ନାମ ରହିଥିଲା, ହେଲେ କାହାର ଦେଖା ମିଳିନଥିଲା । ଅନ୍ୟପଟେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହାକୁ ନେଇ ବିଜେପିକୁ ଟାର୍ଗେଟ କରିଛନ୍ତି ମେୟର ସୁଲୋଚନା ଦାସ । ସୁଲୋଚନା କହିଛନ୍ତି ସାଂସଦ ପୂର୍ବରୁ ଅନେକ ଥର ତାଙ୍କୁ କୌଣସି କାର୍ଯ୍ୟକ୍ରମରେ ଡାକ ଯାଉନାହିଁ ବୋଲି ବାରମ୍ବାର ଅଭିଯୋଗ କରନ୍ତି । ତାଙ୍କୁ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେବ ପାଇଁ ନିମନ୍ତ୍ରଣ କରଯାଇଥିଲା । ହେଲେ ସେ ଆସିଲେ ନାହିଁ । ତାଙ୍କ ପାଇଁ ରାଜଧାନୀ ଭୁବନେଶ୍ୱର ଅପେକ୍ଷା ନିଜ ଦଳ ବଡ଼ ହେଇଗଲା । ସେ ଚାହିଁଥିଲେ ଆସିପାରିଥାନ୍ତେ । ଏଠି ଯୋଗ ଦେଇ ପୁରୀରେ ହେଉଥିବା ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇପାରିଥାନ୍ତେ । ବିଜେପି ବିଧାୟକଙ୍କୁ ମଧ ନିମନ୍ତ୍ରଣ ହୋଇଥିଲା । ହେଲେ ସେମାନଙ୍କ ପାଇଁ ଦଳ ବଡ ହେଇଗଲା ବୋଲି କହି ନିଶାନା ସାଧିଛନ୍ତି ମେୟର ସୁଲୋଚନା ଦାସ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହନୁମାନ ଜୟନ୍ତୀ ପାଇଁ ସାରା ଓଡ଼ିଶାରେ ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର, ୧୩ /୦୪ :(ନି.ପ୍ର) ହନୁମାନ ଜୟନ୍ତୀ ପଶ୍ଚିମ, ପୂର୍ବ ଓ ଉତ୍ତର ଓଡିଶାରେ ପାଳନ କରାଯାଏ । ୯ ଟି ଜିଲ୍ଲା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଏହା ପାଳନ କରାଯାଏ । ଏନେଇ ଆଇନ ଶୃଙ୍ଖଳା ଏଡିଜି ସୂଚନା ଦେଇଛନ୍ତି । ହନୁମାନ ଜୟନ୍ତୀ ପାଇଁ ୭ କମ୍ପାନୀ ସିଏସପିଏଫ ଅଛନ୍ତି । ତିନୋଟି କମ୍ପାନୀ ଆରଏପିଏଫ ମୁତୟନ. ୨୦୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ୬୫୦ସିସିଟିଭି କ୍ୟାମେରା ଲାଗିଛି । ୫୦ଟି ଡ୍ରୋନ ଲାଗିଛି । ସବୁ ଜିଲ୍ଲାରେ କଂଟ୍ରୋଲ ରୁମ ଖୋଲା ଯାଇଛି । ସମ୍ବଲପୁରରେ ୨୦ ଟି ଅତିରିକ୍ତ ଗାଡି ଦିଆଯାଇଛି । ଗାଡିରେ ୩୬୦ କ୍ୟାମେରା ଲାଗିଛି । ସେସବୁ ଗାଡି ସହରରେ ବୁଲିବ । ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପୋଲିସ ବ୍ୟାରିକେଡ୍ କରାଯାଇଛି । ହିଟୱେଭ ପାଇଁ ପାଣି, ମେଡିକାଲ ଫ୍ୟାସିଲିଟି କରାଯିବ । ଅପରାଧୀଙ୍କ କାର୍ଯ୍ୟକଳାପ ଉପରେ ପୋଲିସ ନଜର ରଖିବ । ସୋସିଆଲ ମିଡିଆରେ ଉପରେ ନଜର ରଖାଯାଇଛି । ସମ୍ବଲପୁରରେ ବଡ଼ ବଡ଼ ଏଲସିଡି ଲାଗିଛି । ସିସିଟିଭି ଓ ଡ୍ରୋନ ସହ ଏଲସିଡି ଯୋଡି ହୋଇକି ରହିଛି । ଯାହା ଫଳରେ ସବୁ ଲାଇଭ ଦେଖିହେବ । କାଲି ସକାଳୁ ଫୋର୍ସ ସବୁଠି ମୁତୟନ ହୋଇଯିବେ । ପ୍ରୋସେସନ ଉପରେ ପୋଲିସ ନଜର ରଖିବ । ସାଦା ପୋଷକଧାରୀ ପୋଲିସ ନଜର ରଖିବେ । ସୋସିଆଲ ମିଡିଆ ଉପରେ ପୋଲିସ ନଜର ରଖାଯାଇଛି । ଯେଉଁମାନେ ରିୟୁମର କରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପୋଲିସ । ସମ୍ବଲପୁର, ଝାରସୁଗୁଡା, ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର କଟକ ସୁନ୍ଦରଗଡ଼ରେ ନଜର ରଖିଛି ପୋଲିସଫ । ଏନେଇ ଆଜି ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ମୁଖ୍ୟ ଶାସନ ସଚିବ, ଡିଜି, ଜିଲ୍ଲା ଏସପି, ଜିଲ୍ଲାପାଳ, ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ସହଯୋଗର ଦଶମ ବାର୍ଷିକ ଉତ୍ସବ ପାଳିତ




ଭୁବନେଶ୍ୱର, ୧୩/୦୪: (ନି.ପ୍ର) ସଂଧ୍ୟା ସମୟରେ ଲେଖକ କଲ୍ୟାଣ ନ୍ୟାସ 'ସହଯୋଗ'ର ଦଶମ ବାର୍ଷିକ ଉତ୍ସବ ଓ ନବମ ସହାୟତା - ସମ୍ବର୍ଦ୍ଧନା ଉତ୍ସବ ବୁଦ୍ଧମନ୍ଦିରରେ ପାଳିତ ହୋଇଯାଇଛି। ସଭାରେ ବହୁ ବିଶିଷ୍ଟ ଅତିଥି ଯଥା ବିଖ୍ୟାତ ଐତିହାସିକ ଓ ଲେଖକ ଶ୍ରୀଯୁକ୍ତ ସତ୍ୟବାଦୀ ବଳିୟାରସିଂ ମୁଖ୍ୟ ଅତିଥି, ବିଶିଷ୍ଟ ସମାଲୋଚକ ପ୍ରଫେସର୍ ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ବିଶିଷ୍ଟ ସଂପାଦକ ଓ ଏକନିଷ୍ଠ ସାହିତ୍ୟସାଧକ ଶ୍ରୀଯୁକ୍ତ ନିହାର ଶତପଥି ସମ୍ମାନୀତ ଅତିଥି, ବିଶିଷ୍ଟ ସାହିତ୍ୟିକ ଓ ସଂଳାପକାର ଡକ୍ଟର ରଜନୀରଂଜନ ସମ୍ମାନିତ ବକ୍ତା ଓ ବିଶିଷ୍ଟ କଥାଶିଳ୍ପୀ ଡକ୍ଟର ଯଶୋବନ୍ତ ସାମଲ ଅନ୍ୟତମ ଅତିଥିଭାବେ ଯୋଗଦାନ କରିଥିଲେ। ସଭାର ସଭାପତିତ୍ୱ କରିଥିଲେ 'ସହଯୋଗ'ର ପ୍ରତିଷ୍ଠାତା ଓ ସଭାପତି ଶ୍ରୀଯୁକ୍ତ ଅନୀଲ କୁମାର ପାଢୀ। ସଂପାଦକୀୟ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସହଯୋଗର ସଂପାଦକ ଓ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋପାଳକୃଷ୍ଣ ଆଚାର୍ଯ୍ୟ। ଖର୍ଚ୍ଚ ବାବଦ ସୂଚନା ଦେଇଥିଲେ କୋଷାଧକ୍ଷ ଓ ବିଶିଷ୍ଟ ଭ୍ରମଣକାହାଣୀ ଲେଖକ ଶ୍ରୀଯୁକ୍ତ ଅମିୟ କୁମାର ପାଢୀ। ମୁଖ୍ୟସଭାର ସଂଯୋଜକ ଥିଲେ ଯୁବ ସାହିତ୍ୟିକ ଶ୍ରୀଯୁକ୍ତ ରବିନ ଖଣ୍ଡାୟତରାୟ ଓ ଶ୍ରୀ ରଜତରଶ୍ମୀ ସ୍ୱାଇଁ। କବିତାପକ୍ଷର ସଂଯୋଜନା କରିଥିଲେ କବୀ ପ୍ରଭାତି ଜେନା ଓ କ୍ଷଣପ୍ରଭା ମହାନ୍ତି। ଦୁଇ ବିଶିଷ୍ଟ ସଂଗୀତଜ୍ଞ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପୃଷ୍ଟି ଓ ଶ୍ରୀଯୁକ୍ତ ସୌମେନ୍ଦ୍ର ଆଚାର୍ଯ୍ୟ ସଂଗୀତ ପରିବେଷଣ କରିଥିଲେ। ନିମନ୍ତ୍ରିତ ୩୦ ଜଣ କବି କବିତାପାଠ କରି ସମ୍ବର୍ଦ୍ଧିତ ହୋଇଥିଲେ। ଏଥର ସହଯୋଗ ସହାୟତା - ସମ୍ବର୍ଦ୍ଧନା ପୁରସ୍କାର ପ୍ରାପ୍ତ ହୋଇଥିଲେ ବର୍ଷୀୟାନ୍ ସାହିତ୍ୟିକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ରଥ। ତାଂକୁ ଅଂଗବସ୍ତ୍ର ଓ ମାନପତ୍ର ସହିତ ୨୦୦୦୦/- ଟଂକାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଦ୍ରୌପଦୀ ପାଢୀ ସ୍ମୃତି ସହଯୋଗ ଗୀତିକବିତା ସମ୍ମାନ ଶ୍ରୀଯୁକ୍ତ ବନମାଳୀ ପାତ୍ର, ନିରଂଜନ ପାଢୀ ସ୍ମୃତି ସହଯୋଗ ଗଳ୍ପ ସମ୍ମାନ ଡକ୍ଟର ସ୍ମୃତି ପଟ୍ଟନାୟକ ଓ ଅନ୍ନହରି ସ୍ମୃତି ସହଯୋଗ ସଂପାଦକ - ସାମ୍ବାଦିକ ସମ୍ମାନ ଶ୍ରୀଯୁକ୍ତ ବନମାଳୀ ସେନାପତି, ସହଯୋଗ ସଂସ୍କୃତି ସମ୍ମାନ ଶ୍ରୀଯୁକ୍ତ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପୃଷ୍ଟି ଓ ଶ୍ରୀଯୁକ୍ତ ସୌମ୍ୟରଂଜନ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଡକ୍ଟର ମାନସ ରଂଜନ ପଟନାୟକଙ୍କ ପ୍ରଦତ୍ତ ଦଶମଶ୍ରେଣୀ ପାଇଁ ସବିତା ସ୍ମୃତି ସହଯୋଗ ସୁମେଧା ସମ୍ମାନ ଭାବେ ୫୦୦୦/- ଟଂକାର ଅର୍ଥରାଶି ସହିତ ପ୍ରମାଣପତ୍ର ଦୃଷ୍ଟିବାଧିତା ଛାତ୍ରୀ ସୁଶ୍ରୀ ତୁଳସୀ ଦାସଂକୁ ଓ ଶ୍ରୀ ନିକୁଞ୍ଜ ବିହାରୀ ଦାସଂକ ଲକ୍ଷ୍ମୀପ୍ରିୟା ଦାସ ସହଯୋଗ ସୁମେଧା ସମ୍ମାନ ଭାବେ ଦ୍ୱାଦଶଶ୍ରେଣୀ ପାଇଁ ୧୦୦୦୦/- ଟଂକାର ଅର୍ଥରାଶି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ସୁଶ୍ରୀ ଦୀପ୍ତିମୟୀ ରାଉତଂକୁ। ସହଯୋଗର ବର୍ଷିୟାନ୍ ଉପଦେଷ୍ଟାମଣ୍ଡଳୀ ଯଥା ପ୍ରଫେସର ମନୋରଂଜନ ଦାସ, ପ୍ରୋଫେସର ଡକ୍ଟର ଅନନ୍ତ ନାରାୟଣ ଜେନା, ସମାଜସେବୀ ଶ୍ରୀଯୁକ୍ତ ପ୍ରଣବ ଛୋଟରାୟ ଓ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ବସୁଦେବ ସାମଲ ନିଜନିଜର ବକ୍ତବ୍ୟ ରଖିଥିଲେ।

# କଣ୍ଟାପାଳ ହାଇସ୍କୁଲ ରେ ଓଡ଼ିଆ ପକ୍ଷ ପାଳିତ



ବାରିପଦ, ୧୪/୦୪ : (ନି.ପ୍ର) ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାପାଳ, ପରିସରରେ ଓଡ଼ିଆ ପକ୍ଷ ପାଳନ ହୋଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ଙ୍କ ସଭାପତିତ୍ୱରେ ବିଭିନ୍ନ ଦିବସରେ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଖଡ଼ି ଛୁଆଁ ଦିବସ, ପାରମ୍ପରିକ ପୋଷାକ ପରିଧାନ ଅଭିଯାନ ,ବରପୁତ୍ରଙ୍କ ଉପରେ ଆଲୋଚନା ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ଅସ୍ମିତା କୁ ବଜାୟ ରଖିବାକୁ ପ୍ରଧାନଶିକ୍ଷକ ସମସ୍ତ ଙ୍କୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ଶିକ୍ଷକ ଆଶିଷ ରଂଜନ ବାସୁରୀ ଙ୍କ ସଂଯୋଜନା ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ, ଶିକ୍ଷକ ମହେଶ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଅନିଶା ବେହେରା ଓ ପୁଷ୍ପାଞ୍ଜଳୀ ସେଠୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ ।

# ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ୭ମ ଦିନ




ବାରିପଦା,୧୩/୦୪: (ନି.ପ୍ର) ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ତଥା ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଏସୋସିଏସନ, ଓଡିଶାର ସହଯୋଗରେ ଜିଲ୍ଲା ସ୍ତରୀୟ ୧୫ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟ - 'ମୁଖ୍ୟମନ୍ତ୍ରୀ କପ' ର ୭ମ ଦିନର ୧ମ ମ୍ୟାଚରେ ଶାନ୍ତିନିକେତନ ଯୁବକ ସଙ୍ଘ ଖେରୱାଲ ଜୁମିଦକୁ ୫-୦ ଗୋଲରେ ପରାସ୍ତ କରିଥିଲା ଓ ରାମଚନ୍ଦ୍ର ଟୁଡୁ ୨ଟି, ଶ୍ୟାମଚରଣ ମାଝୀ, ସହଦେବ ସୋରେନ ଓ ରତନ ସୋରେନ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ ଓ ୨ୟ ମ୍ୟାଚରେ ଫିଉଚର ଷ୍ଟାର ସ୍ପୋର୍ଟସ ଆର ପି ଜେ ଜେ କ୍ଲବକୁ ୩-୦ ଗୋଲରେ ପରାସ୍ତ କରିଥିଲା ଓ ସୁକୁଲ ବାସ୍କେ, ରାମଚନ୍ଦ୍ର ହେମ୍ବ୍ରମ ଓ ତପୁ କିସ୍କୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ ଓ ବାପୁନ କୁମାର ମହାନ୍ତ,ରବୀନ୍ଦ୍ର ନାଥ ଟୁଡୁ, ସମ୍ରାଟ ହେମ୍ବ୍ରମ, ରତ୍ନାକର ସୋରେନ, ଶାନ୍ତନୁ କୁମାର ନାୟକ ଓ ଅମ୍ବିକା ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ ଓ ୧ମ ମ୍ୟାଚରେ ଅତିଥି ଭାବେ ଯୋଗ ଦେଇ ସମାଜସେବୀ ନିରୋଜ ଲୋଚନ ଦାସ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ୨ୟ ମ୍ୟାଚରେ ଅତିଥି ଭାବେ ଯୋଗ ଦେଇ ବାରିପଦା ବାର ଏସୋସିଏସନର ଉପ ସଭାପତି ସତ୍ୟବ୍ରତ ଦାଶ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅମ୍ବିକା ରାଉତ ଓ ମଣ୍ଟୁ ଦା ଉପସ୍ଥିତ ଥିଲେ ଓ ଆସନ୍ତା କାଲି ସକାଳ ୮ଟା ରେ ଶିମିଳିପାଳ ସ୍ପୋର୍ଟସ କ୍ଲବ ଓ ନବଜ୍ୟୋତି ଯୁବକ ସଙ୍ଘ ଏବଂ ଅପରାହ୍ନ ୪ଟାରେ ଡ୍ରାଗନ ଯୁବକ ସଙ୍ଘ ଓ ଇଣ୍ଡିପେଣ୍ଡେଣ୍ଟ ସ୍ପୋର୍ଟସ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

# ବଟେଶ୍ୱର ତନ୍ତୀ ସାହି ସ୍ଥିତ ପ୍ରଥମ ହନୁମାନ ବାବୋସା ମନ୍ଦିରର ଜନ୍ମୋତ୍ସବ ଅନୁଷ୍ଠିତ

ବାଲେଶ୍ୱର, ୧୩/୦୪ : (ନି.ପ୍ର) ମତ ଅନୁସାରେ ସର୍ବପ୍ରଥମେ ପ୍ରଭୁ ହନୁମାନ ବାବୋସାଙ୍କର ମନ୍ଦିର ମହାବିଷୁବ ସଂକ୍ରାନ୍ତି ହନୁମାନ ଜୟନ୍ତୀ ଦିନ ସ୍ଥାନୀୟ ଜନସାଧାରଣଙ୍କ ସାହାଯ୍ୟ ସମର୍ଥନରେ ସହରର ବଟେଶ୍ୱର୍ ତାନ୍ତିସାହି ଲେନ୍ ରେ ମହାସମାରୋହରେ ପ୍ରତିଷ୍ଠିତ ହୋଇ ଘଟ ଉତ୍ତୋଳନ, ପୂଜା, ଯଜ୍ଞ ପରାୟଣ, ଭଜନ, କୀର୍ତ୍ତନ, ପ୍ରସାଦ ବଣ୍ଟନ ଓ ସେବନ ମଧ୍ୟରେ ଶ୍ରୀ ହନୁମାନ ବାବୋସା ଙ୍କର ଜୟନ୍ତୀ ଇତି ମଧ୍ୟରେ ଶୁଭ ଉଦ୍ଘାଟିତ ହୋଇଯାଇଛି । ଆଖ ପାଖ ଅଂଚଳରେ ବହୁ ଶ୍ରଦ୍ଧାଳୁ ଙ୍କ ସମେତ କମିଟିର ସଭାପତି ପ୍ରତିଷ୍ଠିତ ବ୍ୟକ୍ତିତ୍ୟ ଅରବିନ୍ଦ ଦେ, ମନ୍ଦିର ପୂଜକ ଆଇନଜିବୀ ନିରଞ୍ଜନ ହୋତା, ଯୁବ ସମାଜସେବୀ ଅଭିଳାଷ ଦେ, ରଘୁନାଥ ଆଡ୍ୟ, ଅକ୍ଷୟ ଚାନ୍ଦଙ୍କ ସମେତ ସ୍ଥାନୀୟ ବାସିନ୍ଦା ଏହି କମିଟି ରେ ସଂଳିଷ୍ଟ ଥାଇ ସବୁ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରୁଛନ୍ତି। ଚଳିତ ୧୪ ଓ ୧୫ ତାରିଖ ମହାବିଷୁବ ପଣା ସଂକ୍ରାନ୍ତି, ସୌର ନବବର୍ଷ, ପୂଜା, ଯଜ୍ଞ, ପରାୟଣ, ୨୦୦ ଲୋକଙ୍କ ପ୍ରସାଦ ସେବନର ବ୍ୟବସ୍ଥା ଆସନ୍ତା ଦୁଇ ଦିନ ଧରି ରହିବ ବୋଲି ପ୍ରକାଶ।

# ବାଲି ସୈରତାରୁ ଚାନ୍ଦା ମାଗିବାକୁ ନେଇ ଗଣ୍ଡଗୋଳ



ଜଳେଶ୍ୱର,୧୩/୪-(ନିପ୍ର):ବାଲି ସୌରତାରୁ ସେୟାର ନ ଦେବା ଏବଂ ମାସକୁ ୫ ଲକ୍ଷ ଟଙ୍କା ଚାନ୍ଦା ଦେବାକୁ ମନା କରିବାରୁ ବିୟର ବୋତଲରେ ଆକ୍ରମଣ କରି ଯୁବକର ମୁଣ୍ଡ ଫଟାଇଲେ ଦୃବୃତ୍ତ, ଯୁବକ ଗୁରୁତ୍ୱର, ଥାନାରେ ମାମଲା, ପୋଲିସର ତଦନ୍ତ ଜାରି ।ଏଭଳି ଘଟଣା ଘଟିଛି ଜଳେଶ୍ୱର ଥାନା ଅଧୀନରେ ।ଚାଲନ୍ତି ଗ୍ରାମର ସୁବାଷ ପ୍ରମାଣିକ ନାମକ ଯୁବକ ବସ୍ତା ତହସିଲ ଅଞ୍ଚଳରେ ସରକାରୀ ବାଲି ସୈରାତ ଲିଜ ଆକାରରେ ନେଇ ଚଳେଇ ଆସୁଥିଲା ବେଳେ ଶନିବାର ସନ୍ଧ୍ୟା ୬ ଟା ସମୟରେ ହଳଦିପଦା ଅଂଚଳର ବାପୁନୁ ନାମକ ଯୁବକ ଆସି ହୋଟେଲକୁ ଖାଇବା ପାଇଁ ଡାକି ସାଥିରେ ନେଇ ଯାଇଥିଲେ ।ଉଭୟ ୬୦ ନମ୍ବର ଜାତୀୟ ରାଜପଥରେ ଥିବା ହୋଟେଲ ରାଜପଥରେ ଖାଉଥିବା ସମୟରେ ବାଲି ସୈରାତ ରୁ ସେୟାର ମାଗିଥିଲେ ମାତ୍ର ସୁବାଷ ମନା କରି ଥିଲେ ।ଏହି ସମୟରେ ଶାନ୍ତିଆ ଗ୍ରାମର ପିଙ୍କୁ, ମୁନା ଓ ବସ୍ତା ଅଞ୍ଚଳର ରାଜା ନାମକ ଯୁବକ ଆସି ବାଲି ସୌରତ ରୁ ସେୟାର ଦିଅ ନ ହେଲେ ମାସକୁ ୫ ଲକ୍ଷ ଟଙ୍କା ଚାନ୍ଦା ଦିଅ ବୋଲି ଦାବୀ କରି ବିୟର ବୋତଲରେ ସୁବାଷ ର ମୁଣ୍ଡକୁ ଆକ୍ରମଣ କରିଥିଲେ ।ଆକ୍ରମଣରେ ସୁବାଷ ର ମୁଣ୍ଡ ଫାଟିବା ସହିତ ସେ ଗୁରୁତ୍ୱର ହୋଇଛନ୍ତି ।ସୁବାଷ ନ୍ୟାୟ ପାଇଁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ପୋଲିସ ଅଭିଯୋଗ ପାଇ ତଦନ୍ତ ଜାରୀ ରଖିଥିବା ଜଣା ପଡ଼ିଛି ।

# ମୁମ୍ବାଇ ଏୟାରପୋର୍ଟରୁ ୬.୩ କୋଟି ଟଙ୍କାର ସୁନା ଜବତ: ଯାତ୍ରୀ ଗିରଫ

ମୁମ୍ବାଇ, ୧୩/୦୪ : ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟର ଟିମ୍ ମୁମ୍ବାଇ ଏୟାରପୋର୍ଟରେ ବ୍ୟାଙ୍କକରୁ ଆସୁଥିବା ଜଣେ ଯାତ୍ରୀଙ୍କୁ ଧରିଛନ୍ତି, ତାଙ୍କ ନିକଟରୁ ୬.୩ କୋଟି ଟଙ୍କା ମୂଲ୍ୟର ସୁନା ଜବତ ହୋଇଛି । ଯାତ୍ରୀ ଜଣକ ୬.୭ କିଲୋଗ୍ରାମ ସୁନା ଛଡ ତାଙ୍କ ଜୋତାରେ ଚତୁରତାର ସହ ଲୁଚାଇ କରି ଆଣିଥିଲେ । ଡିଆରଆଇ ସୂତ୍ର ମୁତାବକ ତାଙ୍କ ଟିମକୁ ବ୍ୟାଙ୍କକରୁ ଜଣେ ଯାତ୍ରୀଙ୍କ ସଂପର୍କରେ ଗୋପନୀୟ ସୂଚନା ମିଳିଥିଲା । ଏହାପରେ ଡିଆରଆଇ ଟିମ୍ ଗତକାଲି ରାତିରେ ମୁମ୍ବାଇ ଏୟାରପୋର୍ଟରେ ନଜର ରଖିଥିଲା । ବ୍ୟାଙ୍କକରୁ ଆସୁଥିବା ଜଣେ ଯାତ୍ରୀଙ୍କୁ ରୋକାଯାଇଥିଲା । ତଲାସୀ ଅଭିଯାନ ସମୟରେ ତାଙ୍କ ଜୋତାରୁ ୬.୭ କିଲୋଗ୍ରାମ ସୁନା ଛଡ ମିଳିଥିଲା । ଯାତ୍ରୀଙ୍କୁ ଗିରଫ କରାଯାଇଛି । ମାମଲାର ଛାନଭିନ ଜାରି ରହିଛି ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ର କୁଡ଼ିଆର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାଲେଶ୍ୱର,୧୩/୦୪ (ନି.ପ୍ର) କୁଡ଼ିଆ ବୁଆଁଳ ଗ୍ରାମ ପଂଚାୟତର କୁଡ଼ିଆ ଗ୍ରାମରେ ଅବସ୍ଥାପିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଦ୍ୱାଦଶ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ମାୟାଧର ମହାଳିକ ଯୋଗ ଦେଇ ପିଲାମାନଙ୍କ ସୁସ୍ଥ ମାନସିକ ଜୀବନଯାପନରେ ଅଭିଭାବକମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ ଓ ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲାମାନଙ୍କୁ ନୈତିକ ଓ ମୂଲ୍ୟବୋଧ ଶିକ୍ଷା ପ୍ରଦାନ ଦିଗରେ ଅନୁଷ୍ଠାନର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଗଣେଶ ଚନ୍ଦ୍ର ପାଢ଼ୀ ଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ବରିଷ୍ଠ ଗୁରୁଜୀ ସତ୍ୟ ଶୋଭନ ସାହାଣୀ ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ପରିଡା ଯୋଗ ଦେଇ ନିଜନିଜର ବକ୍ତବ୍ୟ ରଖିଥଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଲିଜାରାଣୀ ଦେ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁଜୀ ତରୁଣ ମହାଳିକ ଧନ୍ୟବାଦ ଅର୍ପଣ କରିଥଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଭାଗବତ ମହାନ୍ତି, ଅନ୍ୟତମ ସଦସ୍ୟ ଜଗଦୀଶ ମହାପାତ୍ର ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟରଖିଥିଲେ କ୍ଷଏହି ଅବସରରେ ଉତ୍କଳ ଶିକ୍ଷା ପରିଷଦ ତରଫରୁ ଚଳିତ ବର୍ଷ ଶ୍ରେଷ୍ଠ ସଭାପତି ହିସାବରେ ଗଣେଶ ଚନ୍ଦ୍ର ପାଢ଼ୀ ଙ୍କୁ ସ୍ୱତନ୍ତ୍ର ମାନପତ୍ର ସହ ଉପଢୌକନ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗ ବିଶେଷ କରି ସରକାରୀ ମେଧାବୃତ୍ତି ପରୀକ୍ଷା ଓ ଅନ୍ୟାନ୍ୟ କୃତି ପିଲାମାନଙ୍କୁ ଅତିଥି ଙ୍କମାନେ ପୁରସ୍କୃତ କରିଥିଲେ। ଏହା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗୀତିନାଟ୍ୟ ପରିବେଷଣ ହୋଇଥିଲା। ଶିକ୍ଷା କେନ୍ଦ୍ରର ସମସ୍ତ ଗୁରୁଜୀ ଗୁରୁମା ନିରୁପମା ବାରିକ, ବର୍ଷାରାଣୀ ମହାନ୍ତି, ମନୋରମା ନାୟକ, ମନୋରମା ପଣ୍ଡା, ବିଶାଳ କୁମାର ସାହୁ, ସୋନାଲି ବିନ୍ଧାଣି ହଯୋଗିତାରେ ଉତ୍ସବଟି ସାଫଲ୍ୟ ମଣ୍ଡିତ ହୋଇଛି।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର



ବେତନଟୀ, ୧୩/୪ :(ନି.ପ୍ର) ଓଡ଼ିଆ ପକ୍ଷ ପାଳନ ଅବସରରେ ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ କାର୍ଯ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା ଙ୍କ ସଂଯୋଜନାରେ ? ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଯୋଗ ଦେଇ ଉଦଘାଟନ କରି ନିଜ ବକ୍ତବ୍ୟରେ ରକ୍ତ ଦାନ ଏକ ମହତ ଦାନ ବୋଲି କହିଥିଲ ଓ ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ କମିଟି କୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ , ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅମ୍ବିକା ବାରିକ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ଯୁବ ସାମ୍ବାଦିକ ଶାନ୍ତନୁ ପଣ୍ଡା, ଦଳ ର ବିରିଷ୍ଠ ସଦସ୍ୟ ମନୋରଞ୍ଜନ ରାଉତ, ବରିଷ୍ଠ ସଦସ୍ୟ ରବିନ୍ଦ୍ର ମହାନ୍ତି , ନିରଞ୍ଜନ ମହାନ୍ତି, ହିମାଂଶୁ କବାଟ, ମହିଳା ମୋର୍ଚ୍ଚା ସଭାପତି ମିନା ମହାନ୍ତି, ମହିଳା ମୋର୍ଚ୍ଚା ସଦସ୍ୟ ମନ୍ଦାକିନୀ ସାହୁ, ପଦ୍ମମାଳୀ ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତି ମହାନ୍ତି, ଗିତାଞ୍ଜଳୀ ଭୂୟାଁ, ପିଙ୍କି ସ୍ୱାଇଁ, ରଞ୍ଜୀତା କର ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ କୁ ଏହି ପ୍ରୟାସ କୁ ପ୍ରଶଂସା କରିଥିଲେ । ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ନିର୍ଲେସ ଦାସ , ନର୍ସିଂଗ ଅଫିସର ଛ୍ବି ମହାନ୍ତି , ପ୍ରଫୁଲ୍ଲ ମାଝୀ, ସକୁନ୍ତଳା ମହାନ୍ତ , କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଓକିଲ ରଣଜୀତ ଗନ୍ତାୟତ, ଓକିଲ ଅର୍ନବ ଘୋଷ, ବିରକିଶୋର ବିଶ୍ୱାଳ, ଭାଗିରଥୀ ମିସ୍ତ୍ରୀ, ଦିପ୍ତିକାନ୍ତ ସେଠୀ, ରାକେଶ କୁମାର ମହାନ୍ତ , କେଶବ ନାଥ, ସଂଜୀବ ଜେନା, କ୍ଷୀତିଶ ମହାନ୍ତ , ଗୌର୍ବ ନାଥ,ଶେଷରେ ଯୁ ସଂଗଠକ ଚନ୍ଦ୍ର ଶେଖର ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ତିରୁବନାମଲାଇରେ କାର୍ -ବସ୍ ଧକ୍କା : ୪ ମୃତ

ଚେନ୍ନାଇ, ୧୩ /୦୪ : ତିରୁବନାମଲାଇରେ ରବିବାର ସକାଳେ ଏକ କାର୍ ଓ ସରକାରୀ ବସ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ମୃତକ ମାନଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ତିରୁବନାମଲାଇ ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଛି । ରବିବାର ଭୋର୍ ପ୍ରାୟ ୩ଟା ୩୦ ସମୟରେ ସୋମାସିପାଡି ଗ୍ରାମ ଠାରୁ ଅନତିଦୂର କଟ୍ଟୁକୁଲମ ନିକଟରେ ଏହି ଦୁର୍ଘଟଣା ଘଟିଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ ।

# ୧୬ ଜିଲ୍ଲାର ବିଜେଡି ଜିଲ୍ଲା ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର, ୧୩/୦୪ : (ନି.ପ୍ର) ୧୬ ଜିଲ୍ଲାର ବିଜେଡି ଜିଲ୍ଲା ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସନ୍ଧ୍ୟାରେ ବିଜେଡି ଘୋଷଣା କରିବ ଜିଲ୍ଲା ସଭାପତିଙ୍କ ନାମ । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ୧୬ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କରିବ ବିଜେଡି । ବିଜେଡିର ସାଙ୍ଗଠନିକ ନିର୍ବାଚନ ପରିଚାଳନା କାର୍ଯ୍ୟକ୍ରମ ଚୂଡାନ୍ତ ହେବାକୁ ଯାଉଛି । ଚତୁର୍ଥ ପର୍ଯ୍ୟାୟ ପ୍ରକ୍ରିୟାରେ ୧୬ ଜିଲ୍ଲାର ନାମାଙ୍କନ ଆସିଛି । ଆଉ ୭ ଜିଲ୍ଲା ପାଇଁ ରାସ୍ତାରେ ଅଛନ୍ତି । ସେହି ୧୬ ଜିଲ୍ଲାରୁ ଜଣେ ହିଁ ନାମାଙ୍କନ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।. ଆଜି ସନ୍ଧ୍ୟାରେ ନାଁ ଘୋଷଣା କରାଯିବ । ଏହା ପରେ ପଂଚମ ପର୍ଯ୍ୟାୟରେ ଷ୍ଟେଟ କାଉନସିଲ ଓ ଷଷ୍ଠ ପର୍ଯ୍ୟାୟରେ ଷ୍ଟେଟ କାର୍ଯ୍ୟକାରୀ ନିର୍ବାଚନ ହେବ । ଯେଉଁଥିରେ ରାଜ୍ୟ ସଭାପତି ନିର୍ବାଚନ ହେବ । ଏହା ପରେ ଅନ୍ୟ ପଦ ପାଇଁ ନିର୍ବାଚନ ହେବା ସହ ବ୍ଲକ, ପୌର ସଭାପତି ନିର୍ବାଚନ ହେବ । ଯୁବ, ଛାତ୍ର ଓ ମହିଳା ସଭାପତି ନିର୍ବାଚନ ବି ରାଜ୍ୟ ସଭାପତିଙ୍କ ଅନୁମୋଦନରେ ହେବ ବୋଲି ପ୍ରତାପ କେଶରୀ ଦେବ କହିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida